R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୮
ତିଥି: ପଞ୍ଚମୀ
୦୨ ସେପ୍ଟେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 328
02 September 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା

ଭୁବନେଶ୍ୱର, ୧।୯ (ସବ୍ୟ) : ରାଜ୍ୟରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କମିବାରେ ନାଁ ନେଉନି । ଗୋଟିଏ ପରେ ଗୋଟିଏ ଲଘୁଚାପ ଯୋଗୁଁ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଉଛି। ଫଳରେ ନଦୀ ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଲଗାତାର ୩ଟି ବନ୍ୟାରୁ ସମ୍ପୂର୍ଣ୍ଣ ଭାବେ ମୁକୁଳି ପାରିନଥିବା କ୍ଷତିଗ୍ରସ୍ତମାନେ ପୁଣି ବନ୍ୟାକୁ ସମ୍ମୁଖୀନ ହେବାକୁ ଯାଉଛନ୍ତି। ଗତ ୨୪ ଘଣ୍ଟାରେ



- ବାଙ୍ଗିରିପୋଷିରେ ୩୦୯ ମିମି ବର୍ଷା
- ଜାମଶୋଳାଘାଟରେ ବିପଦ ସଙ୍କେତ ଟପିଲା
- ୫ରେ ଆସୁଛି ଆଉ ଏକ ଲଘୁଚାପ

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାରେ ଜଳସ୍ତର ବିପଦ ସଙ୍କେତ ଟପିଛି । ଯେଉଁଥିପାଇଁ ତଳିଆ ଅଞ୍ଚଳରେ ବନ୍ୟା ଭୟ ସୃଷ୍ଟି ହେଉଛି । (୯ ପୃଷ୍ଠାରେ)

## ବୁଢ଼ାବଳଙ୍ଗରେ ତୃତୀୟ ବନ୍ୟା

ବେତନଟୀ, ୧।୯ (ସବ୍ୟ) : ଲଗାତାର ଲଘୁଚାପଜନିତ ବର୍ଷା ଯୋଗୁ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ନଦୀକୂଳିଆଙ୍କର ନିଦ ହଜିଯିବା ସହ ଆର୍ଥିକ ମେରୁଦଣ୍ଡ ମଧ୍ୟ ଭାଙ୍ଗିଗଲାଣି । ଶିମିଳିପାଳ ସମେତ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ତଥା ଉପରମୁଣ୍ଡରେ ଅତ୍ୟଧିକ ବର୍ଷା ପାଇଁ ବିଭିନ୍ନ ନଦୀରେ ବନ୍ୟା ସ୍ଥିତି ଦେଖାଦେଇଛି । ରବିବାର ଏବଂ ସୋମବାର ବୃଷ୍ଟିପାତ ଜୋର ହୋଇଥିବା ବେଳେ ମଙ୍ଗଳବାର ସୁଦ୍ଧା ବୁଢ଼ାବଳଙ୍ଗରେ ବନ୍ୟାଜଳ ବୃଦ୍ଧି ପାଇ ଅପରାହ୍ନ ସୁଦ୍ଧା ବଡ଼ସାହି ସମେତ ବେତନଟୀ ନଦୀ ପାଶ୍ୱର୍ ଗ୍ରାମରେ ପାଣି ପଶି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ବେତନଟୀ ଓ ବଡ଼ସାହି ବ୍ଲକର ନାଖରା, ପାଟଳିପୁରା, ଶାଳଗାଁ,

**ଘରେ ପଶିଲା ପାଣି, ଚାଷୀ ହତାଶ**

**ଜିଲ୍ଲାପାଳ, ଏସ୍‌ପିଙ୍କ ସ୍ଥିତି ସମୀକ୍ଷା**

ଦାରିହା, କାଠପାଳ, ସିଂଲାମୁଣ୍ଡଳି ଭଳି ବିଭିନ୍ନ ତଳିଆ ଅଞ୍ଚଳରେ ଅଧିକ ପରିମାଣରେ ପ୍ରଭାବିତ (୯ ପୃଷ୍ଠାରେ)

# ଆତଙ୍କବାଦ କ୍ଷେତ୍ରରେ ଦୋହରା ମାପଦଣ୍ଡର ସ୍ଥାନ ନାହିଁ : ମୋଦୀ



ନୂଆଦିଲ୍ଲୀ, ୧।୯ : ଯୁଦ୍ଧ କ୍ଷେତ୍ରରେ କୌଣସି ସମାଧାନ ନାହିଁ। ସମସ୍ତ ବିବାଦ କଥାବାର୍ତ୍ତା ଓ କୂଟନୀତି ମାଧ୍ୟମରେ ସମାଧନା ହୋଇପାରିବ। ଆତଙ୍କବାଦୀ ଇକୋ ସିଷ୍ଟମକୁ ଭଙ୍ଗାଯିବା ଦରକାର। ଆତଙ୍କବାଦ କ୍ଷେତ୍ରରେ ଦୋହରା ମାପଦଣ୍ଡର ସ୍ଥାନ ନାହିଁ ବୋଲି ସାଂଘାୟୀ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ଏସ୍‌ସିଓ ସମିଟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, (୯ ପୃଷ୍ଠାରେ)

## ସିଜେପି ଆନ୍ଦୋଳନରେ ସାମିଲ ଛାତ୍ରଙ୍କୁ ଆଶ୍ୱସ୍ତି

# ସମସ୍ତ ଏତଲା ରଦ୍ଦ ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧।୯ : ଯନ୍ତରମନ୍ତରରେ ଜୁଲାଇ ୨୦ରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ଯେଉଁ ଛାତ୍ରମାନେ ପ୍ରତିବାଦ କରିଥିଲେ ସେମାନଙ୍କୁ ବଡ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ଆଜି ଜୁଲାଇ ୨୦ ରୁ ଜୁଲାଇ ୨୫ ମଧ୍ୟରେ ପ୍ରତିବାଦକାରୀଙ୍କ ନାମରେ ହୋଇଥିବା ସବୁ ଏତଲାକୁ ରଦ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ତେବେ ଅପରାଧିକ ଇତିହାସ ଥିବାଲୋକଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ସମୟ ମଧ୍ୟରେ ଛାତ୍ରମାନଙ୍କ ବିରୋଧରେ ଯେଉଁ ଏତଲା ହୋଇଛି ତାହାକୁ ବାତିଲକରାଯିବ । ଏହା ପରେ ସିଜେପି ଆସନ୍ତା ୫ ତାରିଖରେ ଦିଲ୍ଲୀରେ ଯେଉଁ ପ୍ରତିବାଦ ଶୋଭାଯାତ୍ରା କରିବ ଘୋଷଣା କରିଥିଲା ତାହାକୁ ପ୍ରତ୍ୟାହାର କରିନେଇଛି ।

କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ମାମଲା ପ୍ରତ୍ୟାହାର ହେବ ଓ ଭବିଷ୍ୟତରେ ଏଭଳି ପ୍ରତିବାଦ ନେଇ ମଧ୍ୟ କୌଣସି ମାମଲା ରୁଜୁ ହେବ ନାହିଁ। ଏତଦ୍ ବ୍ୟତୀତ୍ ଯନ୍ତରମନ୍ତର ଆନ୍ଦୋଳନ ବେଳେ ଯେଉଁ ୨୮୩୭ ବ୍ୟକ୍ତିବିଶେଷଙ୍କ ନାମରେ ଅପରାଧିକ ପୃଷ୍ଠ ଭୂମି ଥିବା ଅଭିଯୋଗ ଆସିଥିଲା, ପୋଲିସ ତାଙ୍କ ନାମରେ (୯ ପୃଷ୍ଠାରେ)

## ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୯ (ସବ୍ୟ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠୁ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଜଳଶକ୍ତି ସମ୍ମିଟ୍‌ରେ ଯୋଗଦେବେ । ତାଙ୍କର ଏହି ଦିଲ୍ଲୀ ଗସ୍ତ ସମୟରେ ସେ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତକୁ ନେଇ ବେଶ୍ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

# ନେପାଳରେ ମୃତ୍ୟୁ ସଂଖ୍ୟା ହଜାରେ ଟପିଲା

ନୂଆଦିଲ୍ଲୀ, ୧।୯ : ନେପାଳ ଜଳ ପ୍ରଳୟର ମୃତ୍ୟୁ ସଂଖ୍ୟା ୧୦୦୦ ଅତିକ୍ରମ କଲାଣି। ୪୦୦୦ରୁ ଉର୍ଦ୍ଧ୍ୱ ଏବେସୁଦ୍ଧା ନିଖୋଜ ଅଛନ୍ତି। ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପ ଟନେଲରେ କାର୍ଯ୍ୟ କରୁଥିବା ୬୦୦ ଶ୍ରମିକ ଏବେବି ଫସି ରହିଥିବା ବିଶ୍ୱାସ କରାଯାଉଛି। ଇଞ୍ଜିନିୟରମାନେ ଟନେଲ ମଧ୍ୟକୁ ବାୟୁ ପ୍ରବେଶ କରାଉଛନ୍ତି। ଜଣେ ଉଦ୍ଧାରକାରୀ ଟନେଲ ମଧ୍ୟକୁ ପ୍ରବେଶ କରିଥିଲେ ମଧ୍ୟ ସେଠାରେ କେହି ନଥିବା ଦେଖି ସେ ଫେରି ଆସିଛନ୍ତି। କେତେ ମୃତ୍ୟୁ ହୋଇଛି, କେତେ ନିଖୋଜ ଅଛନ୍ତି ଏବେବି ତାହା ସ୍ପଷ୍ଟ ହୋଇପାରୁନାହିଁ।

**ଏବେବି ୪ ହଜାର ନିଖୋଜ**

ନେପାଳ ପ୍ରଧାନମନ୍ତ୍ରୀ ବଲେନ ଶାହା କହିଛନ୍ତି ଯେ ୨୭୯ ଜଣଙ୍କୁ ଆଜି ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟ ଆନ୍ତର୍ଜାତୀୟ ଟିମ୍ ସହାୟତାରେ ଚାଲିଛି। ଚୀନ୍ ଓ ନେପାଳର ସେନା ଯବାନମାନେ ଏଥିରେ ସାମିଲ ଅଛନ୍ତି। ସେହିଭଳି ଭାରତ, କୋରିଆ ଓ ଅଷ୍ଟ୍ରେଲିଆ ମଧ୍ୟ ଏହି କାର୍ଯ୍ୟରେ ସାମିଲ ରହିଛନ୍ତି। ୫୦% ଆଶା ରହିଛି ଯେ ଟନେଲ ମଧ୍ୟରୁ ଉଦ୍ଧାର କରାଯାଇପାରିବ। ନେପାଳରେ ଜଳବିଦ୍ୟୁତ୍ ପ୍ରକଳ୍ପ ବିଭିନ୍ନ ସ୍ଥାନରେ ଅଧିକ ରହିଛି। ଗତ କିଛିବର୍ଷ ହେବ ନଦୀ ଅବବାହିକାରେ ଏହି ପ୍ରକଳ୍ପଗୁଡ଼ିକ ସ୍ଥାପନ କରାଯାଇଥିଲା। ପ୍ରାୟ ୧୧ ପ୍ରକଳ୍ପ ଯାହା ସମାପ୍ତ ହୋଇଥିଲା (୯ ପୃଷ୍ଠାରେ)

ODISHA
THINK INDIA, THINK ODISHA



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା




## ଶୁଭାରମ୍ଭ

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
ଓଡ଼ିଶା ସରକାର

୨୦୨୬- ୨୭ ଆର୍ଥିକ ବର୍ଷର

## "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"
ଟ୍ରେନ୍



**ମୁଖ୍ୟ ଅତିଥି**

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଗରିମାମୟ ଉପସ୍ଥିତି**

ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡ଼ିଶା

ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଓଡ଼ିଶା

**ନିମନ୍ତ୍ରିତ ସାଂସଦ ଏବଂ ବିଧାୟକଗଣ**

- ନିମ୍ନ ପ୍ରଦତ୍ତ ପ୍ରାରମ୍ଭିକ ଷ୍ଟେସନରୁ ୧୦ଟି ସ୍ୱତନ୍ତ୍ର ଟ୍ରେନ ଯୋଗେ ତୀର୍ଥଯାତ୍ରୀମାନେ ନିର୍ଦ୍ଧାରିତ ତୀର୍ଥସ୍ଥଳ ଅଭିମୁଖେ ଯାତ୍ରା କରିବେ ।
- ପ୍ରତ୍ୟେକ ଟ୍ରେନରେ ୮୦୦ ଜଣ ଯାତ୍ରୀଙ୍କ ପାଇଁ ସୁବିଧା ।

ଭୁବନେଶ୍ୱର ନୂଆ ରେଳଷ୍ଟେସନ | ୦୨ ସେପ୍ଟେମ୍ବର ୨୦୨୬ | ପୂର୍ବାହ୍ନ ୧୧.୩୦

| କ୍ରମିକ ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଯାତ୍ରା ଆରମ୍ଭ ତାରିଖ | ଯାତ୍ରା ଶେଷ ତାରିଖ |
|---|---|---|---|---|---|---|
| ୧. | ଭୁବନେଶ୍ୱର | ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ | ୧. ବାରଣାସୀ-ଅଯୋଧ୍ୟା | ୬ ଦିନ/୫ ରାତି | ୦୨.୦୯.୨୦୨୬ | ୦୭.୦୯.୨୦୨୬ |
| | | | ୨. ବାରଣାସୀ-ଅଯୋଧ୍ୟା | ୬ ଦିନ/୫ ରାତି | ୨୮.୧୦.୨୦୨୬ | ୦୨.୧୧.୨୦୨୬ |
| ୨. | ବ୍ରହ୍ମପୁର | ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, ନୟାଗଡ଼ | ୧. ବାରଣାସୀ-ଅଯୋଧ୍ୟା | ୬ ଦିନ/୫ ରାତି | ୧୧.୦୯.୨୦୨୬ | ୧୬.୦୯.୨୦୨୬ |
| | | | ୨. ରାମେଶ୍ୱରମ-ମଦୁରାଇ | ୬ ଦିନ/୫ ରାତି | ୧୮.୧୧.୨୦୨୬ | ୨୩.୧୧.୨୦୨୬ |
| ୩. | ସମ୍ବଲପୁର | ସମ୍ବଲପୁର, ଅନୁଗୋଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼ | ୧. ବାରଣାସୀ-ଅଯୋଧ୍ୟା | ୬ ଦିନ/୫ ରାତି | ୨୨.୦୯.୨୦୨୬ | ୨୭.୦୯.୨୦୨୬ |
| | | | ୨. ହରିଦ୍ୱାର- ଋଷିକେଶ | ୬ ଦିନ/୫ ରାତି | ୨୭.୧୧.୨୦୨୬ | ୦୨.୧୨.୨୦୨୬ |
| ୪. | ରାୟଗଡ଼ | ରାୟଗଡ଼, କୋରାପୁଟ, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି | ୧. ବାରଣାସୀ-ଅଯୋଧ୍ୟା | ୬ ଦିନ/୫ ରାତି | ୦୧.୧୦.୨୦୨୬ | ୦୬.୧୦.୨୦୨୬ |
| | | | ୨. ରାମେଶ୍ୱରମ-ମଦୁରାଇ | ୬ ଦିନ/୫ ରାତି | ୦୯.୧୨.୨୦୨୬ | ୧୪.୧୨.୨୦୨୬ |
| ୫. | ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର | ୧. ବାରଣାସୀ-ଅଯୋଧ୍ୟା | ୬ ଦିନ/୫ ରାତି | ୧୨.୧୦.୨୦୨୬ | ୧୭.୧୦.୨୦୨୬ |
| | | | ୨. ହରିଦ୍ୱାର- ଋଷିକେଶ | ୬ ଦିନ/୫ ରାତି | ୧୮.୧୨.୨୦୨୬ | ୨୩.୧୨.୨୦୨୬ |

ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ୭୦୦୮ ୧୭୦୨୨ (ସହକାରୀ ଉପବିଭାଗ ଅଧିକାରୀ, ପର୍ଯ୍ୟଟନ ବିଭାଗ)

OIPR: 37001/37001/2/26-27/0008 37001/43/2627

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର
www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

## ସୋସିଆଲ କୋଟ୍ସ



ମୁଁ କ୍ୟାରିୟରରେ ପ୍ରଥମରୁ ଖୁବ ଷ୍ଟ୍ରଗଲ କରିଛି । ଧୋନିଙ୍କ ସହିତ ଗୋଟିଏ ବିଜ୍ଞାପନ କରିବା ପାଇଁ ମୁଁ ୩ଘଣ୍ଟା ଲାଇନ୍‌ରେ ଠିଆ ହୋଇଛି । ହେଲେ ସେଥିରେ ରିଜେକ୍ଟ ହୋଇଥିଲି ।

**ପ୍ରିୟାଂଶୁ, ଅଭିନେତା**



ଇଣ୍ଡଷ୍ଟ୍ରୀରେ ସଲମାନଙ୍କ ଭଳି କଳାକାର ଆଉ କେହି ନାହାନ୍ତି । କେବଳ ଜଣେ ଭଲ ଅଭିନେତା ନୁହେଁ ସେ ଜଣେ ଭଲ ମଣିଷ ମଧ୍ୟ । ନିଜ ପରିବାର ପାଇଁ ସେ ସବୁକିଛି ତ୍ୟାଗ କରିଛନ୍ତି ।

**ନିକିତନ ଧୀର, ଅଭିନେତା**



ମୁଁ ଅନ୍ଧବିଶ୍ୱାସୀ ଅଟେ । ମାଙ୍କ କହିବା ଅନୁଯାୟୀ ମୁଁ ପ୍ରତି ସପ୍ତାହରେ ନିଜକୁ କୁଦୃଷ୍ଟିରୁ ଦୂରରେ ରଖିବା ପାଇଁ ନଜର ଦୋଷ ଛଡାଇଥାଏ ।

**ଅନନ୍ୟା ପାଣ୍ଡେ, ଅଭିନେତ୍ରୀ**

## ଇତିହାସ

୧୯୬୯: ଆମେରିକାର ନ୍ୟୁୟର୍କରେ ପ୍ରଥମ ଏଟିଏମ୍ ମେଶିନର ଶୁଭାରମ୍ଭ ।
୧୯୯୦: କାଳା ସାଗରରେ ସୋଭିଏତ୍‌ର ଏକ ଜାହାଜ ବୁଡ଼ିଯିବାରୁ ୭୯ ଜଣଙ୍କ ମୃତ୍ୟୁ ।
୧୯୫୬: ହାଇଦ୍ରାବାଦର ଜଡ଼ଚେରାଲ ଓ ମହବୁବୁ ନଗରକୁ ସଂଯୋଗ କରୁଥିବା ପୋଲ ଭୁଶୁଡ଼ି ପଡ଼ିବାରୁ ୧୨୫ ଜଣଙ୍କ ମୃତ୍ୟୁ ।
୧୯୪୬: ଜବାହରଲାଲ୍ ନେହରୁଙ୍କ ଉପ ସଭାପତିତ୍ୱରେ ଅନ୍ତରିଣ ଭାରତ ସରକାର ଗଠିତ ।
୧୯୪୫: ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ।
୧୯୭୦: କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକୀର ଉଦ୍‌ଘାଟନ ।
୧୯୯୯: ଭାରତୀୟ ସନ୍ତରଣକାରୀ ବୁଲା ଚୌଧରୀ ପ୍ରଥମ ଏସୀୟ ମହିଳା ଭାବେ ଦୁଇ ଥର ଇଂଲିଶ ଚାନେଲ ପାର୍ କରିବାର ରେକର୍ଡ କାଏମ କରିଥିଲେ ।
୨୦୦୦: ମ୍ୟାନ୍‌ହଟନ ପରିଯୋଜନାର ଅଗ୍ରଦୂତ ବୈଜ୍ଞାନିକ ଜନ୍ ସିମ୍ପସନ୍‌ଙ୍କ ପରଲୋକ ।
୨୦୦୯- ବିଶ୍ୱ ନଡ଼ିଆ ଦିବସ ।
୧୯୮୮: ଭାରତୀୟ କ୍ରିକେଟର ଇଶାନ୍ତ ଶର୍ମାଙ୍କ ଜନ୍ମ ।



## ମେସିନର ହୋଇଥାଏ ଅନ୍ତିମ ସଂସ୍କାର

ଜାପାନରେ ଫ୍ୟାକ୍ଟ୍ରିରେ ୨୦-୩୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ମେସିନ୍‌ଗୁଡ଼ିକୁ ହଟାଇବା ପୂର୍ବରୁ ସେଗୁଡ଼ିକର ଅନ୍ତିମ ସଂସ୍କାର କିମ୍ବା ବିଦାୟ ସମାରୋହ ଆୟୋଜନ କରାଯାଏ । ଯେଉଁଠାରେ କର୍ମଚାରୀମାନେ ମେସିନ୍ ସାମ୍ନାରେ ମୁଣ୍ଡ ନୁଆଁଇ, କିଛି ସମୟ ନୀରବତା ପାଳନ କରି ସେମାନଙ୍କର ବର୍ଷ ବର୍ଷର ସହଯୋଗ ପାଇଁ ଧନ୍ୟବାଦ ଜଣାଇଥାନ୍ତି । ଜାପାନୀ ସଂସ୍କୃତି, ଶିଣ୍ଟୋ ଧର୍ମ ଏବଂ ଆନିମିଜମ୍ ବିଶ୍ୱାସ ଅନୁଯାୟୀ ନିର୍ଜୀବ ବସ୍ତୁରେ ମଧ୍ୟ ଆଧ୍ୟାତ୍ମିକ ଶକ୍ତି ଥାଏ । ଏହି ବିଦାୟ ସମାରୋହରେ ଧୂପ ଦେବା, ଦୁଇଥର ଓହ୍ଲାଇ ମୁଣ୍ଡ ନୁଆଁଇବା, ଦୁଇଥର ତାଳି ମାରିବା ଭଳି ପାରମ୍ପରିକ ରୀତିନୀତି ପାଳନ କରାଯାଇ ମେସିନର ଯୋଗଦାନକୁ ମନେ ପକାଯାଏ । କାର୍ଯ୍ୟକ୍ରମ ଶେଷ ହେବା ପରେ ପୁରୁଣା ମେସିନ୍ ହଟାଇ ନୂଆ ମେସିନ୍ ଲଗାଯାଏ । ଏହି କ୍ରମରେ ଟୋଟୋରୀ ପ୍ରାନ୍ତର ଏକ ଆଇରନ୍‌ୱର୍କସ ଫ୍ୟାକ୍ଟ୍ରିରେ ୩୦ ଏବଂ ୩୭ ବର୍ଷ ଧରି ସେବା ଦେଇଥିବା ଦୁଇଟି ମେସିନ୍‌କୁ ହଟାଇବା ପୂର୍ବରୁ ୯୨ ବର୍ଷୀୟ ପୂର୍ବତନ ଫ୍ୟାକ୍ଟ୍ରି ମ୍ୟାନେଜର ଶୁଦ୍ଧିକରଣ ଅନୁଷ୍ଠାନ ସମ୍ପାଦନ କରିଥିଲେ । ଏହି ସମୟରେ କର୍ମଚାରୀମାନେ ଶ୍ରଦ୍ଧାର ସହ ମେସିନ୍‌ଗୁଡ଼ିକୁ ଧନ୍ୟବାଦ ଜଣାଇଥିଲେ ଏବଂ ଅନେକଙ୍କ ଆଖି ମଧ୍ୟ ଛଳଛଳ ହୋଇଉଠିଥିଲା ।

## ଝିଅ ପାଠ ପଢ଼ା ପାଇଁ ଖାଲି ପାଦରେ ଦୌଡ଼ିଲେ ମାରାଥନ



ମହାରାଷ୍ଟ୍ରର ବୀଡ୍ ଜିଲ୍ଲାର ୪୭ ବର୍ଷୀୟା ରମାବାଇ ରଣବୀର ନିଜ ଝିଅର ପାଠପଢ଼ା ପାଇଁ ଶାଢ଼ୀ ପିନ୍ଧି ଏବଂ ଖାଲି ପାଦରେ ଦୌଡ଼ି ମ୍ୟାରାଥନ୍ ଜିତିଛନ୍ତି । ସ୍ପୋର୍ଟସ୍ ଶୁଜ୍ ଏବଂ ଟ୍ରାକ୍ ସୁଟ୍ ପିନ୍ଧିଥିବା ଅନେକ ଯୁବ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ । ପୁରସ୍କାର ସ୍ୱରୂପ ମିଳିଥିବା ୩,୦୦୦ ଟଙ୍କାର ନଗଦ ରାଶିକୁ ସେ ଆପଣା ଝିଅର ପାଠପଢ଼ାରେ ଖର୍ଚ୍ଚ କରିବେବୋଲି ପ୍ରକାଶ କରିଥିଲେ, ଯାହାପରେ ସମସ୍ତେ ତାଙ୍କୁ ଖୁବ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି । ପ୍ରାରମ୍ଭରେ ସେ ଶାଢ଼ୀ ଓ ଚପଲ ପିନ୍ଧି ଆସି ପ୍ରତିଯୋଗିତାରେ ଭାଗ ନେଇଥିଲେ, ମାତ୍ର ଦୌଡ଼ିବା ସମୟରେ ଚପଲ ଗୋଡ଼ରୁ ଖସିବାରୁ ସେ ଅଟକି ନଯାଇ ଚପଲ ହାତରେ ଧରି ଖାଲି ପାଦରେ ଦୌଡ଼ିବା ଜାରି ରଖିଥିଲେ । ରାସ୍ତାରେ ପଥର ଏବଂ ଶାଢ଼ୀ ସମ୍ଭାଳିବା ତାଙ୍କ ପାଇଁ ଆହ୍ୱାନ ହୋଇଥିଲା ଏହାପରେ ବି ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ଫିନିଶିଂ ଲାଇନ୍ ଉପରେ ଥିଲା । ସ୍ୱାମୀଙ୍କ ଦେହାନ୍ତ ପରେ ଏକ ଏକାଡେମୀରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ରମାବାଇ, ଭାରତୀୟ ଶିକ୍ଷଣ ପ୍ରସାରକ ସଂସ୍ଥାର ଅମୃତ ମହୋତ୍ସବ ସମାରୋହ ଅନ୍ତର୍ଗତ ଆୟୋଜିତ ।

## ଜୋହରାନ୍ ମମଦାନୀଙ୍କ ଭଳି ଦେଖାଯିବାକୁ ପ୍ରତିଯୋଗିତା

ନ୍ୟୁୟର୍କ ସହରର ୱାଶିଂଟନ୍ ସ୍କୋୟାର୍ ପାର୍କ ନିକଟରେ ମେୟର ଜୋହରାନ୍ ମମଦାନୀଙ୍କ ଭଳି ଦିଶୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଯେଉଁଥିରେ ୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସମସ୍ତ ପ୍ରତିଯୋଗୀ ନିଜର ଲୁକ୍, ହେୟାରଷ୍ଟାଇଲ୍, ଦାଢ଼ି ଏବଂ ପୋଷାକ ମାଧ୍ୟମରେ ମମଦାନୀଙ୍କ ଭଳି ଦେଖାଯିବାକୁ ଚେଷ୍ଟା କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ କେବଳ ଗୋଟିଏ ପ୍ରଶ୍ନ ପଚାରାଯାଇଥିଲା ଯେ ସେମାନଙ୍କର ପସନ୍ଦର ପିଜା କେଉଁଟି । ଏହା ପରେ ଦର୍ଶକଙ୍କ କରତାଳି ଆଧାରରେ ବିଜେତା ଚୟନ କରାଯାଇଥିଲା । ସବୁଠାରୁ ଅଧିକ ତାଳି ପାଇ ଅମେଡିଓ ଫୁସ୍କା ବିଜେତା ହୋଇଥିଲେ ଏବଂ ତାଙ୍କୁ ପୁରସ୍କାର ସ୍ୱରୂପ ପ୍ରାୟ ୯,୫୦୦ ଟଙ୍କା ମିଳିଥିଲା । ସେ ସୁଟ୍ ଭିତରେ ନ୍ୟୁୟର୍କର ପ୍ରସିଦ୍ଧ ବାସ୍କେଟବଲ୍ ଟିମ୍‌ର ଜର୍ସି ପିନ୍ଧି ଆସିଥିଲେ ଏବଂ ତାଙ୍କର ହେୟାରକଟ୍ ଓ ଚେହେରା ମଧ୍ୟ ମମଦାନୀଙ୍କ ସହ ବହୁତ ମିଳୁଥିଲା । ସୂଚନାଯୋଗ୍ୟ ଯେ, ମମଦାନୀଙ୍କ ଭଳି ଦେଖାଯାଉଥିବା ଲୋକଙ୍କ ଭିତରେ ଏହା ପ୍ରଥମ ପ୍ରତିଯୋଗିତା ନୁହେଁ । ପୂର୍ବରୁ ୨୦୨୫ରେ ବ୍ରୁକଲିନ୍‌ରେ ମଧ୍ୟ ଏହିପରି ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେତେବେଳେ ମମଦାନୀ ମେୟର ପଦ ପାଇଁ ନିର୍ବାଚନ ପ୍ରଚାର କରୁଥିଲେ ।



## ଚିକେନ୍ ଭଜା

ସାମଗ୍ରୀ- ବୋନଲେସ୍ ଚିକେନ, ଲୁଣ, ହଳଦୀ, ଶୋରିଷତେଲ, ବଟର, ଗୋଟାଜିରା, କୋଲାରସୁଣ, କଞ୍ଚାଲଙ୍କା, ଗରମମସଲା, ଟମାଟୋ, ଧନିଆପତ୍ର, ଧନିଆଁଗୁଣ୍ଡା, ଜିରାଗୁଣ୍ଡ, ପୋଦିନାପତ୍ର, କସୁରୀମେଥୀ, ଚିକେନମସଲା ।

ପ୍ରଣାଳୀ- ପ୍ରଥମେ ଛୋଟଛୋଟ ଖଣ୍ଡ ଚିକେନକୁ ଲୁଣ, ହଳଦୀ, ଶୋରିଷତେଲ ଦେଇ ଗୋଳାଇ ରଖନ୍ତୁ । ଏହାପରେ ପ୍ୟାନରେ ବଟର ପକାଇ ଏଥି ରେ ଗୋଟାଜିରା ପକାନ୍ତୁ । ଜିରା ଫୁଟିବାପରେ ଚିକେନ ପକାଇ ଭାଜନ୍ତୁ । ଚିକେନ ଦରଭଜା ହେବାପରେ ଏଥି ରେ ଗୋଟାରସୁଣ, କଞ୍ଚାଲଙ୍କା ଟମାଟୋ ଛୋଟଖଣ୍ଡ, ଗରମମସଲା, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଚିକେନମସଲା, ଛଣାକାଜୁ ପକାଇ ଚିକେକ ସିଝିବାଯାଏ ଭାଜନ୍ତୁ । ଶେଷରେ ଧନିଆପତ୍ର, ପୋଦିନାପତ୍ର ଓ କଞ୍ଚାପିଆଜ ପକାଇ ପ୍ରସ୍ତୁତ କରନ୍ତୁ ଚିକେନ ଭଜା ।

## ଭ୍ୟାକୁମ କ୍ଲିନର ପାଲଟିଲା ଗୁପ୍ତଚର



ତାଇୱାନରେ ଜଣେ ବ୍ୟକ୍ତି ପତ୍ନୀଙ୍କ ପରକୀୟା ପ୍ରୀତିର ପ୍ରମାଣ ଏକାଠି କରିବା ପାଇଁ ରୋବୋଟ ଭ୍ୟାକ୍ୟୁମ୍ କ୍ଲିନରର ବ୍ୟବହାର କରିବା ସହ ସିଭିଲ୍ କେସରେ ବିଜୟୀ ହୋଇଛନ୍ତି । ହେଲେ ବିନା ଅନୁମତିରେ ପ୍ରାଇଭେଟ୍ ଫୁଟେଜ୍ ରେକର୍ଡ କରିବା ଅଭିଯୋଗରେ କୋର୍ଟ ତାଙ୍କୁ ୫ ମାସର ଜେଲ୍ ଏବଂ ପ୍ରାୟ ୪.୫୩ ଲକ୍ଷ ଟଙ୍କାର ଜରିମାନା ଶୁଣାଇଛନ୍ତି । ସେପ୍ଟେମ୍ବର ୨୦୨୩ରେ ଛୁଟିଦିନରେ ଘରୁ ଏକ ବ୍ୟବହୃତ ଟୁଥବ୍ରଶ୍ ମିଳିବା ଏବଂ ସିସିଟିଭିରେ ଜଣେ ଅଜଣା ବ୍ୟକ୍ତି ପତ୍ନୀଙ୍କୁ ଘରେ ଛାଡ଼ିବା ଦେଖି ସ୍ୱାମୀଙ୍କର ସନ୍ଦେହ ହୋଇଥିଲା । ଏହାର ପ୍ରାୟ ତିନି ମାସ ପରେ ସେ ମୋବାଇଲ୍ ଆପ୍ ମାଧ୍ୟମରେ ରୋବୋଟ ଭ୍ୟାକ୍ୟୁମ୍ କ୍ଲିନରକୁ ଦୂରରୁ ଚାଲୁ କରିଥିଲେ, ଯାହାର ଲାଇଭ୍ କ୍ୟାମେରା ଫିଡ୍‌ରେ ପତ୍ନୀ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ନଜର ଆସିଥିଲେ । ଫୁଟେଜ୍‌ରେ ପତ୍ନୀଙ୍କର କିଛି ବ୍ୟକ୍ତିଗତ ମୂହୁର୍ତ୍ତକୁ ମଧ୍ୟ ସେ ରେକର୍ଡ କରିନେଇଥିଲେ, ଯେଉଁଥିପାଇଁ ସେ ଦୋଷୀ ସାବସ୍ତ୍ୟ ହୋଇଥିଲେ । ୨୦୨୧ରେ ବିବାହ କରିଥିବା ଏହି ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ଏହି ଫୁଟେଜକୁ ପ୍ରମାଣ ଭାବେ ବ୍ୟବହାର କରି ପତ୍ନୀ ଓ ତାଙ୍କ ପ୍ରେମିକଙ୍କ ବିରୋଧରେ ବୈବାହିକ ଅଧିକାର ଉଲ୍ଲଂଘନର ମାମଲା ଦାୟର କରିବା ସହ ପ୍ରାୟ ୬୪.୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ ।

## ପ୍ରତିକ୍ରିୟା ଦେବାକୁ ମନାକଲେ କରିନା



ଅଭିନେତ୍ରୀ କ୍ରିତି ସନନଙ୍କ ରକ୍ଷାବନ୍ଧନ ବିଜ୍ଞାପନରେ ପୋଷାକକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉପରେ ଏବେ କରିନା କପୁର ଖାନ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି । 'ଦାୟରା' ଫିଲ୍ମର ଟ୍ରେଲର ଲଞ୍ଚ ଇଭେଣ୍ଟରେ ଯେତେବେଳେ ଗଣମାଧ୍ୟମ କରିନାଙ୍କୁ ଏହି ବିବାଦ ଏବଂ ଅଭିନେତ୍ରୀମାନଙ୍କର ସୋସିଆଲ ମିଡିଆ ଟ୍ରୋଲିଂ ସମ୍ପର୍କରେ ପ୍ରଶ୍ନ ପଚାରିଥିଲା, ସେତେବେଳେ ସେ ଏହି ବିଷୟରେ ନୀରବତା ଅବଲମ୍ବନ କରିଥିଲେ । ରିପୋର୍ଟରଙ୍କର ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର କରିନା ନିଜେ ନ ଦେଇ ନିକଟରେ ବସିଥିବା ନିର୍ଦ୍ଦେଶକ ମେଘନା ଗୁଲଜାରଙ୍କ ଆଡ଼କୁ ମାଇକ ବଢ଼ାଇ ଦେଇଥିଲେ । କରିନାଙ୍କ ଇଶାରା ପରେ ମେଘନା ଗୁଲଜାର ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ଫିଲ୍ମ କିମ୍ବା ପରଦାରେ କୌଣସି ମହିଳା କିମ୍ବା ପୁରୁଷ କଳାକାରଙ୍କ ଲୁକ୍ ଏବଂ ପୋଷାକ ସେମାନଙ୍କ ଚରିତ୍ର ଉପରେ ନିର୍ଭର କରେ । ଏହା ନିର୍ଦ୍ଦେଶକଙ୍କ ଚିନ୍ତାଧାରା ଅନୁଯାୟୀ ସ୍ଥିର କରାଯାଏ । ମେଘନା ଆହୁରି ମଧ୍ୟ କହିଥିଲେ ଯେ ଏହିଭଳି ମାମଲାରେ କେବଳ କୌଣସି ଜଣେ ଅଭିନେତା କିମ୍ବା ଅଭିନେତ୍ରୀଙ୍କୁ ପ୍ରଶ୍ନ ପଚାରିବା କିମ୍ବା ସେମାନଙ୍କୁ କାଠଗଡ଼ାରେ ଠିଆ କରିବା ଆଦୌ ଉଚିତ ନୁହେଁ ।



**ମେଷ:** ସୁସମ୍ପର୍କ, ବିବାଦ ସମାଧାନ, ମାନସିକ ଚାପରୁ ମୁକ୍ତି, ଦୂରଯାତ୍ରା ସଫଳ, ପଦବୀଲାଭ, ପୂର୍ବ କାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଆୟବୃଦ୍ଧି । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ମା' କ୍ଷେତ୍ରପାଳ ।

**ବୃଷ:** କର୍ମେ ଆନନ୍ଦ, ପାରିବାରିକ ସୁଖ, ସୁସମ୍ପର୍କ, ବ୍ୟବସାୟରେ ସ୍ୱଳ୍ପଲାଭ, ପୁରାତନ ବିବାଦରୁ ମୁକ୍ତି, ନୂତନ ବ୍ୟବସାୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା-ମା' ଲକ୍ଷ୍ମୀ ।

**ମିଥୁନ:** ସମ୍ପର୍କରେ ବାଧା, ଉଚ୍ଚଆଶା ବିଫଳ, ମିଥ୍ୟା ଅପବାଦ, ଦୂରଯାତ୍ରା ସଫଳ, ଗୃହେ ଉତ୍ସବ, ଭ୍ରାତୃସ୍ନେହ, ପାରିବାରିକ ସାହାଯ୍ୟ, ଅର୍ଥଲାଭ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**କର୍କଟ:** ଯାତ୍ରାରେ ସତର୍କ, ପାରିବାରିକ ଖୁସି, ଦ୍ରବ୍ୟଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଗୁରୁଜନଙ୍କ ସମସ୍ୟା ଦେବଦର୍ଶନ, ଅଯଥା ଖର୍ଚ୍ଚାନ୍ତ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟସୁଖ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** କାର୍ଯ୍ୟରେ ବିଳମ୍ବ, ପ୍ରୀତିବୃଦ୍ଧି, କର୍ମକ୍ଷେତ୍ରେ ପ୍ରଶଂସା, ପୁତ୍ରସ୍ନେହରେ ଖୁସି, ଦାମ୍ପତ୍ୟସୁଖ, ମାନସିକଶାନ୍ତି, ଶୁଭଖବର, ଶରୀର ସୁସ୍ଥ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଇସତଲାଲ, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**କନ୍ୟା:** ଦ୍ରବ୍ୟଲାଭ, ଉତ୍ସବପ୍ରତି ଆଗ୍ରହ, ବ୍ୟବସାୟିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ସମସ୍ୟା ସମାଧାନ, ଅଯଥାକଷ୍ଟ, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ସନ୍ତାନଲାଭ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା-ବାବା ବାଲୁଙ୍କେଶ୍ୱର ।

**ତୁଳା:** ସନ୍ତାନଚିନ୍ତା, ବିବାଦକୁନେଇ ଚିନ୍ତିତ, ପାରିବାରିକଖୁସି, ମାନସିକ ଅବସାଦ, ଦୂରଯାତ୍ରାରେ ଆଗ୍ରହ, ଅର୍ଥଲାଭ, ଶତ୍ରୁସମସ୍ୟା, ସୁମିଷ୍ଟ ଭୋଜନ, ବନ୍ଧୁଲାଭ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ସମ୍ପତ୍ତିବିବାଦ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶରୀରସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟଖୁସି, ଅର୍ଥସମସ୍ୟା, ଉଚ୍ଚଆଶାରେ ବିଫଳ, ବିଦ୍ୟାରେ ଅସଫଳ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ୍, ସଂଖ୍ୟା-୬, ଆରାଧନା-ପ୍ରଭୁ ଗଣେଶ ।

**ଧନୁ:** ଆର୍ଥିକସୁଖ, ବିବାଦ ସମାଧାନ, ଶତ୍ରୁ ପରାଜିତ, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ନୂତନ ନିଯୁକ୍ତି, ସନ୍ତାନଖୁସି, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ବାନ୍ଧବୀଲାଭ, ନୂତନ ବ୍ୟବସାୟ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ମା' ଗୌରୀ ।

**ମକର:** ଅଯଥା ଖର୍ଚ୍ଚାନ୍ତ, ମିଥ୍ୟା ଅପବାଦ, ଶତ୍ରୁ ସମସ୍ୟା, ବନ୍ଧୁସହଯୋଗ, ବ୍ୟବସାୟିକ ଖୁସି, ପରିବହନରେ ସାମାନ୍ୟ ଲାଭ, ଶତ୍ରୁସମସ୍ୟା, ସମ୍ପତ୍ତିବିବାଦ,ବୟୋଜ୍ୟେଷ୍ଠଙ୍କ ଶରୀର ଅସୁସ୍ଥ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ସମ୍ମାନଲାଭ, ଆକସ୍ମିକ ଧନଲାଭ, ଶୁଭଖବର, ଦୂରଯାତ୍ରାରେ ସଫଳ, ବନ୍ଧୁଲାଭ, ସମସ୍ୟା ସମାଧାନ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା- ଛୋଟପିଲାଙ୍କୁ ଭୋଜନ ।

**ମୀନ:** କିଛି କାର୍ଯ୍ୟରେ ଅସନ୍ତୋଷ, ଅର୍ଥଚିନ୍ତା, ବ୍ୟବସାୟରେ ମାନ୍ଦାବସ୍ଥା, ଅଯଥାକଷ୍ଟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ, କିଛି କ୍ରୟ କରିବେ, ସ୍ୱଜନ ବିରୋଧ, ସନ୍ତାନସମସ୍ୟା । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ସ୍ୱର୍ଣ୍ଣବାରାହୀ ।

**ଭାଦ୍ରବ କୃଷ୍ଣ ପକ୍ଷ ଷଷ୍ଠି**
**୨.୯.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଦେଶର ପ୍ରଥମ ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ ହେଲା ଲୋକଭବନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ମୁଖ୍ୟ ପ୍ରଶାସନିକ କେନ୍ଦ୍ର "ଲୋକ ଭବନ' ନିଜ ସବୁଜ ଓ ସ୍ୱଚ୍ଛ ପରିବେଶ ପାଇଁ ଏକ ବଡ଼ ସଫଳତା ହାସଲ କରିଛି । ଇଣ୍ଡିଆନ୍ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି) ପକ୍ଷରୁ ଲୋକ ଭବନକୁ ପ୍ରତିଷ୍ଠିତ ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ମାନ୍ୟତା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ପୁରୁଣା ସରକାରୀ ପ୍ରାସାଦ ଓ ପ୍ରଶାସନିକ ସୌଧଗୁଡ଼ିକୁ କିପରି ପରିବେଶାନୁକୂଳ ଏବଂ ଶକ୍ତି-ଦକ୍ଷ କରାଯାଇପାରିବ ସେନେଇ ଲୋକଭବନ ଏକ ଉଦାହରଣ ସୃଷ୍ଟି କରିଛି ।



ମଙ୍ଗଳବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିବିସିର ଅଧ୍ୟକ୍ଷ ସି. ଶେଖର ରେଡ୍ଡୀଙ୍କ ଠାରୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରମାଣପତ୍ର ଗ୍ରହଣ କରିଥିଲେ । ଲୋକଭବନ ୧୦୦ରୁ ୮୮ ଅଙ୍କ ହାସଲ କରି ଆଇଜିବିସି ରେଟିଂ ବ୍ୟବସ୍ଥାର ସର୍ବୋଚ୍ଚ ବର୍ଗରେ ସ୍ଥାନ ପାଇଛି । ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଜ୍ୟପାଳ ଡ. କମ୍ଭମପାଟି ଏହି ସ୍ୱୀକୃତିକୁ ଓଡ଼ିଶା ପାଇଁ ଗର୍ବର ବିଷୟ । ଲୋକଭବନ ଭଳି ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକୁ "ଗ୍ରୀନ୍ କ୍ୟାମ୍ପସ୍'ରେ ପରିଣତ କରିବା ପାଇଁ କୁଳପତିମାନଙ୍କୁ ଆହ୍ୱାନ ଦିଆଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା ବାବଦରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରି ସମାଜରେ ସଚେତନତା ସୃଷ୍ଟି କରିପାରିବେ ।

ଲୋକଭବନ ପରିସରରେ ଗ୍ରୀନ୍ କ୍ୟାମ୍ପସ୍ ଗଠନ ପାଇଁ ସୋଲାର ଶକ୍ତି ଉପରେ ସେପରି ବିଶେଷ ଗୁରୁତ୍ୱ ଦିଆଯାଇଛି । ବର୍ତ୍ତମାନ ଏଠାରେ ୭୩୫ କିଲୋୱାଟ୍ କ୍ଷମତା ବିଶିଷ୍ଟ ରୁଫଟପ୍ ସୌର ଶକ୍ତି କାର୍ଯ୍ୟକାରୀ ହେଉଛି । ଭାରତରେ ପ୍ରଚୁର ସୂର୍ଯ୍ୟାଲୋକ ମିଳୁଥିବାରୁ ସୌର ଶକ୍ତିର ସଦୁପଯୋଗ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ । କେନ୍ଦ୍ର ସରକାରଙ୍କ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା' ସହ ଓଡ଼ିଶା ସରକାର ମଧ୍ୟ ଘରୋଇ ଉପଭୋକ୍ତାଙ୍କ ପାଇଁ ଅତିରିକ୍ତ ସବସିଡି ପ୍ରଦାନ କରୁଛନ୍ତି । ୩ କିଲୋୱାଟ୍ ସୋଲାର ପ୍ୟାନେଲ୍ ପାଇଁ କେନ୍ଦ୍ରର ୭୮,୦୦୦ ଟଙ୍କା ଏବଂ ରାଜ୍ୟର ୬୦,୦୦୦ ଟଙ୍କା ମିଶି ମୋଟ ୧,୩୮,୦୦୦ ଟଙ୍କାର ସବସିଡି ମିଳୁଛି । ଯାହା ନାଗରିକଙ୍କୁ ସୌର ଶକ୍ତି ଆପଣାଇବାରେ ସହାୟକ ହେବ । ଆପାର୍ଟମେଣ୍ଟ କିମ୍ବା ବହୁତଳ ପ୍ରାସାଦରେ ରହୁଥିବା ଲୋକଙ୍କ ପାଇଁ ଯଦି ନିଜ ଛାତରେ ସ୍ଥାନ ନାହିଁ, ତେବେ ସେମାନେ ଅନ୍ୟତ୍ର ସୋଲାର ପ୍ୟାନେଲ୍ ଲଗାଇ ଭର୍ଚୁଆଲ୍ ମିଟରିଂ ଜରିଆରେ ନିଜ ବିଦ୍ୟୁତ ବିଲ୍ ହ୍ରାସ କରିପାରିବେ ।

- ▸▸ ଆଇଜିବିସି ଦେଲା ପ୍ଲାଟିନମ୍ ସବୁଜ କ୍ୟାମ୍ପସ୍ ମାନ୍ୟତା
- ▸▸ ବିଶ୍ୱବିଦ୍ୟାଳୟକୁ ଗ୍ରୀନ୍ କ୍ୟାମ୍ପସ୍‌ରେ ପରିଣତ ଲାଗି ଆହ୍ୱାନ
- ▸▸ ସମସ୍ତ ସରକାରୀ ବିଲ୍ଡିଂ, ସ୍କୁଲ୍, ହସ୍ପିଟାଲ୍ ହେବ "ଗ୍ରୀନ୍ ବିଲ୍ଡିଂ'

ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଓଡ଼ିଶାର ପ୍ରଥମ ସରକାରୀ ବିଲ୍ଡିଂ ଭାବେ ଏହି ଯୋଗ୍ୟତା ହାସଲ କରି ସମଗ୍ର ରାଜ୍ୟ ପାଇଁ ଏକ ଗୌରବମୟ ଇତିହାସ ସୃଷ୍ଟି କରି । ରାଜ୍ୟପାଳଙ୍କ ପରିବେଶ ସୁରକ୍ଷା ପ୍ରତି ଥିବା ନିଷ୍ଠା ଓ ଦୂରଦୃଷ୍ଟି ଯୋଗୁ ଏହି ସଫଳତା ସମ୍ଭବ ହୋଇପାରିଛି । ଆଗାମୀ ଦିନରେ ସମସ୍ତ ସରକାରୀ ବିଲ୍ଡିଂ, ସ୍କୁଲ୍, ହସ୍ପିଟାଲ୍ ଓ ମେଡିକାଲ୍ କଲେଜଗୁଡ଼ିକୁ "ଗ୍ରୀନ୍ ବିଲ୍ଡିଂ' ସାର୍ଟିଫିକେସନ୍ ମାନଦଣ୍ଡ ଅନୁଯାୟୀ ନିର୍ମାଣ କରିବାକୁ ବିଭାଗକୁ ଆକଳନ ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଯାଇଛି । ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆଇଜିବିସିର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବାବୁ ସିଂଙ୍କୁ ସୁପ୍ରିମ୍‌କୋର୍ଟରୁ ଝଟ୍‌କା : ତାଙ୍କ ବିରୋଧରେ ନିର୍ବାଚନୀ ମାମଲା ଚାଲିବ

କଟକ,(ସବ୍ୟୁ): ଏକାମ୍ର-ଭୁବନେଶ୍ୱର ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ବାବୁ ସିଂଙ୍କୁ ସୁପ୍ରିମ୍‌କୋର୍ଟରୁ ଝଟ୍‌କା ଲାଗିଛି । ହାଇକୋର୍ଟଙ୍କ ଆଦେଶ ବିରୋଧରେ ବାବୁ ସିଂ ସୁପ୍ରିମ୍‌କୋର୍ଟକୁ ଯାଇଥିଲେ । ସୁପ୍ରିମ୍‌କୋର୍ଟର ତିନି ଜଣିଆ ଖଣ୍ଡପୀଠ ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମସି ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏହି ମାମଲାରେ ରାୟ ପ୍ରକାଶ କରି ବାବୁ ସିଂଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶ ଫଳରେ ବାବୁ ସିଂଙ୍କ ବିରୋଧରେ ନିର୍ବାଚନୀ ମାମଲା ଚାଲିବା ସ୍ପଷ୍ଟ ହୋଇଯାଇଛି । ମାମଲାରୁ ଜଣାଯାଇଛି ଯେ, ଏକାମ୍ର ଭୁବନେଶ୍ୱର ବିଧାନସଭା ଆସନରୁ ବିଜେଡ଼ିରୁ ପ୍ରାର୍ଥୀ ହୋଇ ହାରିଥିବା ଅଶୋକ ପଣ୍ଡା, ବିଜେପିରୁ ଜିତିଥିବା ପ୍ରାର୍ଥୀ ତଥା ବିଧାୟକ ବାବୁ ସିଂଙ୍କ ବିରୋଧରେ ହାଇକୋର୍ଟରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ । ଏହି ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ଶ୍ରୀ ପଣ୍ଡାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏହି ମାମଲାକୁ ଶୁଣାଣି ପୂର୍ବରୁ ଖାରଜ ପାଇଁ ବିଧାୟକ ଶ୍ରୀ ସିଂ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ହାଇକୋର୍ଟ ଏହି ଅନ୍ତରୀଣ ପିଟିସନ୍‌କୁ ଖାରଜ କରିଦେବା ଫଳରେ ବାବୁ ସିଂଙ୍କ ବିରୋଧରେ ମାମଲା ଚାଲିବା ସ୍ପଷ୍ଟ ହୋଇଯାଇଥିଲା । ହାଇକୋର୍ଟଙ୍କ ଏହି ଆଦେଶ ବିରୋଧରେ ବିଧାୟକ ସୁପ୍ରିମ୍‌କୋର୍ଟକୁ ଯାଇଥିଲେ । ସୁପ୍ରିମ୍‌କୋର୍ଟ ଆଜି ଏହି ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି । ଅଶୋକ ପଣ୍ଡାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ ।

## ଜଷ୍ଟିସ କୃଷ୍ଣରାମ ମହାପାତ୍ର ହେବେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ । ତାଙ୍କୁ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ ସୁପ୍ରିମକାର୍ଟ କଲେଜିୟମ୍ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛି । ଅଗଷ୍ଟ ୬ରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ଏହି ସୁପାରିସ କରାଯାଇଥିବା ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଆସନ୍ତା ୪ରେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଅବସର ଗ୍ରହଣ କରିବେ । ତାଙ୍କ ଅବସର ପରେ ଜଷ୍ଟିସ୍ ମହାପାତ୍ର ଏହି ପଦରେ ନିଯୁକ୍ତି ପାଇବେ । ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ଜଷ୍ଟିସ୍ ଶରତଚନ୍ଦ୍ର ମହାପାତ୍ରଙ୍କ ପୁତ୍ର ଜଷ୍ଟିସ୍ ମହାପାତ୍ର ୧୯୬୫ ଏପ୍ରିଲ ୧୮ରେ ଜନ୍ମଗ୍ରହଣ କରିଥିଲେ । ସେ ବି.ଏ. ଓ ଏଲ୍‌ଏଲ୍.ବି. ଡିଗ୍ରୀ ହାସଲ କରିଛନ୍ତି । ସେ ୧୯୮୮ ଫେବ୍ରୁଆରୀ ୭ରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ । ବାରରେ ସେ ପ୍ରାୟ ୨୬ ବର୍ଷ ଧରି ବିଭିନ୍ନ ଆଇନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିଲେ । ସିଭିଲ, ସର୍ଭିସ୍, ଫୌଜଦାରୀ ଓ ସାମ୍ବିଧାନିକ ଆଇନ ସମେତ ଅନ୍ୟାନ୍ୟ ଆଇନ ପରିଚାଳନା କ୍ଷେତ୍ରରେ ତାଙ୍କର ଦକ୍ଷତା ଥିଲା । ସେ ରାଜ୍ୟ ସରକାରଙ୍କ ଅତିରିକ୍ତ ଷ୍ଟାଣ୍ଡିଂ କାଉନସେଲ୍ ଭାବେ କାର୍ଯ୍ୟ କରିବା ସହ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ମଧ୍ୟ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ । ଏଥିସହ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିମିଟେଡ୍ (କେନ୍ଦୁଝର), କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ (ଏନଆଇଓଏସ), ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଏବଂ ବ୍ୟାଙ୍କ ଅଫ୍ ବରୋଦାର ଆଇନ ପରାମର୍ଶଦାତା ଭାବେ ସେ କାର୍ଯ୍ୟ କରିସାରିଛନ୍ତି । ୨୦୧୫ ଏପ୍ରିଲ ୧୭ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିଲେ । ଏବେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ତାଙ୍କ ନିଯୁକ୍ତି ପାଇଁ କଲେଜିୟମ୍ ସୁପାରିସ କରିଛି । ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

## ମୋଟରସାଇକେଲ ଚୋରି ମାମଲାରେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା: (ସବ୍ୟୁ): ମୋଟରସାଇକେଲ ଚୋରି ଅଭିଯୋଗରେ ଖୋର୍ଦ୍ଧା ମଡେଲ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୁରୁଜଙ୍ଗ ଗ୍ରାମର ଫକୀର ବାରିକଙ୍କ ପୁଅ ବାବୁଲା ବାରିକ ଓରଫ ପ୍ରକାଶ (୩୬) ।ପୁଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ବାଟମଙ୍ଗଳା ମନ୍ଦିର ନିକଟରୁ ହିରୋ ଗ୍ଲାମର ମୋଟରସାଇକେଲ ଯାହାରରେଜିଷ୍ଟ୍ରେସନ ନଂ. ଓଡ଼-୩୩-ଏ-୨୬୭୪ ଚୋରି ହୋଇଥିବା ନେଇ ଖୋର୍ଦ୍ଧା ମଡେଲ ଥାନାରେ କେସ୍ ନଂ. ୫୧୬/୨୦୨୬, ଧାରା ୩୦୩(୨) ବିଏନଏସ୍‌ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ବାବୁଲା ବାରିକ ଓରଫ ପ୍ରକାଶଙ୍କୁ ଗିରଫ କରି ପଚରାଉଚରା କରିଥିଲା । ପଚରାଉଚରା ବେଳେ ସେ ଅନ୍ୟ ଏକ ମୋଟରସାଇକେଲ ଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଥାନା ପକ୍ଷରୁ କୁହାଯାଇଛି । ଉକ୍ତ ମୋଟରସାଇକେଲଟି ହିରୋ ସିଡି ଡିଲକ୍ସ, ଯାହାର ରେଜିଷ୍ଟ୍ରେସନ ନଂ. ଓଡ଼-୦୨-ଇଛ-୩୧୨୮ ।ଗିରଫ ପରେ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯାଇଛି ।ଏନେଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି ।

### ବିଡିଏର ୪୪ତମ ପ୍ରତିଷ୍ଠା ଦିବସ

## ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ପ୍ରକଳ୍ପ ଲୋକାର୍ପିତ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କେବଳ ଘର ତିଆରି କରୁନାହିଁ ଲୋକଙ୍କ ଆବଶ୍ୟକତା ଦେଖି କାମ କରୁଛି । ଓଡ଼ିଶାକୁ ଶ୍ରେଷ୍ଠ କରିବାକୁ ହେଲେ ପ୍ରଥମେ ଭୁବନେଶ୍ୱରକୁ ବିକଶିତ କରିବାକୁ ହେବ । ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହରରେ ପରିଣତ




କରିବା ସରକାରଙ୍କ ଲକ୍ଷ୍ୟ । ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡକଫର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

ବିଡିଏର ୪୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବିଡିଏ ଅଧ୍ୟକ୍ଷ ଡକଫର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଡିଏର ପ୍ରତ୍ୟାଶିତ ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ବ୍ରୋଚର ଉନ୍ମୋଚିତ କରିଥିଲେ । ରାଜଧାନୀବାସୀଙ୍କୁ ଏହି ପ୍ରକଳ୍ପ ସମସ୍ତ ସୁବିଧା ସହିତ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବ । ସହରର ଅଭିବୃଦ୍ଧି, ଲୋକଙ୍କ ସ୍ୱପ୍ନର ଘର ଓ ସବୁଜିମା ସଂରକ୍ଷଣ ସହିତ ସ୍ୱେରେଜ୍ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମିଳିତ ପ୍ରୟାସ ଆବଶ୍ୟକ । ଟିପି ସ୍କିମକୁ ସେ ଲୋକଙ୍କ ଆଶାର ମେରୁଦ । ଏଥିରେ ସାଧାରଣ ଲୋକଙ୍କୁ ସବୁ ସୁବିଧା ମିଳିବ । ଜମିର ମୂଲ୍ୟ ବଢ଼ିବ ଓ ଲୋକେ ଲାଭ ପାଇବେ । ସ୍ୱଚ୍ଛତା ରଖି ବସ୍ତିବାସୀଙ୍କୁ ସୁବିଧାଯୁକ୍ତ ଘର ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସହରାଞ୍ଚଳ ବାସହୀନଙ୍କ ପାଇଁ ଆଶ୍ରୟ ପ୍ରକଳ୍ପକୁ ପ୍ରାଥମିକତା ଦେବାକୁ କହିଥିଲେ । ରାଜ୍ୟର ବିକାଶରେ ବିଡିଏ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ହେବ ବୋଲି ସେ କହିଥିଲେ । ବିଡିଏର ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ଘରର ମୂଲ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତି ଓ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରଣ କରାଯାଇଛି । ଏହା ରାଜଧାନୀର ଅନେକ ପରିବାର ପାଇଁ ନିଜସ୍ୱ ଘରର ସ୍ୱପ୍ନ ସାକାର କରିବାରେ ସହାୟକ ହେବ । ୭.୩୬ ଏକର ଜାଗାରେ ଏକାମ୍ର ରେସିଡେନ୍ସି ପ୍ରକଳ୍ପ ନିର୍ମିତ ହୋଇଛି । ଏଠାରେ ତିନୋଟି ଟାୱାର (ବିଜି୧୨ ମହଲା)ରେ ୪୧୬ଟି ଦୁଇ ଶୟନକକ୍ଷ ବିଶିଷ୍ଟ ଗୃହ (୨ ବିଏଚକେ) ଓ ୨୮୮ଟି ତିନି ଶୟନକକ୍ଷ ବିଶିଷ୍ଟ ଫ୍ଲାଟ୍ (୩ ବିଏଚକେ) ରହିଛି । ଏହାକୁ ବିଶ୍ୱସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଯେଉଁଥିରେ ଭୂମିକମ୍ପ-ପ୍ରତିରୋଧୀ ବ୍ୟବସ୍ଥା, କମ୍ୟୁନିଟି ହଲ୍, ସୁଇମିଂ ପୁଲ୍, ୱାକିଂ ଟ୍ରାକ୍, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟ୍ନେସ୍ ସେଣ୍ଟର, ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ, ୱାଟର ରିଚାର୍ଜ ବ୍ୟବସ୍ଥା, ପାୱାର ବ୍ୟାକ୍‌ଅପ୍, ସିସିଟିଭି ନିରୀକ୍ଷଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ସହାୟକ ଭିତ୍ତିଭୂମିର ବ୍ୟବସ୍ଥା ରହିଛି ବୋଲି ବିଡିଏ ପକ୍ଷରୁ କୁହାଯାଇଛି । ଏହି ଅବସରରେ ବିଡିଏ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା । ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଅତିରିକ୍ତ ଆୟୁକ୍ତ ସ୍ନିଗ୍ଧା ରାଣୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଡିଏର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଶକ୍ତି ସମ୍ମିଳନୀରେ ମହିଳାଙ୍କ ଲାଗି ଏକାଠି ହେଲେ ୨୨ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ

ଭୁବନେଶ୍ୱର(ସବ୍ୟୁ): ମହିଳା ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ଭିନ୍ନ ଭିନ୍ନ ଭାବେ ଦେଖାଯାଇପାରିବ ନାହିଁ । ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ସାମୂହିକ ଉତ୍ତରଦାୟିତ୍ୱ ମାଧ୍ୟମରେ ସମ୍ବନ୍ଧିତ ହୋଇ ଆଗେଇବା ଆବଶ୍ୟକ । କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିବା, ସମନ୍ୱୟ ବୃଦ୍ଧି କରିବା, ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସୁଯୋଗ ସହ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ଭୁବନେଶ୍ୱରଠାରେ ଆୟୋଜିତ "ଶକ୍ତି ସମ୍ମିଳନୀ'ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ, ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି । ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଯୁଗ୍ମ ଆନୁକୂଲ୍ୟରେ ଆନୁଷ୍ଠିତ ଏହି ସମ୍ମିଳନୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିଜର ସଫଳ ପଦକ୍ଷେପ ବାଣ୍ଟିବା, କାର୍ଯ୍ୟକାରିତାରେ ଥିବା ଅଭାବକୁ ଚିହ୍ନଟ କରିବା ଏବଂ ଅଧିକ ଆନୁଷ୍ଠାନିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କୌଶଳ ବିକଶିତ କରିବା ପାଇଁ ଏକ ଜାତୀୟ ମଞ୍ଚ ଯୋଗାଇ ଦେଉଛି ।



ଏହି ଅବସରରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହଟକର ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଦେଶସାରା ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଆଗକୁ ନେବା ପାଇଁ ଅଧିକ ସୁଦୃଢ଼ ଏବଂ ନିରନ୍ତର ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ମହିଳା ଆୟୋଗର ସଦସ୍ୟ ସଚିବ ସୁଦୀପ ଜୈନ, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦାର୍ସୱାଲ ଏବଂ ମିଶନ ଶକ୍ତିର ସଚିବ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ସିକିମ, ତାମିଲନାଡୁ, ତ୍ରିପୁରା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ଚଣ୍ଡୀଗଡ଼ ଏବଂ ତେଲେଙ୍ଗାନା ସମେତ ୨୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସଚିବ, କମିଶନର, ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପଦବୀର ୨୯ ଜଣ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଛନ୍ତି ।

## ମଣିପାଲ୍ କମ୍ପ୍ରିହେନସିଭ୍ ସ୍କାନିଂ ଫାସିଲିଟି, ଏବଂ ଅତ୍ୟାଧୁନିକ ପିଇଟି/ସିଟି ସେବା ଉପଲବ୍ଧ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ କ୍ୟାନସର ରୋଗର ଉନ୍ନତ ଚିହ୍ନଟ, ରୋଗର ମୂଲ୍ୟାଙ୍କନ ଏବଂ ଚିକିତ୍ସାର ଅଗ୍ରଗତି ନିରୀକ୍ଷଣକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ "ମଣିପାଲ କମ୍ପ୍ରିହେନସିଭ୍ ସ୍କାନିଂ ଫ୍ୟାସିଲିଟି" ସହ ଅତ୍ୟାଧୁନିକ ପିଇଟି/ସିଟି ସ୍କାନିଂ ସୁବିଧାର ଉପଲବ୍ଧ କରାଯାଇଛି । ଏହି ସୁବିଧା ମାଧ୍ୟମରେ ରୋଗୀଙ୍କ ଶରୀରର ଟିସୁ ଓ ଅଙ୍ଗପ୍ରତ୍ୟଙ୍ଗର ଗଠନ ସହ ସେଗୁଡ଼ିକର କାର୍ଯ୍ୟକ୍ଷମତା ସମ୍ପର୍କରେ ସଠିକ୍ ତଥ୍ୟ ମିଳିବା ସହ ଡାକ୍ତର ମାନଙ୍କୁ କ୍ୟାନସର ଚିକିତ୍ସାର ବିଭିନ୍ନ ପର୍ଯ୍ୟାୟରେ ଉଚିତ ଚିକିତ୍ସା ନିଷ୍ପତ୍ତି ନେବାରେ ସହାୟତା ମିଳିବ । ଏହା ସହିତ ମଣିପାଲ ହସ୍ପିଟାଲ ପକ୍ଷରୁ ନୂତନ ଆଉଟ୍ ପେସେଣ୍ଟ ବିଭାଗ ସେବା ମଧ୍ୟ ଆରମ୍ଭ କରାଯାଇଛି । ଏହା ଫଳରେ ରୋଗୀମାନେ ଗୋଟିଏ ସ୍ଥାନରେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ, ବିଭିନ୍ନ ପରୀକ୍ଷା ଓ ପରବର୍ତ୍ତୀ ଚିକିତ୍ସା ସୁବିଧା ସହଜରେ ପାଇପାରିବେ । ଏହି ଅବସରରେ ମଣିପାଲ ହସ୍ପିଟାଲର ଚିଫ୍ ପିପୁଲ୍ ଅଫିସର ପାର୍ଥ ଦାସ ଏବଂ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ସାଉଥ୍ ଇଷ୍ଟ କ୍ଲଷ୍ଟର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ବରିଷ୍ଠ ପରିଚାଳନା କର୍ମକର୍ତ୍ତା, ଡାକ୍ତର ଏବଂ ହସ୍ପିଟାଲ କର୍ମଚାରୀମାନେ ଉପସ୍ଥିତ ଥିଲେ । ପିଇଟି/ସିଟି ସ୍କାନିଂରେ ଦୁଇ ପ୍ରକାରର ଇମେଜିଂ ପ୍ରଯୁକ୍ତିକୁ ଏକା ସାଙ୍ଗରେ ବ୍ୟବହାର କରାଯାଏ । ସିଟି ସ୍କାନ୍ କ୍ୟାନସର ଟିସୁ ଓ ଅଙ୍ଗପ୍ରତ୍ୟଙ୍ଗ କିପରି କାମ କରୁଛି ତାହା ଦର୍ଶାଉଥିବା ବେଳେ ସିଟି ସ୍କାନ୍ ଶରୀରର ଆଭ୍ୟନ୍ତରୀଣ ଗଠନର ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ । ଏହି ଦୁଇଟି ପ୍ରଯୁକ୍ତିର ସମନ୍ୱୟ ଦ୍ୱାରା ରୋଗ କେଉଁଠି ରହିଛି ଏବଂ ତାହା ଶରୀରକୁ କିପରି ପ୍ରଭାବିତ କରୁଛି ସେ ସମ୍ପର୍କରେ ଡାକ୍ତରମାନେ ଅଧିକ ସଠିକ୍ ସୂଚନା ପାଇପାରିବେ ।



## ମୁକ୍ତାକାଶ ଜେଲ୍‌ରୁ ପଳାଇଥିବା କଏଦୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଜାମୁଝାଡି ଠାରେ ଥିବା ବିଜୁ ପଟ୍ଟନାୟକ ମୁକ୍ତାକାଶ ଜେଲ୍‌ରୁ ଖସି ପଳାଇଥିବା କଏଦୀ ସୁଶାନ୍ତ ଭୋଇକୁ ତା'ନିଜ ଘର ଝାରସୁଗୁଡାରୁ ଗିରଫ କରାଯାଇଥିବା ଚନ୍ଦକା ଥାନା ପୋଲିସ କହିଛି । ମୁକ୍ତାକାଶ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସ୍ମିତା ମହାନ୍ତିଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଝାରସୁଗୁଡା ସଦର ଥାନା ଅଞ୍ଚଳର ଅଭିଯୁକ୍ତ ୫୮୯/ଏ- ସୁଶାନ୍ତ ଭୋଇ ଧାରା ୩୦୨ ମାମଲାରେ ରାଉରକେଲା ସ୍ପେଶାଲ ଜେଲ୍‌ରେ ଆଜୀବନ କାରାଦଣ୍ଡ ଭୋଗୁଥିଲା । ତାକୁ ୨୦୨୧ ମସିହା ଜୁଲାଇ ୧୦ ତାରିଖରେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଜେଲ୍‌କୁ ଅଣାଯାଇଥିଲା । ୨୦୨୨ ମସିହା ସେପେଟମ୍ବର ୩ ତାରିଖରେ ସେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଜେଲ୍‌ରୁ କୌଶଳ କ୍ରମେ ଖସି ପଳାଇଥିଲା । ସେହି ମାମଲାର ତଦନ୍ତ ଜାରି ରହିଥିବାରୁ ଚନ୍ଦକା ଥାନା ପୋଲିସ ମାମଲାର ଫେରାର ଅଭିଯୁକ୍ତ ସମ୍ପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଝାରସୁଗୁଡା ସଦର ଥାନା ଅଧୀନ ସୁଶାନ୍ତ ଭୋଇ ନିଜ ଘରେ ଚଢାଉ କରିଥିଲା । ଚଢାଉରେ ଝାରସୁଗୁଡାର ସଦର ଥାନା ପୋଲିସ ଚନ୍ଦକା ଥାନା ପୋଲିସକୁ ସହଯୋଗ କରିଥିବାରୁ ସୁଶାନ୍ତ ଖସିଯାଇ ପାରିନଥିଲା । ତାକୁ ଗିରଫ କରି ଭୁବନେଶ୍ୱର ଆଣିବା ପରେ ମଙ୍ଗଳବାର କୋର୍ଟରେ ହାଜର କରାଯାଇଥିଲା ।

### ଧୂପକାଠି ଖୋଳରେ ଗଞ୍ଜେଇ

## ୩୦ ଲକ୍ଷର ବ୍ରାଉନସୁଗର ଜବତ, ଚାଲାଣକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ସ୍ପେଶାଲ କ୍ରାଇମ୍ୟୁନିଟ୍ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡା ଗ୍ରାମ ନିକଟରୁ ଜଳେଶ୍ୱରର ବ୍ରାଉନସୁଗର ବ୍ୟବସାୟୀ ଏସ୍‌କେ କେଫାରୁଦ୍ଦିନ ଓରଫ କାଲାବାବୁ (୫୫)କୁ ଗିରଫ କରିବା ସହ ତା'ନିକଟରୁ ୩୦୦ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଜବତ ବ୍ରାଉନସୁଗରର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସ୍ପେଶାଲ କ୍ରାଇମ୍ୟୁନିଟ୍‌ର ଅନ୍ୟ ଏକ ଟିମ୍ ଲକ୍ଷ୍ମୀସାଗର, ବରଗଡ ଥାନା ଅଞ୍ଚଳର ବିଭିନ୍ନ ଦୋକାନରେ ଚଢାଉ କରି ଗଞ୍ଜେଇ, ଗଞ୍ଜେଇ ସିଗାରେଟ୍, ଚିଲମ ପ୍ରଭୃତି ଜବତ କରିଛି । ଧୂପକାଠି ଖୋଳରେ ଗଞ୍ଜେଇ ପୁଡିଆ ରଖି ପାନ ଦୋକାନୀ ବିକ୍ରି କରୁଥିବା ଜଣାପଡିଛି ।

ସ୍ପେଶାଲ କ୍ରାଇମ୍ୟୁନିଟ୍ ଜଳେଶ୍ୱର ବ୍ରାଉନସୁଗର ବ୍ୟବସାୟୀଙ୍କୁ ଟାର୍ଗେଟ କରି ଟ୍ରାକ୍‌ରେ ରଖିଥିବା ବେଳେ କାଲାବାବୁ ବ୍ରାଉନସୁଗର ଆଣି ଭୁବନେଶ୍ୱର ଆସିଥିବା ଜଣାପଡ଼ିବା ପରେ ତାକୁ ଧରିବାରେ ସଫଳ ହେଲେ । କାଲାବାବୁ ବାରମ୍ବାର ବ୍ରାଉନସୁଗର କାରବାର ମାମଲାରେ ଜେଲ୍ ଯାଇ ଆସିବା ପରେ ପୁଣି ସେହି ବେପାର କରୁଥିବା ଜଣାପଡିଛି । କାଲାବାବୁ ପରିବାରର ୭ଜଣ ଭାଇ ଓ ମହିଳାମାନେ ଜଳେଶ୍ୱରରେ ବ୍ରାଉନସୁଗର କାରବାର



କରୁଥିବା କମିଶନରେଟ୍ ପୋଲିସ ଜାଣିବାକୁ ପାଇଛି । ପରିବାରର ୭ ଭାଇ ଓ ମହିଳାଙ୍କ ନାଁରେ ଜଳେଶ୍ୱର ଓ ବାଲେଶ୍ୱର ଥାନାରେ ବ୍ରାଉନସୁଗର କାରବାର ମାମଲା ଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି । କାଲାବାବୁକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଦଳୀ ଗୋଦାମ ବସ୍ତି ଓ ବଡଗଡ ଥାନା ଅଞ୍ଚଳ ଚିଲିପୋଖରୀ ପ୍ରଭୃତି ଅଞ୍ଚଳରେ ଚଢାଉ କରିଥିବା ସ୍ପେଶାଲ କ୍ରାଇମ୍ୟୁନିଟ୍‌ର ଟିମ୍ ଗଞ୍ଜେଇ ସିଗାରେଟ୍, ଚିଲମ, ଗଞ୍ଜେଇ ପୁଡିଆ ପ୍ରଭୃତି ଜବତ କରିଛି । ବିଭିନ୍ନ ଦୋକାନକୁ ଯାଞ୍ଚ କରିବା ବେଳେ ଧୂପକାଠି ଖୋଳରେ ପାନ ଦୋକାନୀ ଗଞ୍ଜେଇ ପୁଡିଆ ରଖି ବିକ୍ରି କରୁଥିବା ଜଣାପଡିଥିଲା । କଳ୍ପନା ଛକ ଓ ଲକ୍ଷ୍ମୀସାଗର ଛକ ପ୍ରଭୃତି ଅଞ୍ଚଳରେ ଥିବା ବିଭିନ୍ନ ଛୋଟ ଛୋଟ ଦୋକାନରେ ନିଶା କାରବାର ହେଉଥିବା ଖବର ପାଇ ଏହି ଚଢାଉ କରାଯାଇଥିବା ପୋଲିସ କହିଛି ।

### ଏମ୍‌ଏମ୍‌ଡିଆର ଉପରେ ସ୍ୱତନ୍ତ୍ର ଆଲୋଚନା
# ନହେଲେ ବିଧାନସଭା ଚଳାଇ ଦେବନାହିଁ କଂଗ୍ରେସ

ଭୁବନେଶ୍ୱର ,(ସବ୍ୟୁ): ଏମଏମଡିଆର ବିଲକୁ ନେଇ କଂଗ୍ରେସ ଦଳ ସାମ୍ବାଦିକ ସମ୍ମିଳନୀ ଲଗାତାର କରି ଆସୁଛି । ଆଜି ପୁଣି ଏମଏମଡିଆର ବିଲର ବିରୋଧରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଓପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସିଦ୍ଧାର୍ଥ ରାଉତରାୟ ତଥ୍ୟାନୁଯାୟୀ ସରକାର ଓ ବିଜେଡି ଦଳର ଆଭିମୁଖ୍ୟକୁ ଉଜାଗର କରିଥିଲେ । ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ, ଏମଏମଡିଆର ବିଲକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ସମ୍ବଲପୁର ସାଂସଦଙ୍କ ଚିଠି ଗୁଡାକ ଖୁବ ଆମୋଦଦାୟକ ମନେ ହେଉଛି । ନିର୍ବାଚନ ଆସିଲେ ସାରା ରାଜ୍ୟ ସବୁଜମୟ ଦେଖାଯାଉଥିଲା କାରଣ ଲକ୍ଷ ଲକ୍ଷ କୋଟି ଟଙ୍କାର ଲୁଟ ପାଇଁ ତତ୍କାଳୀନ ସରକାର ବାଟ ଫିଟାଇ ଦେଇଥିଲେ । ଡ଼ିଏମଏଫ ଫଣ୍ଡରୁ ୯୦୦ ଗୋଟି ଗ୍ରାମକୁ ଅନୁଦାନ ଦିଆଯାଇଛି ଯେଉଁ ଗ୍ରାମଗୁଡିକର ଖଣି ସହ ଆଦୌ ସମ୍ପର୍କ ନାହିଁ ।




ଅପରପକ୍ଷେ ୫୦୦ରୁ ଉର୍ଦ୍ଧ ଖଣି ପ୍ରଭାବିତ ଗ୍ରାମଗୁଡିକ କିଛି ଅନୁଦାନ ପାଇ ନାହାନ୍ତି । ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଅଗଷ୍ଟ ୧୩ ତାରିଖଠାରୁ ପ୍ରତ୍ୟେକ ଜିଲ୍ଲା ଏପରିକି ବ୍ଲକ ସ୍ତରରେ ମଧ୍ୟ ବିଭିନ୍ନ ଆନ୍ଦୋଳନ ହୋଇଛି । କଂଗ୍ରେସ ସମଭାବପନ୍ନ ଦଳ ମିଶିକି ବିଭିନ୍ନ ଆନ୍ଦୋଳନ, ପ୍ରତିବାଦ ଓ ଧାରଣା ଆଦି କାର୍ଯ୍ୟକ୍ରମ ରାଜରାସ୍ତାରେ କରୁଛି । ଆସନ୍ତା ବିଧାନସଭା ଅଧିବେଶନରେ ଏମଏମଡିଆରକୁ ନେଇ ସ୍ୱତନ୍ତ୍ର ଆଲୋଚନା ନ ହେଲେ ବିଧାନସଭା ଚଳାଇଦେବୁ ନାହିଁ ବୋଲି ଶ୍ରୀ ଦାସ କହିଥିଲେ ।

### କିମ୍ସର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ
# ଡାକ ବିଭାଗର ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): କିମସର ୨୦ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଡାକ ବିଭାଗ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ସ୍ମାରକ ଡାକ କଭର ଉନ୍ମୋଚନ କରାଯାଇଛି । ଚିକିତ୍ସା ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ କିମସର ଦୁଇ ଦଶନ୍ଧିର ଅବଦାନକୁ ଏହି ସ୍ମାରକ ଆବରଣ ମାଧ୍ୟମରେ ସମ୍ମାନ ଜଣାଯାଇଛି । ଏହି ଅବସରରେ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଡାକ୍ତର ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ । ସେ ଡାକ୍ତରମାନଙ୍କୁ 'ଦେଶ ଓ ଜନସାଧାରଣଙ୍କ ସେବାରେ ନିୟୋଜିତ ଦେବଦୂତ' ଭାବେ ବର୍ଣ୍ଣନା କରିଥିଲେ । କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଶ୍ରୀ ସାମନ୍ତଙ୍କ ଜୀବନ ଦେଶସେବା ପାଇଁ ସମର୍ପିତ ବୋଲି




ଶ୍ରୀ ସିଂହ କହିଥିଲେ । ଭାରତୀୟ ଡାକ ବ୍ୟବସ୍ଥାର ବ୍ୟାପକତା ସଂପର୍କରେ ସେ କହିଲେ, ଦେଶରେ ପ୍ରାୟ ୧ ଲକ୍ଷ ୬୪ ହଜାର ଡାକଘର ରହିଛି, ଯାହା ବିଶ୍ୱର ସବର୍ବୃହତ ଡାକ ନେଟୱର୍କ । ଏଥିରୁ ପ୍ରାୟ ୮,୯୦୦ ଡାକଘର ଓଡ଼ିଶାରେ ରହିଛି ।

ଜୀବନର ପ୍ରତ୍ୟେକ କ୍ଷେତ୍ର ସହ ଆମେ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ସେ କହିବା ସହ ଭାରତୀୟ ଡାକ ବିଭାଗ ବର୍ତ୍ତମାନ ନାଗରିକକୈନ୍ଦ୍ରିକ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଏବଂ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେଉଥିବା କହିଥିଲେ । କିମସ ମେଡ଼ିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଆର.ସି. ଦାସ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ବୋଲି ଅଭିହିତ କରିଥିଲେ । ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ କିମସ ଆଜି ଅନ୍ୟତମ ଅଗ୍ରଣୀ ମେଡିକାଲ କଲେଜ ହସ୍‌ପିଟାଲ୍ ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ସେ କହିଥିଲେ । କିମସର ୨୦ ବର୍ଷ ପୂର୍ତ୍ତି ଏହାର ଯାତ୍ରାର ଅନ୍ତ ନୁହେଁ, ବରଂ ଏକ ନୂଆ ଯାତ୍ରାର ଆରମ୍ଭ ବୋଲି ସେ ମତ ଦେଇଥିଲେ ।

କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, କିମସ ପୂର୍ବ ଭାରତର ଅନ୍ୟତମ ବୃହତ୍ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନ ଭାବେ ଉଭା ହୋଇଛି । ଚିକିତ୍ସା ପର୍ଯ୍ୟଟନର ବଢ଼ୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ, ପ୍ରତିବର୍ଷ ପ୍ରାୟ ୪ରୁ ୫ ଲକ୍ଷ ବିଦେଶୀ ନାଗରିକ ଚିକିତ୍ସା ପାଇଁ ଭାରତକୁ ଆସୁଛନ୍ତି । ଓଡ଼ିଶାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଗନ୍ତବ୍ୟସ୍ଥଳୀ ଭାବେ ପ୍ରତିଷ୍ଠିତ କରିବାରେ କିମ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସ୍କୁଲ୍ ଅଫ୍ ମେଡିସିନ୍‌ର ପ୍ରୋ-ଭାଇସ୍ ଚାନ୍ସେଲର ଡା. ସି.ବି.କେ. ମହାନ୍ତି, ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର.ଏନ୍. ସାମନ୍ତ, କିମ୍ସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏମ୍.ଆର. ବେହେରାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର, ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### କଣ୍ଠାପାଟଣା ବାସୁଦେବ ସିଂଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣା
# ୫୮ ଦିନ ପରେ ବି ପୋଲିସ ଚପାଇ ରଖିଛି ମାମଲା

ଚଣ୍ଡିଖୋଲ(ସବ୍ୟୁ) :ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ କଣ୍ଠାପାଟଣା ଗ୍ରାମରେ ବାସୁଦେବ ସିଂଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାକୁ ଇତି ମଧ୍ୟରେ ୫୮ ଦିନ ବିତିଛି । ହେଲେ ଏହି ବହୁ ଚର୍ଚ୍ଚିତ ଘଟଣାର ପ୍ରକୃତ ସତ୍ୟ ଉଦଘାଟନ କରିବା ପରିବର୍ତ୍ତେ ଅଦ୍ୟାବଧି ମାମଲାକୁ ଚପାଇରଖାଯାଇଛି । ବିଏନଏସଏସର ଧାରା ୧୯୪ ଅନୁଯାୟୀ ଯେ କୌଣସି ସଂନ୍ଦେହ ଜନକ ବା ଅସ୍ୱାଭାବିକ ମୃତ୍ୟୁ ଘଟଣାରେ କେହିଯଦି ଏତଲା ନଦିଅନ୍ତି ତେବେ ପୋଲିସ ନିଜଆଡୁ ଅପମୃତ୍ୟୁ ମାମଲା ଦାୟରକରି ଘଟଣାର ଉପଯୁକ୍ତ ତଦନ୍ତ କରି ମାମଲାର ପ୍ରକୃତ ସତ୍ୟ ଉଦ୍‌ଘାଟନ କରିବା ପାଇଁ ନିୟମ ରହିଛି । ହେଲେ ଏହାଜାଣି ମଧ୍ୟ ଉକ୍ତ ଘଟଣାରେ ପୋଲିସ କାହିଁକି ଏହି ନିୟମ ପାଳନ କରୁନାହିଁ ଏବେ ସାଧାରଣରେ ପ୍ରଶ୍ନ ହୋଇଛି । ତାଙ୍କ ନାମରେ ବ୍ୟାଙ୍କରେ ଥିବା ଟଙ୍କା ଉଠାଇ ପରିବାର ଲୋକଙ୍କୁ ନଦେବାରୁ ବାସୁଦେବଙ୍କୁ ପରିବାର ଲୋକେ ଗତ ଜୁଲାଇ ମାସ ୬ତାରିଖ ରାତିରେ ସୁଚିନ୍ତିତ ଭାବେ ହତ୍ୟା କରିଛନ୍ତି ବୋଲି ତାଙ୍କର ଭଉଣୀ ଓ ଭଣଜା ତଦନ୍ତ ଅଧିକାରୀଙ୍କୁ ଜୁଲାଇ ୧୨ ତାରିଖରେ ଲିଖିତ ଅଭିଯୋଗ କରିଥିଲା ବେଳେ ଘଲୋଇ କଳହକୁ ନେଇ ବାସୁଦେବ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ସଫେଇ ଦେଇଛନ୍ତି । ତେବେ ଏହି ସ୍ପର୍ଶ କାତର ଘଟଣାକୁ ନେଇ ସାଧାରଣରେ ଅନେକ କଥା ଆଲୋଚନା ହେବା ସହିତ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ମଧ୍ୟ ଅନେକ ସଂନ୍ଦେହ ପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି । ହେଲେ ପୋଲିସ ପ୍ରଥମରୁ ଉକ୍ତ ଘଟଣାକୁ ଅତି ହାଲୁକାଭାବେ ଧରିନେଇ ଅଦ୍ୟାବଧି ଥାନାରେ ମାମଲାଟିଏ ମଧ୍ୟ ପଞ୍ଜିକରଣ ନକରି ଅତି ଆଶ୍ଚର୍ଯ୍ୟ ଜନକ ଭାବେ ଚୁପହୋଇ ବସିରହିଛି ।

ପରିବାର କହିବା ଅନୁଯାୟୀ ଯଦିବି ବାସୁଦେବଙ୍କୁ ହତ୍ୟା କରାଯାଇ ନଥାଏ ବା ବାସୁଦେବଙ୍କ ମୃତ୍ୟୁ ଆତ୍ମହତ୍ୟା ଜନିତ ହୋଇଥାଏ ତେବେ ସେ ଜଣେ ସୁସ୍ତ ଶବଳ ବ୍ୟକ୍ତି ହୋଇଥିଲେ ମଧ୍ୟ କେଉଁ ଅବସ୍ଥାରେ,କାହିଁକି ଓ କେଉଁ କାରଣ ପାଇଁ ଆତ୍ମହତ୍ୟା କଲେ ଓ ତାଙ୍କ ଆତ୍ମହତ୍ୟା ପାଇଁ ଦାୟି କିଏ ତାହାର ତଦନ୍ତ କରି ପୋଲିସ ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବା କଥା । ହେଲେ ପୋଲିସ କାହିଁକି ଘଟଣାର ଉପଯୁକ୍ତ ତଦନ୍ତ ନକରଗ ଅଦ୍ୟାବଧି ହାତବାନ୍ଧି ବସିଛି ତାକୁନେଇ ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି । ଜୁଲାଇ ୬ ତାରିଖରେ ବାସୁଦେବଙ୍କ ଅସ୍ୱାଭାବିକ ମୃତ୍ୟୁହେବା ପରେ ପରଦିନ ସକାଳୁ କାହାକୁ କିଛି ନଜଣାଇଁ ଅତି ତରବରିଆ ଭାବେ ଶ୍ମଶାନ ପରିବର୍ତ୍ତେ ନିଜ ବାଡିପଟେ ପରିବାର ଲୋକେ ମୃତ ଦେହକୁ ପୋଡିଦେଇଥିଲେ । ଏପରିକି ବାସୁଦେବଙ୍କ ଜାତିର ନିତି ନିୟମ ଅନୁଯାୟୀ ମୃତ ଦେହକୁ ମାଟିରେ ପୋତା ଯିବାର ନିୟମ ରହିଥିଲେ ମଧ୍ୟ ତଙ୍କ ପରିବାର ଏହି ନିୟମକୁ ନମାନି ଓ ନିଜ ଗାଁଠାରୁ ଅଳ୍ପ ଦୂରରେ ଥିବା ତାଙ୍କ ଦୁଇ ଭଉଣୀ ଓ ପୋଲିସକୁ ମୃତ୍ୟୁ ସମ୍ପର୍କରେ ସୂଚନା ନଦେଇ ମୃତ ଦେହକୁ ଅତି ତରବରିଆ ଭାବେ ପୋଡି ଦେବା ଘଟଣା ମଧ୍ୟ ଅତିବ ସଂନ୍ଦେହ ସୃଷ୍ଟି କରୁଛି । ଅନ୍ୟ ପକ୍ଷରେ ବାଡି ପଟେ ମୃତଦେହ ପୋଡା ଚାଲିଥିବା ସମୟରେ ଗ୍ରାମବାସୀଙ୍କ ଠାରୁ ଖବରପାଇ ଜେନାପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଶବ ଜବତ ନକରି ରହସ୍ୟ ଜନକଭାବେ ଘଟଣା ସ୍ଥଳରୁ ଫେରି ଆସିବା ଓ ପରେ ଓଡିଶା ପୋଲିସରେ ଚାକିରୀ କରିଥିବା ବାସୁଦେବଙ୍କ ଜନୈକ ମଝିଆଁ ପୁଅ ଅଭିଯୋଗ ପ୍ରତ୍ୟାହାର ପାଇଁ ଅଭିଯୋଗ କାରୀଙ୍କ ଉପରେ ପ୍ରବଳ ଚାପ ପକାଇଥିବା ପରି ଏତେସବୁ ପ୍ରସଙ୍ଗ ସନ୍ଦେହ ସୃଷ୍ଟି କରିଛି । ଏପରି ଜଘନ୍ୟ ଘଟଣାର ପ୍ରକୃତ ସତ୍ୟ ଉନ୍ମୋଚନ ପାଇଁ ଦାବି ହେଉଛି ।

### ରାହୁଲ ଗାନ୍ଧୀଙ୍କ ନାମରେ ଏତଲା ପ୍ରତିବାଦରେ
# ପ୍ରଦେଶ ମହିଳା କଂଗ୍ରେସର ବିକ୍ଷୋଭ, ମନୁସ୍ମୃତି ବିରୁଦ୍ଧରେ ନାରା

ଭୁବନେଶ୍ୱର, (ସବ୍ୟୁ): ଉତ୍ତରାଖଣ୍ଡର ବିଜେପି ନେତା ଓ କର୍ମୀ ଏବଂ ଏକ ଗୈରିକ ସଂଗଠନ ପକ୍ଷରୁ ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀଙ୍କ ନାମରେ ଦେଇଥିବା ଏତଲା ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ମହିଳା କଂଗ୍ରେସ କର୍ମୀମାନେ ଏକ ରାଲିରେ ଆସି ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏଥିସହ ମନସ୍ମୃତି ଫଟୋ ଥିବା ବ୍ୟାନରରେ ଛକି ଚିହ୍ନ ଦେଇ ପ୍ରଦର୍ଶନ କରାଯାଇଥିଲା । ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଆମେ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନକୁ ସମ୍ମାନ କରୁ ଏବଂ ସମ୍ବିଧାନରେ ନିର୍ଦ୍ଦେଶିତ ପଥକୁ ଅନୁସରଣ କରୁ । ମନସ୍ମୃତି ମଣିଷ ଭିତରେ ଉଚ୍ଚନିଚ ଭେଦଭାବକୁ ଜାହିର କରିଥାଏ । ଆଜିର ଦିନରେ ମନସ୍ମୃତି ଗ୍ରହଣୀୟ ହୋଇନାହିଁ ।

ଉତ୍ତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲିଲା ମଇଦାନରେ ଏକ ସଭାକୁ ଅଗଷ୍ଟ ୮ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ସମ୍ବୋଧିତ କରିଥିଲେ । ଅଗଷ୍ଟ ୧୧ ତାରିଖ ଦିନ ଭାରତୀୟ ଜନତାପାର୍ଟିର ପ୍ରରୋଚନାରେ ଏକ ଗୈରିକ ସଂଗଠନ ରାମଲୀଳା ମଇଦାନ ସଭାସ୍ଥଳରେ ଗଙ୍ଗାଜଳ ଓ ଗୋମୂତ୍ର ଛିଞ୍ଚଣ ଏବଂ ହୋମ କରି ଶୁଦ୍ଧିକରଣ କରିଥିଲେ । ଅଗଷ୍ଟ ୨୯ ତାରିଖ ଦିନ ରାହୁଲ ଗାନ୍ଧୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ଦୃନିନ୍ଦା କରିଥିଲେ । ସେ କହିଥିଲେ ଏତଦ୍ଦ୍ୱାରା ଅସ୍ପୃଶ୍ୟତାକୁ ଉତ୍ସାହିତ କରାଯିବା ସହ ଯେଉଁ ବିଜେପି କର୍ମୀ ଓ ତାଙ୍କ ସହଯୋଗୀ ସଂଗଠନର କର୍ମୀମାନେ ଏହି "ଶୁଦ୍ଧିକରଣ' କାର୍ଯ୍ୟ କରିଛନ୍ତି, ସେମାନଙ୍କ ବିରଦ୍ଧରେ ଏତଲା ଦରଜ କରାଯାଉ । ମାତ୍ର ଉତ୍ତରାଖଣ୍ଡର ପୁଲିସ ରାହୁଲ ଗାନ୍ଧୀଙ୍କ ଦାବିକୁ ଗ୍ରହଣ କରିବା ବଦଳରେ ଓଲଟା ରାହୁଲ ଗାନ୍ଧୀଙ୍କ ନାମରେ ଏତଲା ଦରଜ କରିଛନ୍ତି । ମଲ୍ଲିକାର୍ଜୁନ ଖର୍ଗେ କେବଳ କଂଗ୍ରେସ ସଭାପତି ନୁହଁନ୍ତି ସେ ରାଜ୍ୟ ସଭାରେ ବିରୋଧିଦଳର ନେତା ମଧ୍ୟ । ଯଦି ସଂସଦର ରାଜ୍ୟସଭା ବିରୋଧିଦଳର ନେତା ଜଣେ ଦଳିତ ବର୍ଗର ହୋଇଥିବାରୁ ବିଜେପି ଚକ୍ରାନ୍ତ କରି ତାଙ୍କୁ ଏଭଳି ଅପମାନିତ କରେ ତେବେ ଏ ଦେଶରେ ମନୁବାଦୀଙ୍କ ପ୍ରଭାବ ତଳେ ଦଳିତ ଲୋକମାନଙ୍କର ଅବସ୍ଥା କଣ ହେଉଥିବ । ସୁତରାଂ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ନିଷ୍କ୍ରିୟ ରହିବା ଦୁଃଖଦାୟକ । ଅନ୍ୟ ପକ୍ଷରେ ରାହୁଲ ଗାନ୍ଧୀ ମନୁସ୍ମୃତିକୁ ମହିଳା ବିରୋଧି କହିବା ଯଥାର୍ଥ । ମନସ୍ମୃତିରେ ମହିଳାଙ୍କୁ ଯେଉଁଭଳି ଭାବରେ ଚିତ୍ରଣ କରାଯାଇଛି ତାହାକୁ ଆଜିର ସମାଜ ଗ୍ରହଣ କରିପାରିବ ନାହିଁ । ମହିଳାମାନେ ଆଉ ଅବଳା ବା ଦୁର୍ବଳା ନୁହଁନ୍ତି । ସେମାନଙ୍କୁ ସଓ୍ୱଙ୍ଗ ସଂପୂର୍ଣ୍ଣ ହେବା ପାଇଁ ସମ୍ବିଧାନ ଅଧିକାର ଦେଇଛି । ଦେଶର ସମସ୍ତ ନାରୀଙ୍କ ନିକଟରେ ମନସ୍ମୃତି ଏକ ଅନାବଶ୍ୟକ ବା ଗ୍ରହଣ ଅଯୋଗ୍ୟ ପୁସ୍ତକ ।

### ଜାତୀୟ ସ୍ତରରେ ଓଡ଼ିଶା ପାଇଁ ନୂଆ ଗୌରବ
# ଓଡ଼ିଶାର ଡାକ୍ତର ଜନ୍ମେଜୟ ମହାପାତ୍ର ଏ.କେ. ଏନ୍ ସିହ୍ନା ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଚିକିତ୍ସା ଜଗତ ପାଇଁ ଏକ ଗୌରବମୟ ଖବର । ବିଶିଷ୍ଟ ଚିକିତ୍ସକ ଡାକ୍ତର ଜନ୍ମେଜୟ ମହାପାତ୍ର ସର୍ବଭାରତୀୟ ସ୍ତରର ପ୍ରତିଷ୍ଠିତ ଡାକ୍ତର ଏ.କେ.ଏନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ଡାକ୍ତର ମହାପାତ୍ରଙ୍କ ସଫଳତାର ବିଶେଷ ଗୁରୁତ୍ୱ ରହିଛି । ଓଡ଼ିଶାରୁ ପ୍ରଥମ ଓଡ଼ିଆ ଡାକ୍ତର ଭାବେ ସେ ଏହି ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ପଦବୀ ଅଳଙ୍କୃତ କରିଛନ୍ତି । ତାଙ୍କର ଏହି ସଫଳତା ଓଡ଼ିଶାର ଚିକିତ୍ସକ ସମାଜ ପାଇଁ ଏକ ଗୌରବର ବିଷୟ ହୋଇଛି । ଚିକିତ୍ସା କ୍ଷେତ୍ର ସହିତ ଚିକିତ୍ସା ଶିକ୍ଷା, ସଂଗଠନାତ୍ମକ କାର୍ଯ୍ୟ ଓ ଚିକିତ୍ସକ ସମାଜର ଉନ୍ନତିରେ ଡାକ୍ତର ମହାପାତ୍ରଙ୍କର ଦୀର୍ଘଦିନର ଅବଦାନ ରହିଛି । ତାଙ୍କର ଅଭିଜ୍ଞତା, ନେତୃତ୍ୱ ଦକ୍ଷତା ଓ ଚିକିତ୍ସା କ୍ଷେତ୍ର ପ୍ରତି ନିଷ୍ଠା ତାଙ୍କୁ ଏହି ଜାତୀୟ ଦାୟିତ୍ୱ ପାଇଁ ଏକ ଉପଯୁକ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ



କରିଛି । ଡାକ୍ତର ଜନ୍ମେଜୟ ମହାପାତ୍ରଙ୍କ ଏହି ନିର୍ବାଚନକୁ ନେଇ ଓଡ଼ିଶାର ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି । ବହୁ ଚିକିତ୍ସକ, ଶିକ୍ଷାବିତ୍ ଓ ସାମାଜିକ ସଂଗଠନ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ନୂତନ ଦାୟିତ୍ୱର ସଫଳତା କାମନା କରିଛନ୍ତି । ଡାକ୍ତର ଜନ୍ମେଜୟ ମହାପାତ୍ରଙ୍କ ଏହି ସଫଳତା ଜାତୀୟ ଚିକିତ୍ସା ମଞ୍ଚରେ ଓଡ଼ିଶାର ଗୌରବକୁ ଆହୁରି ଉଜ୍ଜ୍ୱଳ କରିଛି । ସମ୍ପ୍ରତି ଡାକ୍ତର ମହାପାତ୍ର, କଟକ ସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍ସର ପ୍ରତିଷ୍ଠାନ ରେ Gynaecologic uncology ବିଭାଗରେ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ, ଏତଦ୍ ବ୍ୟତୀତ ଡାକ୍ତର ମହାପାତ୍ର ରାଜ୍ୟ ସ୍ତ୍ରୀ ଓ ପ୍ରସୂତି ସଂଘ ର ରାଜ୍ୟ ସଭାପତି ଅଛନ୍ତି ଏବଂ ଭାରତୀୟ ଚିକିତ୍ସକ ସଙ୍ଘ ଓଡ଼ିଶା ଶାଖା ର ଆସନ୍ତା ବର୍ଷ ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।

## ରାସ୍ତା ପାଲଟିଲା ପୋଖରୀ, ପାଣି ଭିତରେ ଗ୍ରାମବାସୀ

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବନ୍ଧ ସାହି ରାସ୍ତାର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି । ରାସ୍ତା ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି । ଗ୍ରାମବାସୀ,ସ୍କୁଲ ଛାତ୍ର, ଛାତ୍ରୀ ଛତା ଧରି ଆଣ୍ଠୁଏ ପାଣିରେ ଯିବାକୁ ବାଧ ହେଉଛନ୍ତି । ଲଘୁଚାପ ବର୍ଷା ପରେ ଠାକୁରମୁଣ୍ଡା ବନ୍ଧରୁ ବାହାରିଥିବା ପଙ୍କ ବନ୍ଧ ସାହି ଚତୁଃପାଶ୍ୱର୍ରେ ପଡି ରହିଥିବାରୁ ଜଳ ନିଷ୍କାସନ ରାସ୍ତା ବନ୍ଦ ହୋଇଯାଇଛି । ଟିକିଏ ବର୍ଷା ହେଲେ ରାସ୍ତାରେ ଲହଡି ମାରୁଛି ପାଣି ।

# ଡା. ଚିତ୍ତରଞ୍ଜନ ବେହେରା ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ) : ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଉପ-ଅଧିକ୍ଷକ ଡା. ଚିତ୍ତରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ତାଙ୍କୁ ଆୟୁର୍ବେଦ ବାଚସ୍ପତି ଅଧ୍ୟାପକ ଗଣେଶ୍ୱର ଆଚାର୍ଯ୍ୟ ଶର୍ମା ସ୍ମୃତି ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଭଞ୍ଜଶ୍ରୀ ଶ୍ରୀଧର ଫାଉଣ୍ଡେସନ ପକ୍ଷରୁ କଲ୍ଚରାଲ ଆଉଟ୍‌ରିଚ୍ କାର୍ଯ୍ୟକ୍ରମରେ ଶ୍ରୀ ବେହେରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ବେହେରା ରାଜ୍ୟର ବହୁ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟକରି



ଆୟୁର୍ବେଦ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଜଣେ ସଫଳ ଚିକିତ୍ସକ ଭାବେ ସେ ଜଣାଶୁଣା । ଭଞ୍ଜଶ୍ରୀ ଶ୍ରୀଧର ଶତପଥୀ ଫାଉଣ୍ଡେସନର ଅଧ୍ୟକ୍ଷ ମନ୍ମଥ କୁମାର ଶତପଥୀ, ମୁଖ୍ୟ ଉପଦେଷ୍ଟା ଶାନ୍ତନୁ କୁମାର ରଥ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ । ଭାରତୀୟ ବିଦ୍ୟାଭବନ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଏମ୍‌ଏମ୍‌ଡିଆର ସଂଶୋଧନ ଆକ୍ଟ ପ୍ରସଙ୍ଗ
# ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ସଂଶୋଧନ ଆକ୍ଟ ୨୦୨୬ ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି କହି ପୁଣି ବିଜେପି ଉପରେ ବର୍ଷିଛି । ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ବେଳେ ବିଜେପି ସାଂସଦ ମାନେ ଏହାକୁ ସମର୍ଥନ କରିଥିଲେ, ଯେଉଁଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର କହିଥିଲେ, ଏମଏମଡିଆର ଆକ୍ଟ ମାଧ୍ୟମରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କର ଅଧିକାର ସବୁଦିନ ପାଇଁ କେନ୍ଦ୍ର ସରକାର ଛଡାଇ ନେଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନଅ ଜଣିଆ ଖଣ୍ଡପୀଠ ଦ୍ୱାରା ୨୫ ଜୁଲାଇ ୨୦୨୬ରେ ପ୍ରଦାନ କରାଯାଇଥିବା ଜଜମେଣ୍ଟରେ ରାଜ୍ୟ ମାନେ ଖଣି ଓ ଖଣି ଥିବା ଜମି ଉପରେ ଟିକସ ଓ ଲେଭି ଲଗାଇ ପାରିବେ । ଏହାଛଡ଼ା ୨୦୦୫ ମସିହାରୁ ଟିକସ ଲେଭି ବାବଦକୁ ବାକି ଥିବା ଟିକସକୁ ମଧ୍ୟ ଆଦାୟ ହେବ ବୋଲି କହିଥିଲେ । ଏହି ଜଜମେଣ୍ଟ ଅନୁଯାୟୀ ବକେୟା ବାବଦକୁ ଓଡିଶା ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପାଇବାକୁ ହକଦାର ହୋଇଥିଲା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ମିଳିବ ବୋଲି ପଥ ପରିଷ୍କାର ହୋଇଥିଲା । ଏମଏମଡିଆର ସଂଶୋଧନ ଆକ୍ଟ ହେବା ପରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କ ଅଧିକାର ସବୁଦିନ ପାଇଁ ଛଡାଇ ନିଆଗଲା । ଏହା ସହିତ ବକେୟା ବାବଦକୁ ପାଇବାକୁ ଏକ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ସବୁଦିନ ପାଇଁ ହରାଇଲା ।

ଡ. ମିଶ୍ର କହିଥିଲେ, ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ଏହି ଆକ୍ଟ ବିରୋଧରେ ମୁହଁ ଖୋଲିବା ପାଇଁ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ ବିଜେପି ସାଂସଦ ମାନଙ୍କୁ ଚିଠି ଲେଖିଥିଲେ । ବିଜେପି ନେତାମାନେ ଏହି ଆକ୍ଟ ଯୋଗୁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ଯୁକ୍ତି ବାଢୁଛନ୍ତି । ଡ. ମିଶ୍ର କହିଥିଲେ, ଉଭୟ ଓଡିଶା ରିଭ୍ୟୁ ଓ ଆଡ଼ଭୋକେଟ ଜେନେରାଲଙ୍କ ଅଫିଡେଫିଟରେ ଖଣି ଟିକସ ଓ ବକେୟା ବାବଦକୁ ମିଳିବାକୁ ଥିବା ଟଙ୍କା ଓଡ଼ିଶାର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିବା ବେଳେ ଏବେ ବିଜେପି ନେତା ମାନେ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢୁଛନ୍ତି । ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଓଡିଶା ରିଭ୍ୟୁ ଓ ଆଡ଼ଭୋକେଟ ଜେନେରାଲଙ୍କ ଆଫିଡେଫିଟରେ ଦିଆଯାଇଥିବା ତଥ୍ୟ କ'ଣ ଭୁଲ ଥିଲା କି ନା ବିଜେପି ନେତା ମାନେ ନିଜର ସ୍ଥିତିକୁ ବଞ୍ଚାଇବା ପାଇଁ ମିଛ କହୁଛନ୍ତି ।

## ନାରାୟଣୀ ମନ୍ଦିରରୁ ଚୋରି

ବାଲିପାଟଣା, (ସବ୍ୟୁ): ଭୁବନେଶ୍ୱର କମିଶନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ଆଇତଳଙ୍ଗ ସ୍ଥିତ ମା 'ନାରାୟଣୀଙ୍କ ମନ୍ଦିରରୁ ବଡ଼ ଧରଣର ଲୁଟ ପାଟ ହୋଇଛି । ଦୁର୍ବୃତ୍ତମାନେ ମନ୍ଦିର ଫାଟକ ତାଲା ଭାଙ୍ଗି ମା 'ଙ୍କ ରୁପା ଖଡ୍ଗ , ରୁପା ଆଖି , ଦୋଳ କଳସ , ପିତଳ ବାସନ କୁସନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି । ମନ୍ଦିର ପ୍ରାଙ୍ଗଣରେ ଥିବା ସମସ୍ତ ଘର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ସକାଳୁ ପୂଜକ ପୂଜା କରିବାକୁ ଆସିବା ସମୟରେ ତାଲା ଭଙ୍ଗା ଯାଇଥିବା ଦେଖି କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କୁ ଜଣାଇଥିଲେ । ବାଲିପାଟଣା ପୁଲିସ ଘଟଣା ସ୍ଥଳ ଅନୁଧ୍ୟାନ କରି ଫେରିଛି ଅନ୍ୟ କେଉଁ ସାମଗ୍ରୀ ସବୁ ଚୋରି ହୋଇଛି ତାହା ଖୋଳତାଡ଼ ଚାଲିଛି ।

### ଜାମସେଦପୁରରେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ
# ୧୪୫ ତମ ଜୟନ୍ତୀ ସମାରୋହ ଓ କବିତା ପାଠୋତ୍ସବ

ଭୁବନେଶ୍ୱର (ସବ୍ୟୁ): ଝାଡ଼ଖଣ୍ଡ ଜାମସେଦପୁର ସହରରେ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ"୧୪୫ତମ ଜନ୍ମ ବାର୍ଷିକ ଉତ୍ସବ ମହା ଆଡମ୍ବର ସହ ପାଳନ କରାଯାଇଛି । ସ୍ଥାନୀୟ ଉତ୍କଳ ଆସୋସିଏସନ'ର ଗୋପବନ୍ଧୁ ସଦନରେ କବି କବୟିତ୍ରୀ ମାନଙ୍କ ଦ୍ୱାରା ସ୍ୱରଚିତ କବିତାମାନ ପାଠ କରାଯିବା ସହ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ମୁଖ୍ୟ'ତ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମ'ର ମୁଖ୍ୟ ଅତିଥି ଭାବେ ଜାମସେଦପୁର ସ୍ଥିତ ଭାରତୀୟ ଜାତୀୟ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ଆଲୋକ କୁମାର ମେହର ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଜାମସେଦପୁର (ଏକ୍ସଲାରାଇ) ଏମ ବି ଏ ଅନୁଷ୍ଠାନର ଡିନ୍ ତଥା ଉତ୍କଳ ଆସୋସିଏସନର ପୂର୍ବତନ ଉପ ସଭାପତି ତଥା ବର୍ତ୍ତମାନ ବରିଷ୍ଠ ସଦସ୍ୟ ଡକ୍ଟର ସଂଜୟ କୁମାର ପାତ୍ର ଏବଂ ଆସୋସିଏସନ'ର ସହ ସଂପାଦକ ସୁବ୍ରତ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ ସହ ସ୍ୱର୍ଗତ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମୁଖ୍ୟ ଅତିଥିଙ୍କୁ ଡକ୍ଟର ସଂଜୟ କୁମାର ପାତ୍ର ପୁଷ୍ପ ଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ ପୂର୍ବକ ଆସୋସିଏସନ ପକ୍ଷରୁ ସମ୍ମାନୀତ କରିଥିଲେ । ସମ୍ମାନୀୟ ଅତିଥିଙ୍କୁ ଆସୋସିଏସନ'ର ଆଜୀବନ




ସଦସ୍ୟ ବିଛିନ୍ନାଞ୍ଚଳ ଗୌରବ ପ୍ରଦୀପ କୁମାର ଦାସ ସମ୍ମାନିତ କରିଥିଲେ, ଏଥିସହ ଉପସ୍ଥିତ ସମସ୍ତ କବି କବୟିତ୍ରୀ ତଥା ସାହିତ୍ୟିକ ସାହିତ୍ୟିକା, ଏବଂ ଓଡ଼ିଆ ଭାଷା ପ୍ରେମୀ ବୃନ୍ଦ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ଭକ୍ତି ପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ମେହେରଙ୍କ ଜୟନ୍ତୀ ଉପଲକ୍ଷେ କବିତା ପାଠୋତ୍ସବ ପ୍ରାରମ୍ଭ କରାଯାଇଥିଲା । କବିତା ପାଠୋତ୍ସବ'ର ସଂଯୋଜନା ବିଛିନ୍ନାଞ୍ଚଳ ଗୌରବ କବି ପ୍ରଦୀପ କୁମାର ଦାସ ଓ ଶ୍ରୀମତୀ ସଂଘମିତ୍ରା ନାୟକ କରିଥିଲେ । ଏହି ପରିପ୍ରେକ୍ଷିରେ କବି ଏବଂ ବିଶିଷ୍ଟ ସାହିତ୍ୟିକା ଡକ୍ଟର ଶ୍ରୀମତୀ ଉତ୍ପଳା ଦାଶ ଷଡଙ୍ଗୀଙ୍କ ସଂକଳିତ ଓଡିଆ କାବ୍ୟ "ଝରକା ସେପାଖେ"ର ପୁସ୍ତକ ଉନ୍ମୋଚନ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ମୁଖ୍ୟ ଅତିଥି କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରି ଉପସ୍ଥିତ ଜନତାଙ୍କୁ ବିମୁଗ୍ଧ କରିଥିବା ବେଳେ ବିଛିନ୍ନାଞ୍ଚଳ ଗୌରବ କବି ପ୍ରଦୀପ କୁମାର ଦାସ ସ୍ୱର୍ଗତ ମେହେରଙ୍କ କବି ଚାତୁରୀ'ର ମାଧୁର୍ଯ୍ୟତା ଓ କବିଙ୍କର ଲେଖନୀ ଶୈଳୀ ଉପରେ ବିଭିନ୍ନ ଅଳଙ୍କାର ଓ ଛାନ୍ଦ ମାଧ୍ୟମରେ କବିତା ଗାଇ ଉପସ୍ଥିତ ସାହିତ୍ୟ ପ୍ରେମୀଙ୍କ ମନକୁ ଆକର୍ଷଣ କରିଥିଲେ । ଏହି ସମ୍ମିଳନୀରେ ଜୟରାମ ଦାସ ପାତ୍ର, ରଞ୍ଜନ କୁମାର ପଣ୍ଡା, କିଶୋର କୁମାର ନାଏକ, ଡକ୍ଟର ଶ୍ରୀମତୀ ଉତ୍ପଳା ଦାଶ ଷଡଙ୍ଗୀ, ସାଧନା ମହାନ୍ତି, ଶ୍ରୀମତୀ ଲୀନା ଦାସ ଛୋଟରାୟ,ଶ୍ରୀମତୀ କନକ ଲତା ମହାପାତ୍ର, ତରୁଣ କୁମାର ମହାନ୍ତି, ମନୀଷ ଦାଶ,କାଶୀନାଥ ପଣ୍ଡା, ବିଜୟ କିଶୋର ମିଶ୍ର, ରାଜୀବ କୁମାର ସିଂହଦେଓ, ଶ୍ରୀମତୀ ମନୋରମା ମହାପାତ୍ର, ପ୍ରବୀଣ କୁମାର ଦାସ, ମନୋରଞ୍ଜନଗୌଡ଼,ବାଦଲ ଭୂୟାଁ ଓ ଅନ୍ୟ କବି କବୟିତ୍ରୀ ଗଣ ନିଜର ସ୍ୱରଚିତ କବିତାମାନ ଆବୃତ୍ତି କରିଥିଲେ । ଜୟରାମ ଦାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଲ୍‌ରୁ ମୁକୁଳିଲେ ବିଜେଡି ଜିଲ୍ଲା ସଭାପତି ବିକ୍ରମ

## ଶତାଧିକ ସମର୍ଥକଙ୍କ ଗହଣରେ ବିରାଟ ଶୋଭାଯାତ୍ରା

ବ୍ରହ୍ମପୁର, (ସବ୍ୟୁ) : ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ଫସିଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ମଞ୍ଜୁର କରିବା ପରେ ସେ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି ।



ଆୟୋଜିତ ଏକ ଶୋଭାଯାତ୍ରାର ବିଜେଡି ନେତା ସଞ୍ଜୟ ଦାସ ବର୍ମା, ଦେବୀ ପ୍ରସାଦ ମିଶ୍ର, ମାନସ ମଙ୍ଗରାଜ, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ପ୍ରତାପ ଜେନା, ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, କୈଳାସ ରଣା, ସରୋଜ ସାବତ, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା, କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ବ୍ରହ୍ମପୁର ମହାନଗର ନିଗମର ସମସ୍ତ ବିଜେଡି କର୍ପୋରେଟର୍, ଛାତ୍ର, ଯୁବ, ମହିଳା ବିଜେଡିର ନେତା ଓ କର୍ମୀ ସାମିଲ ରହିଥିଲେ । ଜେଲ୍ ସମ୍ମୁଖରେ ସେମାନେ ରୁଣ୍ଡ ହୋଇ ନିଜ ପ୍ରିୟ ନେତା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ବିପୁଳ ସ୍ୱାଗତ ଜଣାଇଥିଲେ ।

ବ୍ରହ୍ମପୁର ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ୨୦୨୫ ଅକ୍ଟୋବର ୬ ତାରିଖରେ ହତ୍ୟା କରାଯାଇଥିବା ମାମଲାରେ ଛନ୍ଦି ହୋଇଯାଇଥିଲେ ବିକ୍ରମ । ହତ୍ୟାକାଣ୍ଡ ପରେ ପରେ ବିକ୍ରମ ପଣ୍ଡାଙ୍କୁ ମୁଖ୍ୟ ଷଡଯନ୍ତ୍ରକାରୀ ଦର୍ଶାଇଥିଲା ପୋଲିସ । ତେଣେ ନିମ୍ନ ଅଦାଲତରେ ବିକ୍ରମଙ୍କ ଜାମିନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହା ଭିତରେ ମାମଲାର ଚାର୍ଜସିଟ ଦାଖଲ ହୋଇସାରିଛି । ଯେଉଁଥିରେ ବିକ୍ରମ ପଣ୍ଡା ଷଡଯନ୍ତ୍ରକାରୀ ନୁହଁନ୍ତି ବୋଲି ଦର୍ଶାଯାଇଛି ।

ତେଣେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ । ଯାହାର ରାୟ ହାଇକୋର୍ଟ ପ୍ରକାଶ କରିଥିଲେ । ଆବେଦନକାରୀଙ୍କ ଓକିଲଙ୍କ କହିବାନୁଯାୟୀ, ବିକ୍ରମ ପଣ୍ଡାଙ୍କ ଗିରଫ ବେଳେ ପୋଲିସ ଗିରଫଦାରୀର କୌଣସି ଲିଖିତ କାରଣ ଦର୍ଶାଇ ନଥିଲା । ଅପରପକ୍ଷରେ କୋର୍ଟରେ ସରକାରଙ୍କ ପକ୍ଷରୁ ଏସବୁ ପ୍ରକ୍ରିୟା ପୂରଣ କରାଯାଇଛି ବୋଲି କୁହାଯାଇଥିଲା । ପରେ କିନ୍ତୁ କୋର୍ଟରେ ଏ ସଂପର୍କିତ କାଗଜପତ୍ର ଦାଖଲ କରି ପାରି ନଥିଲେ ପ୍ରତିପକ୍ଷ ଓକିଲ ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ପ୍ରମୁଖ ସାଂସ୍କୃତିକ ଦଳ ଲୋକକଳାକାର

## ଯେଉଁ କାମ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରନ୍ତୁ : ରାଷ୍ଟ୍ରପତି



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଉର୍ଦ୍ଧ୍ୱ ଲୋକକଳାକାର ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେଛ ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ କଳାକାରମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ନିକଟରେ ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ ।

ଏହି ପାରମ୍ପରିକ କଳା ପ୍ରଦର୍ଶନରେ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ । ମହାମହିମ ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯୦ରୁ ଉର୍ଦ୍ଧ୍ୱ କଳାକାର ଦିଲ୍ଲୀ ଗସ୍ତ କରିଥିଲେ ।

କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ କହିଥିଲେ ଯେ, ପୂର୍ବପୁରୁଷ ମାନଙ୍କ ଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ ।

ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । କଳାକାର ମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି ।

ରାଷ୍ଟ୍ରପତି ଭବନ ପରିଦର୍ଶନ, ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି । ଏହି ପ୍ରତିନିଧି ଦଳ ସହିତ ଛତ୍ରପୁରର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଛତ୍ରପୁରର ଅତିରିକ୍ତ ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ ।

# ଏମ୍‌ସିସିବି ବହଳଦା ଶାଖାରେ ୨୧ ଲକ୍ଷ ଟଙ୍କା ହେରଫେର

## ୨ ପୂର୍ବତନ ଅଧିକାରୀଙ୍କ ବିରୋଧରେ ପୁଣି ଭିଜିଲାନ୍ସ ମାମଲା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏମ୍‌ସିସିବି)ର ବହଳଦା ଶାଖାରେ ଆର୍ଥିକ ଅନିୟମିତତା ଅଭିଯୋଗକୁ ନେଇ ଭିଜିଲାନ୍ସରେ ପୁଣି ଏକ ମାମଲା ରୁଜୁ ହୋଇଛି । ୨୧ଲକ୍ଷ ୪୪ ହଜାର ୩୭୦ଟଙ୍କାର ସରକାରୀ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ବହଳଦା ଏମ୍‌ସିସିବି ଶାଖାର ପୂର୍ବତନ ମ୍ୟାନେଜର ଦିଚେନ୍ କୁମାର ମିଶ୍ର ଓ ପୂର୍ବତନ ଆସିଷ୍ଟାଣ୍ଟ ମ୍ୟାନେଜର ଗୌରବ କୁମାର ଦାସଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି ।



ଭିଜିଲାନ୍ସ ସୂଚନା ଅନୁଯାୟୀ, ତିରିଂ ଲାର୍ଜ ସାଇଜ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଏଲ୍‌ଏଏମ୍‌ପିସିଏସ୍) ର ପରିଚାଳନା ନିର୍ଦ୍ଦେଶକ ଏହି ୨୧ଲକ୍ଷ ୪୪ହଜାର ୩୭୦ଟଙ୍କା ଏମ୍‌ସିସିବି ବହଳଦା ଶାଖାରେ ଜମା କରିଥିଲେ । ଏହି ଅର୍ଥ ତିରିଂ ଏଲ୍‌ଏଏମ୍‌ପିସିଏସ୍‌ର ବକେୟା ଋଣ ଖାତା ପରିଶୋଧ ପାଇଁ ନିର୍ଦ୍ଦିଷ୍ଟ ଥିଲା । ତେବେ ନିର୍ଦ୍ଦିଷ୍ଟ ଏଲ୍‌ଏଏମ୍‌ପିସିଏସ୍ ଖାତାରେ ଅର୍ଥ ଜମା କରିବା ପରିବର୍ତ୍ତେ ଅଭିଯୁକ୍ତଦ୍ୱୟ ପୂର୍ବତନ ଅଧିକାରୀ ଷଡ଼ଯନ୍ତ୍ର କରି ଜାଲିଆତି ମାଧ୍ୟମରେ ସୃଷ୍ଟି କରାଯାଇଥିବା ୧୨ଟି ଭିନ୍ନ ଋଣ ଖାତାକୁ ଏହି ଅର୍ଥ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଛି । ଏହି ଅର୍ଥ ପୂର୍ବରୁ ଅନୁମୋଦନ କରାଯାଇଥିବା ବେଆଇନ ଋଣଗୁଡ଼ିକୁ କ୍ଲିୟର ବା ଆଡଜଷ୍ଟ କରିବାରେ ବ୍ୟବହାର କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି । ଭିଜିଲାନ୍ସର ଅଭିଯୋଗ ଅନୁଯାୟୀ, ପୂର୍ବରୁ କରାଯାଇଥିବା ଆର୍ଥିକ ଅନିୟମିତତାକୁ ଲୁଚାଇବା ଉଦ୍ଦେଶ୍ୟରେ ନୂଆ କରି ମିଳିଥିବା ୨୧ଲକ୍ଷ ୪୪ହଜାର ଟଙ୍କାକୁ ମଧ୍ୟ ଅନ୍ୟ ଖାତାକୁ ବେଆଇନ ଭାବେ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣା ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୧୯/ ୨୬ରେ ମାମଲା ରୁଜୁ ହୋଇଛି ।

ଉଲ୍ଲେଖଯୋଗ୍ୟ, ଏହି ଦୁଇ ପୂର୍ବତନ ଅଧିକାରୀଙ୍କ ବିରୋଧରେ ଏହା ପ୍ରଥମ ମାମଲା ନୁହେଁ । ଗତ ଅଗଷ୍ଟ ୬ତାରିଖରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୧୪/୨୬ରେ ମଧ୍ୟ ମାମଲା ରୁଜୁ ହୋଇଥିଲା ।

ଏହି ମାମଲାରେ ବହଳଦା ଏମ୍‌ସିସିବି ଶାଖାର ବିଭିନ୍ନ ଗ୍ରାହକଙ୍କ ଜ୍ଞାତସାର ବା ସମ୍ମତି ବିନା ୨୪ଟି ପ୍ରକୃତ ଫିକ୍ସଡ୍ ଡିପୋଜିଟ୍ ବିରୋଧରେ ଜାଲିଆତି କରି ଟର୍ମ ଡିପୋଜିଟ୍ (ଏଲ୍‌ଏଟିଡି) ଖାତା ସୃଷ୍ଟି କରି ପ୍ରାୟ ୬୪ଲକ୍ଷ ୪୨ହଜାର ୭୪ଟଙ୍କାର ସରକାରୀ ଅର୍ଥ ଅପବ୍ୟବହାର କରାଯାଇଥିବା ଅଭିଯୋଗ ରହିଛି । ଏହି ମାମଲାରେ ପୂର୍ବତନ ମ୍ୟାନେଜର ଦିଚେନ୍ କୁମାର ମିଶ୍ରଙ୍କୁ ଭିଜିଲାନ୍ସ ଗିରଫ କରିଥିଲା ଏବଂ ପରେ ତାଙ୍କୁ ଭିଜିଲାନ୍ସ କୋର୍ଟ, ବାରିପଦାରେ ହାଜର କରାଯାଇଥିଲା । ଏବେ ୨୧ଲକ୍ଷ ୪୪ହଜାର ଟଙ୍କାର ନୂଆ ଆର୍ଥିକ ଅନିୟମିତତା ମାମଲା ସାମ୍ନାକୁ ଆସିବା ପରେ ବହଳଦା ଏମ୍‌ସିସିବି ଶାଖାରେ ହୋଇଥିବା ଆର୍ଥିକ କାରବାର ଉପରେ ଭିଜିଲାନ୍ସର ତଦନ୍ତ ଆହୁରି ଗୁରୁତ୍ୱ ପାଇଛି । ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।

## ମାଟିକାନ୍ଥ ପଡ଼ି ମହିଳା ମୃତ

ବାରିପଦା, (ସବ୍ୟୁ) : ଲଗାଣ ବର୍ଷା ହେଲା କାଳ । ମାଟିକାନ' ଭୁଶୁଡ଼ି ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦର ପଞ୍ଚାୟତ ଭୁଲାଣପୁର ଗ୍ରାମର ଶୁକଲାଲ ସିଂଙ୍କ ପତ୍ନୀ ଲକ୍ଷ୍ମୀ ସିଂ । ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଲକ୍ଷ୍ମୀ ଘର ଭିତରୁ ଆସବାବପତ୍ର ବାହାର କରୁଥିବା ସମୟରେ ଲଗାଣ ବର୍ଷା ଯୋଗୁଁ ଦୁର୍ବଳ ହୋଇଥିବା ମାଟିକାନ' ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଏଥିରେ ସେ କାନ୍ଥ ତଳେ ଚାପି ଯାଇଥିଲେ । ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଡାକ୍ତରଖାନାକୁ ନେଇଥିଲେ । ତେବେ ଡାକ୍ତର ସେଠାରେ ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ମହଲରୁ ଦାବି ହୋଇଛି । ସୂଚନାଯୋଗ୍ୟ, ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରେ ମାଟିଘର ଓ କାନ' ଭୁଶୁଡ଼ିବା ଘଟଣା ବୃଦ୍ଧି ପାଇଛି ।

# ଡ୍ରିମ୍‌ସରେ ବିଦ୍ୟାର୍ଥୀ ଅଭିମୁଖୀକରଣ ଉତ୍ସବ

କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀକରଣ ଉତ୍ସବ ଆରମ୍ଭ-୨୦୨୬ ଅନୁଷ୍ଠିତ ହୋଇଛି । ରାଣୀଦେବୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ଏମ୍‌ବିଏ ଓ ବିବିଏ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉଦଘାଟନୀ ଅଧିବେଶନରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟପୁରୋଧା ଭାବରେ ଯୋଗଦେଇ ପିତାମାତାଙ୍କ ସ୍ୱପ୍ନ ପୂରଣ ସହ ଜଣେ ଭଲ ମଣିଷ ଭାବରେ ନିଜକୁ ଗଢିତୋଳିବା ଲାଗି ନିରନ୍ତର ପ୍ରଚେଷ୍ଟା ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ ।




ବିଶ୍ୱବିଦ୍ୟାଳୟର ବିଦାୟୀ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ଜାତୀୟ ଶିକ୍ଷାନୀତି ୨୦୨୦ର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିବା ସହ ଶୃଙ୍ଖଳା, ଏକାଗ୍ରତା ଓ ଆତ୍ମବିଶ୍ୱାସର ସହ ଛାତ୍ରଛାତ୍ରୀ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡ. ରଘୁନାଥ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନର ସମ୍ମାନିତ ବକ୍ତା ଶିକ୍ଷାବିତ୍ ଅରବିନ୍ଦ ଦାସ ଯୋଗଦେଇ ବ୍ୟବହାରିକ ଜ୍ଞାନ ଓ ଦକ୍ଷତା ବୃଦ୍ଧି ଉପରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିବସରେ ଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ଗଂଜନ କୁମାର ବଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜୀବନ ସଫଳତାର ସୂତ୍ର ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଦ୍ୱାରଶୁଣୀ ଘାଟି ରାସ୍ତାରେ ଯାତାୟତ କଟକଣା

ବାରିପଦା, (ସବ୍ୟୁ) : ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଯୋଗୁଁ ରାସ୍ତା କଟକଣା ଅବଧିକୁ ସେପେଟମ୍ବର ୩୦ ଯାଏଁ ବୃଦ୍ଧି କରାଯାଇଛି । ପଥର ବିସ୍ଫୋରଣ କାର୍ଯ୍ୟ ସମୟରେ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏହି କଟକଣା ଜାରି କରିଛି । ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ସପ୍ତାହର ବୁଧବାର ଠାରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟାରୁ ସନ୍ଧ୍ୟା ୪ଟା ଯାଏଁ ଦ୍ୱାରଶୁଣୀ ଘାଟି ଦେଇ ସମସ୍ତ ପ୍ରକାର ଯାନବାହନ ଓ ପଥଚାରୀଙ୍କ ଯାତାୟାତ ବନ୍ଦ ରହିବ ।

ଏହି ସମୟରେ ବାଙ୍ଗିରିପୋଷି ଓ ବିଶୋଇ ପାଶରବରୁ ଘାଟିକୁ ଯୋଡୁଥିବା ପ୍ରବେଶପଥ ମଧ୍ୟ ବନ୍ଦ ରହିବ । ଘାଟି ଆଖପାଖରେ ଗାଇ, ଛେଳି ଆଦି ଚରାଇବାକୁ ମଧ୍ୟ ବାରଣ କରାଯାଇଛି ।

ତେବେ ଅନୁମତି ମିଳିଲେ ଆମ୍ବୁଲାନ୍ସ, ଦମକଳ ଓ ଅନ୍ୟ ଜରୁରୀକାଳୀନ ଯାନ ଯାତାୟାତ କରିପାରିବ । ସାଧାରଣ ଯାନ ଓ ପରିବହନକାରୀ ଯାନଗୁଡ଼ିକୁ କଟକଣା ସମୟରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ଅପେକ୍ଷା କରିବାକୁ ପଡ଼ିବ । କଟକଣା ହଟିବା ପରେ ପ୍ରଥମେ ସାଧାରଣ ଯାନଗୁଡ଼ିକୁ ଯାତାୟାତ ପାଇଁ ଅନୁମତି ଦିଆଯିବ । କ୍ଷୁଦ୍ର ଯାନ ବ୍ୟବହାରକାରୀଙ୍କ ପାଇଁ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକ ଦେଇ ବିକଳ୍ପ ରାସ୍ତାରେ ଯାତାୟାତ କରିବାକୁ ପ୍ରଶାସନ ପରାମର୍ଶ ଦେଇଛି । ଏଥିସହ ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ପର୍ଯ୍ୟାପ୍ତ ପୁଲିସ ମୁତୟନ ପାଇଁ ଅବଗତ କରାଯାଇଛି ।

# ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ଚଢାଉ : ଦୁଇ ହୋଟଲ ସିଲ୍

## ୧୫୦ କେଜି ବାସିଖାଦ୍ୟ ନଷ୍ଟ, ୨.୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରରେ ଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ପ୍ରଶାସନ ତରଫରୁ ମିଳିତ ଭାବରେ ଚଢାଉ କରାଯାଇଛି । ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଜଳଖିଆ ଦୋକାନରେ ବାସି ତଥା ଅପମିଶ୍ରିତ ଖାଦ୍ୟ ବିକ୍ରୀ ହେଉଥିବାର ଅଭିଯୋଗ ହେଉଥିଲା । ଉପଜିଲ୍ଲାପାଳ ପଦ୍ମଚରଣ ସାହୁଙ୍କ ସହିତ ଅତିରିକ୍ତ ତହସିଲଦାର, ଖାଦ୍ୟ ସୁରକ୍ଷାଅଧିକାରିଣୀ ମିଳିତ ଭାବରେ ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଚଢାଉ କରିଥିଲେ । ଦକ୍ଷିଣକାଳୀ ରୋଡରେ ଥିବା ଏକ ରେଷ୍ଟୁରାଣ୍ଟରେ ଚଢାଉ କରି ବିଭିନ୍ନ ପ୍ରକାରର ଅପମିଶ୍ରିତ ଖାଦ୍ୟ ସହିତ ବାସି ଖାଦ୍ୟକୁ ଜବତ କରିଥିଲେ । ସହରର ମିଳନ ପ୍ଲାଜା ସହିତ ଇସ୍କନ ରେଷ୍ଟୁରାଣ୍ଟ ଏବଂ ଅନ୍ୟ ହୋଟେଲରେ ଚଢାଉ କରାଯାଇଛି ।

କ୍ଷୀର, ଦହି ସହିତ ଅନ୍ୟ ଦ୍ରବ୍ୟ ଗୁଡକର ଯାଞ୍ଚ କରାଯିବା ସହିତ ଏକ୍ସପାଇରୀ ଡେଟ ଥିବା ବିଭିନ୍ନ ଦ୍ରବ୍ୟକୁ ଜବତ କରି ନଷ୍ଟ କରାଯାଇଛି । ଏହା ସହିତ ଫାଷ୍ଟ ଫୁଡ ଦୋକାନ ଗୁଡିକରେ ମଧ୍ୟ ଚଢାଉ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି । ଆଜି ଦିନ ତମାମ ମେଡିକାଲ ବାଇପାସରେ ଥିବା ହୋଟେଲ ସହିତ ମହାବୀର ବଜାର, ମୀନା ବଜାର, ଗଣେଷ ବଜାର, ସହିତ ୧୮ ଟି ସ୍ଥାନରେ ଚଢାଉ କରାଯାଇଥିଲା ।

ଚଢାଉ ସମୟରେ ମିଳନ ପ୍ଲାଜା, କାପିଲସ ପ୍ଲାଜା, ଦ୍ୱାରକା ରେଷ୍ଟୁରାଣ୍ଟ, ରାଧାଗୋବିନ୍ଦ, ହୋଟେଲ ମହାନ୍ତି, ସାହୁ ଏଣ୍ଡ ସାହୁ ଭେରାଇଟି ଷ୍ଟୋର, ହୋଟେଲ ମେଘମାଳା, ପାଲହେଟେଲ, ହୋଟେଲ ନିଳଚକ୍ର, ସାଗର ସଙ୍ଗମ, ମମସ କିଚେନ, ହୋଟେଏ ସୂର୍ଯ୍ୟ, ହୋଟେଏ ଲିଟିଲ ବାଇଟସ, ରାକେ ରିଜେନସି, ସନି ରେଷ୍ଟୁରାଣ୍ଟ, ପ୍ରସିଦ୍ଧ ବରା, ଆନନ୍ଦ ବରା ଦୋକାନରେ ଚଢାଉ କରାଯାଇଥିଲା । ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ତରଫରୁ ୧୫୦କେଜି ଖାଦ୍ୟକୁ ନଷ୍ଟ କରିଦିଆଯାଇଛି ।

ଏହା ସହିତ ୨୦ଲିଟର ଅପମିଶ୍ରିତ ଖାଇବା ତେଲ ସହିତ ୧୦ଟି ଖାଦ୍ୟବ୍ୟବସାୟ କରୁଥିବା ପ୍ରତିଷ୍ଠାନରୁ ୨୭ଟି ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି । ଖାଦ୍ୟ ଗୁଡିକରେ ସିନ୍ଥେଟିକ ରଙ୍ଗ ମିଶ୍ରଣ କରାଯାଇ ବିକ୍ରୀ କରାଯାଉଥିଲା । ଫଳରେ୧୦ଟି ପ୍ରତିଷ୍ଠାନରୁ ୨ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ବିଭିନ୍ନ ଖାଦ୍ୟ ସାମଗ୍ରୀର ୨୭ଟି ସନ୍ଦିଗ୍ଧ ନମୁନା ସଂଗ୍ରହ କରାଯାଇ ଲାବୋରେଟୋରୀ ପରୀକ୍ଷା ପାଇଁ ପଠାଯାଇଛି । ଏହି ଚଢ଼ାଉରେ ନିୟମ ଉଲ୍ଲଂଘନ ଯୋଗୁଁ ଦକ୍ଷିଣକାଳୀ ରୋଡ୍ ସ୍ଥିତ ହୋଟେଲ ମିଳନ ପ୍ଲାଜା ଏବଂ ଇସ୍କନ ମନ୍ଦିର ନିକଟସ୍ଥ ହୋଟେଲ ରାଧା ଗୋବିନ୍ଦକୁ ସିଲ କରାଯାଇଥିଲା । ଏହି ମିଳିତ ଚଢ଼ାଉରେ ପୁଲିସ ଟିମ୍, ଢେଙ୍କାନାଳ ପୌରପାଳିକାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଟିମ୍ ସାମିଲ ହୋଇଥିଲେ ।

# ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୧୫୯ତମ ସ୍ୱାୟତ୍ତ ଶାସନ ଦିବସ

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ଆଜି ସନ୍ଧ୍ୟାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୧୫୯ ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଇଂ ବିବେକ ରେଡ଼ୀଙ୍କ ସମେତ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଶିମା ସାହୁ, ମହାନଗର ନିଗମ କମିଶନର ସମିର କୁମାର ଜେନା, ଉପଜିଲ୍ଲାପାଳ ଅବିନାଶ କୁମାର, ରାଜ୍ୟ ବାଣିଜ୍ୟ ଶିଳ୍ପମନ୍ତ୍ରୀ ବିଭୁତି ଭୁଷଣ ଜେନାଙ୍କ ପ୍ରତିନିଧି ଶିବିର ଶଙ୍କର ନାୟକ, ବ୍ରହ୍ମପୁର ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟଙ୍କ ସମେତ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳା, ସୋନାଲୀ ଗନ୍ତାୟତ, ନରସିଂହ ସେଠି, ଧିରେଶ ସାବତ, ପାର୍ବତୀ ପ୍ରଧାନଙ୍କ ସମେତ ବହୁ କର୍ପୋରେଟର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କେବେ କାର୍ଯ୍ୟକ୍ଷମ ହେବ ଧରାକୋଟ ଅଟଳ ବସଷ୍ଟାଣ୍ଡ

ଧରାକୋଟ, (ସବ୍ୟୁ) : ଗମନା ଗମନର ସୁବିଧା ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ନିର୍ମାଣ କଲେ ଅଟଳ ବସଷ୍ଟାଣ୍ଡ । ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ ବସଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହେଲା କିନ୍ତୁ ବର୍ତ୍ତମାନ ସୁଧା ଏହା ସମ୍ପନ୍ନ ହୋଇପାରିନାହିଁ । ଦୀର୍ଘ ଦିନରୁ ନିର୍ମାଣକାରି ସଂସ୍ଥା ଧୀରେ ସୁସ୍ଥେ ଅତ୍ୟନ୍ତ ବେପରୁଆ ଭାବେ ଏହାର ନିର୍ମାଣ କାର୍ଯ୍ୟ କରି ଚାଲିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ କେବେ କାର୍ଯ୍ୟ ସରିବ ତାହା ପ୍ରଶ୍ନବାଚୀ । ଧରାକୋଟ ଭିତରକୁ ବସ ଚଳାଚଳ ସମସ୍ୟା ଦୀର୍ଘ ଦିନରୁ ଲାଗି ରହିଛି । ଏଣୁ ଲୋକେ ନୂତନ ବସଷ୍ଟାଣ୍ଡକୁ ତହସିଲ କାର୍ଯ୍ୟାଳୟ ନିକଟରେ କରିବା ପାଇଁ ଚାହୁଁଥିବା ବେଳେ ପ୍ରଶାସନ ତରଫରୁ ଏଠାରୁ ଏକ କିମି ଦୂରରେ ଧରାକୋଟ ବ୍ରିଜ ନିକଟରେ କରିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା । ଫଳରେ ଲୋକେ ଏହାର ସୁଫଳ କେତେଦୂର ପାଇବେ ତାହା ସମୟ କହିବ । ଅନ୍ୟ ପକ୍ଷରେ ଦୀର୍ଘ ଦିନ ହେଲା ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇପାରୁନାହିଁ । ଅତ୍ୟନ୍ତ ତରବରିଆ ଭାବରେ ଏଥିରେ ରଙ୍ଗ ମରାଯାଇଥିବା ବେଳେ ସିକୁରିଟି ଗାର୍ଡ ମଧ୍ୟ ନିଯୁକ୍ତି ପାଇ ଅଧାପନ୍ତରିଆ ବସଷ୍ଟାଣ୍ଡରେ କାର୍ଯ୍ୟ ଆରମ୍ଭ କଲେଣି । ବର୍ତ୍ତମାନ ସୁଦ୍ଧା ଷ୍ଟାଣ୍ଡ ଭିତରକୁ ବସ ଗଡିନଥିବ ବେଳେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲୁ ରହିଛି । ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ନିର୍ମାଣ କାମ ଶେଷ ହୋଇପାରୁନଥିବା ଚର୍ଚ୍ଚାର ବିଷୟ ପାଲଟିଛି । ଜାଣିଶୁଣି ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ନକରାଇବା ପଛରେ କି କାରଣ ରହିଛି? କେବେ ଏହାର ନିର୍ମାଣ କାର୍ଯ୍ୟ ସରିବ ଓ କେବେ ଏହା କାର୍ଯ୍ୟକ୍ଷମ ହେବ ତାହାର ଉତ୍ତର କାହା ପାଖରେ ନାହିଁ ।

# ବସ୍ ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା, ପୁଣି ୨ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗ୍ରାମର ଗୁଡିସାହି ଛକରେ ଏକ ଘରୋଇ ବସର ଡ୍ରାଇଭର ନିରଞ୍ଜନ ଗୌଡ (୪୩)ଙ୍କୁ ଆକ୍ରମଣ ଘଟଣାରେ ଜଡିତ ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୂର୍ବରୁ ୨ ଜଣ ଗିରଫ ଏବଂ ଜଣେ ହାଇକୋର୍ଟରୁ ଜମାନତ ପାଇଥିଲା ବେଳେ ଏବେ ପୁଣି ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ୨ ଜଣ ହେଲେ ବୌଦ୍ଧ ଅଞ୍ଚଳର ଶ୍ରୀକାନ୍ତ ପ୍ରଧାନ (୨୯) ଏବଂ କରଚୁଲି ଗାଁର ଅନିଲ ପ୍ରଧାନ (୨୪) । ଏନେଇ ବୁଗୁଡା ଥାନାରେ କେସ୍ ୩୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ ଗତ ଜାନୁୟାରୀ ୨୫ ତାରିଖ ଅପରାହ୍ନରେ କରଚୁଲି ଗାଁର ଗୁଡିସାହି ଛକରେ ୫ ଜଣ ମିଶି ବଳିଆ ପଣ୍ଡା ନାମକ ଏକ ଘରୋଇ ବସର ଡ୍ରାଇଭର ନିରଞ୍ଜନଙ୍କୁ ବସରୁ ଟାଣିଆଣି ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣା ପରଠୁ ଏ ଦୁହେଁ ଫେରାର ଥିବା ବେଳେ ଆଜି ଉଭୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଜାତୀୟ କ୍ରୀଡ଼ା ଦିବସ: କ୍ରୀଡ଼ା ପ୍ରତିଭାଙ୍କୁ ଟିପିଏସ୍‌ଓଡିଏଲର ପ୍ରୋତ୍ସାହନ

ବ୍ରହ୍ମପୁର, (ସବ୍ୟୁ) : ଅଗଷ୍ଟ ୨୯ ତାରିଖରେ ଦେଶ ଜାତୀୟ କ୍ରୀଡ଼ା ଦିବସ ପାଳନ କରୁଥିବାବେଳେ, ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି । ପ୍ରତିଭା ଚିହ୍ନଟ, ବୃତ୍ତିଗତ ପ୍ରଶିକ୍ଷଣ, ମାର୍ଗଦର୍ଶନ, ପୋଷଣ ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ କ୍ରୀଡ଼ାକୁ ଯୁବପିଢ଼ିକୁ ସଶକ୍ତ କରିବା ଏବଂ ଦକ୍ଷିଣ ଓଡ଼ିଶାର ସମୁଦାୟକୁ ସୁଦୃଢ଼ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବ୍ୟବହାର କରୁଛି । ଏହି ଯାତ୍ରାର ମୁଖ୍ୟ ଅଂଶ ହେଉଛି "କ୍ୟାଚ୍ ଦେମ୍‌ୟଙ୍ଗ' ଅଭିଯାନ । ଏହା ମାଧ୍ୟମରେ ସ୍କୁଲସ୍ତରରୁ ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିକାଶ ପାଇଁ ଏକ ସୁବ୍ୟବସ୍ଥିତ ମାର୍ଗ ପ୍ରସ୍ତୁତ କରାଯାଉଛି । ପ୍ରଥମେ ୧୬ ଜଣ ପ୍ରତିଭାବାନ ଯୁବକ-ଯୁବତୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଅଭିଯାନ, ପରେ ବିଭିନ୍ନ ସ୍କୁଲରେ ବ୍ୟବସ୍ଥିତ ଭାବେ ପ୍ରତିଭା ଚିହ୍ନଟ କରି ଆହୁରି ୧୭ ଜଣ ଛାତ୍ରଛାତ୍ରୀଙ୍କୁ




ଉନ୍ନତ ଆଥଲେଟିକ୍ସ ବିକାଶ ପାଇଁ ଚିହ୍ନଟ କରିଛି । ଟିପିଏସ୍‌ଓଡିଏଲର ଏହି ଅଭିଯାନ କେବଳ ପ୍ରଶିକ୍ଷଣ ଦେବାରେ ସୀମିତ ନୁହେଁ । ଚୟନ ହୋଇଥିବା କ୍ରୀଡ଼ାବିତମାନଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ, ନିୟମିତ ଅଭ୍ୟାସ, ବିଶେଷଜ୍ଞଙ୍କ ମାର୍ଗଦର୍ଶନ, ପୋଷଣ ସମ୍ପର୍କିତ ପରାମର୍ଶ, ପ୍ରଦର୍ଶନର ନିୟମିତ ମୂଲ୍ୟାଙ୍କନ ଏବଂ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ଦିଆଯାଉଛି । ଏହି ସମସ୍ତ ସହାୟତା ସେମାନଙ୍କୁ କେବଳ କ୍ରୀଡ଼ାରେ ଦକ୍ଷ ହେବାରେ ନୁହେଁ, ବରଂ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ ଗଢ଼ିବାରେ ମଧ୍ୟ ସହାୟକ ହେଉଛି । ଟିପିଏସ୍‌ଓଡିଏଲର ସହାୟତା ପ୍ରାପ୍ତ କ୍ରୀଡ଼ାବିତ୍‌ମାନେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି । ଏଥିସହ ୪ ଜଣ କ୍ରୀଡ଼ାବିତ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ୨୦୨୬ ଦିଲ୍ଲୀ ଷ୍ଟେଟ୍ ଓପନ୍ ଆଥଲେଟିକ୍ସ ଚାମ୍ପିୟନସିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରୁ ପୁଷ୍ପାବତୀ ରାଇତା ୬୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । କମ୍ପାନୀ ପକ୍ଷରୁ ଦିବ୍ୟାଙ୍ଗ ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ କ୍ରୀଡ଼ା ସାମଗ୍ରୀ ଓ ଉପକରଣ ଯୋଗାଇ ଦିଆଯାଇଛି । ବାଲିଗୁଡ଼ା, ମାଲକାନଗିରି ଓ କୋରାପୁଟର ରେଡକ୍ରସ୍ ବ୍ଲାଇଣ୍ଡ ସ୍କୁଲର ୨୦୦ରୁ ଅଧିକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଛନ୍ତି । ସେହିପରି କୋଦଳାସ୍ଥିତ ସାଇମା ସ୍ପେଶାଲ୍ ସ୍କୁଲ୍କୁ ଦିଆଯାଇଥିବା ସହାୟତା ମାଧ୍ୟମରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ କ୍ରୀଡ଼ାରେ ଭାଗନେବାର ସୁଯୋଗ ମିଳିଛି । ଭାରୋତ୍ତୋଳନ ଭଳି କ୍ରୀଡ଼ାରେ ଆଗ୍ରହ ରଖୁଥିବା ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ମଧ୍ୟ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଇଛି । ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, କ୍ରୀଡ଼ା କେବଳ ପଦକ ଜିତିବାର ମାଧ୍ୟମ ନୁହେଁ ଏହା ଆତ୍ମବିଶ୍ୱାସ, ଶୃଙ୍ଖଳା, ଦୃଢ଼ ମନୋବଳ ଏବଂ ପ୍ରତ୍ୟେକ ଯୁବକ-ଯୁବତୀଙ୍କ ଜୀବନରେ ଆହୁରି ଭଲ କରିପାରିବାର ବିଶ୍ୱାସ ଗଢ଼ିବାର ଏକ ମାଧ୍ୟମ । ଟିପିଏସ୍‌ଓଡିଏଲ୍ ତରଫରୁ କ୍ରୀଡ଼ାକୁ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ମାଧ୍ୟମରେ ୩୨୦ରୁ ଅଧିକ ପିଲା ଓ ଯୁବ କ୍ରୀଡ଼ାବିତ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇଛନ୍ତି । କମ୍ପାନୀର ବ୍ୟାପକ ସହଯୋଗୀ ପରିବାର ମଧ୍ୟରେ ମଧ୍ୟ ଏହି କ୍ରୀଡ଼ା ସଂସ୍କୃତିର ପ୍ରସାର ହୋଇଛି ।

## ପ୍ରଥମ ସ୍ୱାୟତ୍ତଶାସନ ଦିବସ ପାଳନ କଲା ଚଣ୍ଡିଖୋଲ ଏନଏସି

# ବିକାଶର ନାରା ଦେଲେ ସାଂସଦ ଓ ବିଧାୟକ




ଚଣ୍ଡିଖୋଲ,(ସବ୍ୟୁ): ରାଜ୍ୟ ସରକାର ଚଣ୍ଡିଖୋଲକୁ ଗତ କିଛିଦିନ ପୂର୍ବରୁ ନୂତନ ଏନଏ ସି ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଇତ୍ୟବସରରେ ଚଣ୍ଡିଖୋଲ ଏନଏସି ପ୍ରଥମକରି ସୋମବାର ଦିନ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଛି । ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ନବ ମାଳତୀ ପ୍ରେକ୍ଷାଳୟରେ ଏହି ପ୍ରଥମ ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବରେ ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା ଓ ବଡଚଣା ବିଧାୟକ ଅମରକୁମାର ନାୟକ ଅତିଥି ଭାବେ ଯୋଗଦେଇ ନୂତନଭାବେ ମାନ୍ୟତା ଲାଭ କରିଥିବା ଚଣ୍ଡିଖୋଲ ଏନଏସିକୁ ପୂର୍ଣ୍ଣ ବିକଶିତ କରିବା ସହ ଏହାକୁ ଏକ ଉନ୍ନତ ସହରାଞ୍ଚଳରେ ପରିଣତ କରାଯିବ ବୋଲି ଘୋଷଣା କରିଥିଲେ । ଏଠାରେ ଏକ ଉନ୍ନତ ମାନର ଅଡିଟୋରିୟମ ନିର୍ମାଣପାଇଁ ଏକକୋଟି ଟଙ୍କା ପ୍ରଦାନ ସହ ଉଜ୍ଜ୍ୱଳ ଆଲୋକ ପାଇଁ ପଚାଶ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସାଂସଦ ଘୋଷଣା କରିଥିଲେ । ସେହିପରି ଏନଏସିର ବିକାଶ ପାଇଁ ବଡଚଣା ଠାରୁ ଦର୍ପଣ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ୪୩ କୋଟିର ବ୍ୟୟବରାଦ ସହ ଚଣ୍ଡିଖୋଲ ଚତୁଃପାର୍ଶ ରାସ୍ତାର ସମ୍ପ୍ରସାରଣ ଓ ଜାତୀୟ ରାଜପଥରେ ଦୁଇଟି ବଡ ଗଳିପୋଲ ସହ ରାସ୍ତାର ଉଭୟ ପଟକୁ ଯାତାୟତ ପାଇଁ ପାଦଚଲା ରାସ୍ତାନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ବିଧାୟକ ଶ୍ରୀ ନାୟକ ପ୍ରକାଶ କରିଥିଲେ । ଏନଏସି ନିର୍ବାହୀ ଅଧିକାରୀ ତଥା ବଡଚଣା ବିଡିଓ ରବିନ୍ଦ୍ରକୁମାର ପ୍ରଧାନଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଏନଏସିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଯାଜପୁର ଉପ ଜିଲ୍ଲାପାଳ ତାପସରଞ୍ଜନ ଦେହୁରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଅଧ୍ୟାପକ ସଲିଳରାଜନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦକୁମାର ଜେନା, ଯାଜପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶର ବରାଳ, ବ୍ଲକ ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ରପ୍ରସାଦ ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ବରେନ୍ଦ୍ରକୁମାର ମହାନ୍ତି, ସରପଞ୍ଚ ରଞ୍ଜନକୁମାର ଦାଶ, ନବଦୀପ ନାୟକ, ଅଞ୍ଜୁଳତା ସାଇଁ, ଯଯାତିକେଶରୀ ରାଉତ ,ମଧୁସୂଦନ ବଳ ପ୍ରମୁଖ ଅତିଥି ଭାବେ ଉପସ୍ଥାପିତ ଥିଲେ । ଶେଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାୟତ୍ତ ଶାସନ ଦିବସ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ପରଦା ମାଧ୍ୟମରେ ପ୍ରଦର୍ଶନ ହୋଇଥିଲା ।

## ପାରିବାରିକ କଳିକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ମହାକାଳପଡ଼ା,(ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ତନ୍ତିଆପାଳ ସାମୁଦ୍ରିକ ଥାନାଞ୍ଚଳ ସୁନୀତି ଗ୍ରାମର ମନୋରଞ୍ଜନ ଭୂୟାଁ ଙ୍କ ପରିବାର ରେ ଗଣ୍ଡଗୋଳ କୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ପୋଲିସ ସରପଞ୍ଚ ଭଗବତୀ ମଣ୍ଡଳଙ୍କ ଅଭିଯୋଗ କ୍ରମେ ୧୩୭/୨୬ ମୂଳେ ମାମଲା ରୁଜୁ କରିଛି । ସେହିପରି ଗଣେଶ ଭୂୟାଁ ଙ୍କ ଅଭିଯୋଗ କୁ ଭିତ୍ତିକରି ପୋଲିସ ୧୩୮/୨୬ ମାମଲା ରୁଜୁ କରି ଉଭୟ ପକ୍ଷର ଅଭିଯୋଗ ଆଧାର ରେ ତଦନ୍ତ ଚଳାଇଛି ।

ଉଲ୍ଲେଖ ଥାଉକି ମନୋରଞ୍ଜନ ଭୂୟାଁ ଙ୍କ ପୁଅ କାର୍ତ୍ତିକ ଘର ଭିତରେ ପାଚେରୀ ଉଠାଇବାକୁ ନେଇ ବାପ -ପୁଅ ଙ୍କ ଭିତରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ହେବାରୁ ମନୋରଞ୍ଜନ ସୋମବାର ଥାନାରେ ଅଭିଯୋଗ କରିଥିଲେ । ଘରୋଇ କଳିକୁ ନେଇ ଥାନାରେ ଅଭିଯୋଗ ପରେ ସମସ୍ୟା ଦିଗୁଣିତ ହୋଇଥିଲା । କାର୍ତ୍ତିକ ଙ୍କ ପତ୍ନୀ ଏନେଇ ଗାଁ ଭଦ୍ର ଲୋକ ଓ ସରପଞ୍ଚ ଙ୍କୁ ଫେରାଦ ହୋଇଥିଲେ ।

ମାତ୍ର ଗଣେଶ ଜାତିଆନା ଆକ୍ଷେପ କରି, ଅଶାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ହାତ ମୋଡି ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗରେ ମାଡ଼ ମାରି ଥିବାର ସରପଞ୍ଚ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ସେହିପରି ସରପଞ୍ଚ ଓ ତାଙ୍କର କିଛି ସମର୍ଥକ ସଦଳବଳେ ଠେଙ୍ଗା ବାଡ଼ି ଧରି ଗଣେଶ ଭୂୟାଁ ଙ୍କ ଘରେ ପଶି ସପରିବାରକୁ ମରଣ । ମୃକ ଆକ୍ରମଣ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେବାରୁ ଘର ଲୋକେ ୧୧୨ କୁ କଲ କରିବାରୁ ପୋଲିସ ଉଦ୍ଧାର କରିଥିବାର ଗଣେଶ ଥାନାରେ ଅଭିଯୋଗ କରିଛନ୍ତି ।

ସୋମବାର ମନୋରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ଅପରାହ୍ନ ପରେ ଏଭଳି ଘଟଣା ଘଟିବାରୁ ସୋମବାର ରାତ୍ରିରେ ସରପଞ୍ଚ ମଙ୍ଗଳ ବାର ସକାଳେ ଗଣେଶ ଥାନାରେ ଅଭିଯୋଗ କରିଛନ୍ତି । ତିନି ଗୋଟି ଅଭିଯୋଗ ରୁ ସରପଞ୍ଚ ଓ ଗଣେଶ ଙ୍କ ଅଭିଯୋଗ ଆଧାରରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ସହିତ ପରିସ୍ଥିତି ଉପରେ ନଜର ରଖିଥିବାର ଜଣାପଡିଛି ।

## ୨୫ କିଗ୍ରା ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲାରେ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଓ ଧରପଗଡ଼ ଜାରି ରହିଛି । ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା ।

ଏହି ଚଢ଼ାଉ ସମୟରେ କେଚରପଡ଼ା ଗ୍ରାମରେ କଙ୍ଗୋ ସିଗାରେଟ ଖୋଳ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବେଆଇନ ଭାବେ ବିକ୍ରି କରାଯାଉଥିବା ସମ୍ପର୍କରେ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଲାସୀ କରାଯାଇ ୨୫ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା । ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ କରାଯାଇ କେଚରପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ (୩୨) ଏବଂ ରଶ୍ମୀକାନ୍ତ ବାରିକ (୪୦)ଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ । ଜିଲ୍ଲାରେ ଅବୈଧ ନିଶାଦ୍ରବ୍ୟର କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ ଧରପଗଡ଼ ଜାରି ରହିବ ବୋଲି ସୂଚନା ମିଳିଛି ।

## ବେଆଇନ 'ମନେଇ' ବାଲିଘାଟରେ ଖଣି ବିଭାଗର ଚଢ଼ାଉ

ବିଞ୍ଝାରପୁର, (ସବ୍ୟୁ): ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସମୟ ରେ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ନିର୍ଦ୍ଦେଶ ରହିଛି । ବନ୍ୟାରେ ଘାଇ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ କେତୋଟି ହାଇୱାକୁ ଷ୍ଟକ ବାଲରୁ ପରିବହନ ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଙ୍କପକ୍ଷରୁ ନିର୍ଦ୍ଦେଶ ରହିଛି । ବେଆଇନ ବାଲି ଉତ୍ତୋଳନକୁ ଖଣି ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି । ଖରସ୍ରୋତା ନଦୀର ଫତେପୁର ନିକଟସ୍ଥ 'ମନେଇ' ବାଲିଘାଟରେ ହୋଇଥିବା ଏହି ଚଢ଼ାଉ ସମୟରେ ପାଣି ଭିତରେ ବ୍ୟବହୃତ ହେଉଥିବା ଏକ ବେଆଇନ ଯାନ୍ତ୍ରିକ ବୋଟ୍କୁ ଖଣି ବିଭାଗ ପକ୍ଷରୁ ଡେମୋଲିଶ କରାଯାଇଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ଖଣି ଅଧିକାରୀ ବିଶାଲ ଠାକୁର, ଜୁନିୟର ଖଣି ଅଧିକାରୀ, ବିଞ୍ଝାରପୁର ପୋଲିସ ଓ ଅଗ୍ନିଶମ ବାହିନୀର ଏକ ମିଳିତ ଟିମ ଯାନ୍ତ୍ରିକ ବୋଟ୍ର ସହାୟତାରେ ନଦୀ ଭିତରକୁ ଯାଇ ବେଆଇନ ବାଲି ଉତ୍ତୋଳନ ସ୍ଥଳରେ ପହଞ୍ଚିଥିଲେ । ଏହାପରେ ସେଠାରେ ଜୋରଦାର ଚଢ଼ାଉ କରାଯାଇଥିଲା ।ଚଢ଼ାଉ ସମୟରେ ପାଣି ଭିତରେ ଥିବା ଏକ ବେଆଇନ ବୋଟ୍କୁ ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ ଏକ ହାଇୱା ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି ।

## ଡ. ହିମାଂଶୁ ଏକମ ବିଶ୍ୱ ମହାସଙ୍ଘର ଜିଲ୍ଲା ସଭାପତି

ସାଲେପୁର,(ସବ୍ୟୁ): ବହୁରାଷ୍ଟ୍ର ଏକମ ବିଶ୍ୱ ମହାସଙ୍ଘ ନ୍ୟାସ-କାଶୀ ସଂଗଠନ ପକ୍ଷରୁ କଟକ ଜିଲ୍ଲା ସଭାପତି ଭାବେ ଡ଼. ହିମାଂଶୁ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି ।ସଂସ୍ଥାର ମୁଖ୍ୟ ତଥା ଶ୍ରୀକୂଳ ପୀଠର ପୀଠାଧିଶ ପୂଜ୍ୟ ଶ୍ରୀ ଡ଼. ସଚ୍ଚିନ୍ଦ୍ର ନାଥ ମହାରାଜ ଡ଼. ମହାନ୍ତିଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି । ଡ଼. ହିମାଂଶୁ ମହାନ୍ତି କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ଦାୟିତ୍ୱ ସମ୍ପାଦନା କରୁଥିବା ବେଳେ ଏବେ ସନାତନ ଧର୍ମର ବହୁଳ ପ୍ରଚାର ଓ ପ୍ରସାର କରିବା ଭଳି ଗୁରଦାୟିତ୍ୱ ବହନ କରିବେ ବୋଲି ପ୍ରକାଶ କରିଛନ୍ତି । ସନାତନ ଧର୍ମର ପ୍ରସାର, ପ୍ରଚାର ଓ ଧର୍ମ ରକ୍ଷକ ଭାବରେ ଗୁରୁ ଦାୟିତ୍ୱ ପାଇଥିବାରୁ ଡ଼. ମହାନ୍ତି ପୂଜ୍ୟ ଶ୍ରୀ ଡ଼. ସଚ୍ଚିନ୍ଦ୍ର ନାଥ ମହାରାଜଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ବନ୍ୟା ପରେ ଶୋଚନୀୟ ବରୁଆଁ-ବରୀ ରାସ୍ତା

ଯାଜପୁରସଦର, (ସବ୍ୟୁ): ବନ୍ୟା ପରେ ଶୋଚନୀୟ ବରୁଆଁ-ବରୀ ରାସ୍ତା: ପୂର୍ତ୍ତ ବିଭାଗ ନଜର ନାହିଁ, ବଢ଼ୁଛି ଦୁର୍ଘଟଣା । ଗତ ବନ୍ୟାରେ ବରୁଆଁ-ବରୀ ରାସ୍ତାର ସହାସପୁର ଠାରୁ କାଇପଡା ପର୍ଯ୍ୟନ୍ତ ରାସ୍ତାରେ ବନ୍ୟା ସ୍ରୋତ ପଡି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି । ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯିବା ସହିତ ଖାଲ ଖମାରେ ପୂର୍ଣ୍ଣ ହୋଇଛି । ବନ୍ୟା ପାଣି କମିବା ପରେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି କରାଯାଇନାହିଁ । ବନ୍ୟା ପରେ ଶଙ୍ଖାରିଗଡା ପୋଲ ନିକଟରେ ସୃଷ୍ଟି ହୋଇଥିବା ବିଶାଳ ଗର୍ତ୍ତ ଏବେ ଦୁର୍ଘଟଣାର କାରଣ ହୋଇଛି । କିଛି ଦିନ ମଧ୍ୟରେ ଏହି ଖାଲରେ ପଡି ବହୁ ଗାଡିଚାଳକ ଗୁରୁତର ଆହତ ହୋଇଛନ୍ତି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।

## ବରିଷ୍ଠ ନାଗରିକଙ୍କ ବାରଣାସୀ-ଅଯୋଧ୍ୟା ତୀର୍ଥଯାତ୍ରା

ଜଗତସିଂହପୁର, (ସବ୍ୟୁ): ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଅଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ଭୋଇ, ସଭାପତି, ଜିଲ୍ଲାପରିଷଦ, ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ଜଗତସିଂହପୁର ପୌରପରିଷଦ, ସମ୍ବି କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଏବଂ ପ୍ରତିଚି ତନୟା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ପ୍ରସନ୍ନ କୁମାର ବେହେରା, ଗୌତମ ପଣ୍ଡା ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି । ଆସନ୍ତାକାଲି ତା.୦୨.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୩୦ ସମୟରେ ସତନ୍ତ୍ର ଟ୍ରେନ ଯୋଗେ ସେମାନେ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସାସ୍ଥ୍ୟ ପରୀକ୍ଷା କରିଥିଲେ । ମୀରାବାଇ ବେହେରା, ପର୍ଯ୍ୟଟନ ବିକାଶ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

ଧର୍ମଶାଳା, (ସବ୍ୟୁ ): ଧର୍ମଶାଳା ନିର୍ବାଚନମଣ୍ଡଳୀର ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଉଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମାଧ୍ୟମରେ ବହୁ ବର୍ଷ ଧରି ଅସହାୟ , ଦଳିତ ଓ ନିଷ୍ପେଶିତ ଲୋକମାନଙ୍କୁ ସହାୟତା ଯୋଗାଇ ଦିଆଯାଇ ଆସୁଅଛି । ଶ୍ରୀ ସାହୁ ବିଧାୟକ ନହେବା ପୂର୍ବରୁ ଯେଉଁଭଳି ଭାବେ ଗରିବଙ୍କ ପ୍ରତି ସେବା ଜାରିରଖିଥିଲେ ବିଧାୟକ ହେବା ପରେ ଗରିବଙ୍କ ପ୍ରତି ଏହି ସାହାଯ୍ୟ ଆହୁରି ଅଧିକ ବୃଦ୍ଧିପାଇଛି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଝିଅ ବିବାହ ପାଇଁ ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମର ଅଜୟ କୁମାର ପଣ୍ଡା ଓ ଆର୍ଥିକ ଅନାଟନ ରେ ଥିବା ଓଡିଶୋ ପଞ୍ଚାୟତ ବାହାବଳପୁର ଗ୍ରାମର ଝରଣା ନାୟକଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଦସ୍ୟ ମାନେ ସେମାନଙ୍କ ଘରେ ପହଁଚି ସହାୟତା ପ୍ରଦାନ କରିଛନ୍ତି ।

## ସୁଶାନ୍ତ କୁମାର ପୁରୋହିତ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ



ପାରାଦୀପ, ( ଜିପ୍ର ) : ଭି.ଓ. ଚିଦମ୍ବରନର ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ, ଆଇଆରଏସଇଇ (୧୯୯୬ ବ୍ୟାଚ), ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଶ୍ରୀ ପୁରୋହିତ ପ୍ରଶାସନ, ଇଞ୍ଜିନିୟରିଂ, ଭିତ୍ତିଭୂମି ବିକାଶ, ନୀତି ପ୍ରଣୟନ ଏବଂ ସାର୍ବଜନୀନ କ୍ଷେତ୍ର ପରିଚାଳନାରେ ବ୍ୟାପକ ଅଭିଜ୍ଞତା ସହିତ ଭାରତୀୟ ରେଳ ବୈଦ୍ୟୁତିକ ଇଞ୍ଜିନିୟର ସେବାର ଜଣେ ବରିଷ୍ଠ ଅଧିକାରୀ । ତାଙ୍କର ବର୍ତ୍ତମାନର କାର୍ଯ୍ୟ ପୂର୍ବରୁ, ସେ ଭାରତ ସରକାରଙ୍କ ରସାୟନ ଏବଂ ପେଟ୍ରୋକେମିକାଲ୍ସ ବିଭାଗର ଯୁଗ୍ମ ସଚିବ ଭାବରେ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ନୀତି ପ୍ରଣୟନ ଏବଂ କ୍ଷେତ୍ରୀୟ ବିକାଶ ସହିତ ଜଡିତ ଥିଲେ । ତାଙ୍କ କ୍ୟାରିୟର ସମୟରେ, ସେ ଭାରତୀୟ ରେଳ, ଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ପ୍ରମୁଖ ପଦବୀରେ ମଧ୍ୟ କାର୍ଯ୍ୟ କରିଛନ୍ତି, ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟା-ଚାଳିତ ପଦକ୍ଷେପ ଏବଂ ସାର୍ବଜନୀନ ପ୍ରଶାସନରେ ବ୍ୟାପକ ଅଭିଜ୍ଞତା ଅର୍ଜନ କରିଛନ୍ତି । ବନ୍ଦର ପରିଚାଳନା, ଭିତ୍ତିଭୂମି ବିକାଶ, ସାର୍ବଜନୀନ ନୀତି ଏବଂ ସ୍ଥାୟୀ ବିକାଶରେ ତାଙ୍କର ସମୃଦ୍ଧ ଅଭିଜ୍ଞତା ସହିତ ଶ୍ରୀ ପୁରୋହିତ ଭି.ଓ. ଚିଦମ୍ବରାନର ବନ୍ଦର କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ଭାବରେ ତାଙ୍କର ଦାୟିତ୍ୱ ଜାରି ରଖି ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ରଣନୈତିକ ନେତୃତ୍ୱ ପ୍ରଦାନ କରିବେ ।

ତାଙ୍କ ଅତିରିକ୍ତ ଦାୟିତ୍ୱରେ ପାରାଦୀପ ବନ୍ଦରର ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା, କାର୍ଗୋ ପରିଚାଳନା ସୁବିଧାଗୁଡ଼ିକୁ ଆଧୁନିକୀକରଣ କରିବା ଏବଂ ସବୁଜ ଏବଂ ସ୍ଥାୟୀ ବନ୍ଦର ପଦକ୍ଷେପକୁ ଆଗକୁ ବଢାଇବା ଉପରେ ଧ୍ୟାନ ଦିଆଯିବ । ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଶ୍ରୀ ପୁରୋହିତଙ୍କ ଅଭିଜ୍ଞତା ଏବଂ ନେତୃତ୍ୱରୁ ବନ୍ଦରର କ୍ଷମତାକୁ ଆହୁରି ସୁଦୃଢ଼ କରିବା ଏବଂ ଭାରତର ସାମୁଦ୍ରିକ କ୍ଷେତ୍ରର ଅଭିବୃଦ୍ଧି ଏବଂ ଭିକ୍ଷିତ ଭାରତର ଦୃଷ୍ଟିକୋଣରେ ଯୋଗଦାନ ଦେବାକୁ ଆଶା କରୁଛି ।

## ବନ୍ୟା ଧୋଇନେଲା ରାସ୍ତା ଅହିୟାସ-ତରପଦା ଯୋଗାଯୋଗ ବିଚ୍ଛିନ୍ନ

ମଙ୍ଗଳପୁର, (ସବ୍ୟୁ) : ଗତ ଜୁଲାଇ ୨୮ ତାରିଖରେ ବୈତରଣୀ ନଦୀରେ ଆସିଥିବା ଦ୍ୱିତୀୟ ବନ୍ୟାରେ ଶାଖା ନଦୀ କାଣୀରେ ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ଡୋଭାବିଲ - ପାଟଣା ଠାରେ ଘାଇ ସୃଷ୍ଟି ହୋଇଥିଲା । ୩୫ ଦିନ ବିତିଯାଇଥିଲେ ମଧ୍ୟ ଘାଇଟି ଏଯାବତ ପୋତାଯାଇ ନାହିଁ । ଏହାରି ଭିତରେ ବୈତରଣୀରେ ବାରମ୍ବାର ବନ୍ୟା ଆସିବା ଫଳରେ ମୁକୁଳା ଘାଇ ଦେଇ ବନ୍ୟା ଜଳ ଅହରହ ଚାଲୁ ରହିଥିଲା । ଫଳରେ ଘାଇ ମୁହଁ ସାମ୍ନା ଅହିୟାସ - ଡୋଭାବିଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ସମ୍ପୂର୍ଣ୍ଣ ଧୋଇନେଇଛି । ରାସ୍ତାଟିର ପ୍ରାୟ ୫୦ ଫୁଟ ଲମ୍ବ ଧୋଇଯାଇଛି । ଫଳରେ କସପା ଏବଂ ତରପଦା ୨ଟି ପଞ୍ଚାୟତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହି ସ୍ଥାନରେ ବନ୍ୟା ଜଳ ସ୍ରୋତ ରହିଥିବାରୁ ଲୋକେ ରଶି ବାନ୍ଧି ପୂର୍ବ ବନ୍ୟା ସମୟରେ ଯାତାୟାତ କରୁଥିଲେ । ମାତ୍ର ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯିବା ଏବଂ ରାସ୍ତା ଉଚ୍ଚତା ଠାରୁ ଅଧିକ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଲୋକେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ଅସମ୍ଭବ ହୋଇପଡିଛି । ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳୁଛି । ଘାଇ ମୁହଁ ପୋତାଯିବାରେ ଅହେତୁକ ବିଳମ୍ବ ଘଟିବାରୁ ଜଳ ସମ୍ପଦ ବିଭାଗ ଉପରେ ପ୍ରଶ୍ନ ବାଚି ସୃଷ୍ଟି ହେବା ସହ ଅସନ୍ତୋଷ ଦେଖାଦେଇଛି ।

## ସ୍ତ୍ରୀର ଜୀବନ ନେଲା ବାଡ଼ବିହୀନ ସେତୁ ଅଳ୍ପକେ ବର୍ତ୍ତିଲେ ସ୍ୱାମୀ ଓ ୪ ବର୍ଷର ଶିଶୁପୁତ୍ର

ଯାଜପୁରସଦର, (ସବ୍ୟୁ) : ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଶିବାଞ୍ଚଳ ନିକଟସ୍ଥ ଦୁଧେଇ ନାଳର ବାଡ଼ ବିହୀନ ପୋଲ ଉପରେ । ଘଟଣାରୁ ପ୍ରକାଶ ଯେ ରବିବାର ରାତି ୧୦ ଟା ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତ ଶିବାଞ୍ଚଳରେ ଥିବା ସତ୍ୟ ଫ୍ୟାଶନ ଡ୍ରେସ ହାଉସର ମାଲିକ ସତ୍ୟବ୍ରତ ଓଝା ତାଙ୍କ ସ୍ତ୍ରୀ, କୁନି ମହାରଣା (୨୪) ୪ ବର୍ଷର ଶିଶୁ ପୁତ୍ରକୁ ନେଇ ବାଇକ ଯୋଗେ ନିଜ ଘର ରୁଦ୍ରପୁର ଫେରୁଥିବା ବେଳେ ଦୁଧେଇ ନାଳ ଉପରେ ଥିବା ଏହି ବାଡ଼ ବିହୀନ ଗ୍ରାମ୍ୟ ଉନ୍ନୟନ ବିଭାଗର ଲଙ୍ଗଳା ପୋଲ ଉପରେ ଭାରସାମ୍ୟ ହରାଇ ଗଭୀର ଜଳରାଶିକୁ ପଡ଼ିଯାଇଥିଲେ । ସୌଭାଗ୍ୟ ବଶତଃ ସତ୍ୟବ୍ରତ ନିଜେ ବର୍ତ୍ତିଯିବା ପରେ ପୁଅକୁ ଉଦ୍ଧାର କରିଥିଲେ । ଉପରକୁ ଆସି ଡାକ ପକାଇବାରୁ ସ୍ଥାନୀୟ ଲୋକେ ଗଭୀର ଜଳରୁ ସ୍ତ୍ରୀଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରି ଥିଲେ । ଖବର ପାଇ ବରୁଆଁ ଅଗ୍ନିଶମ ଓ ଜରୁରୀ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଭୀର ଜଳରୁ ବାଇକ, ଟିଭିକୁ ଉଦ୍ଧାର କରିଥିବାବେଳେ ଅଭିଯୋଗ ପାଇ ସଦର ଥାନା ପକ୍ଷରୁ କେଶ ନମ୍ବର ୨୫/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି । ଅନ୍ୟପଟେ ଏହି ଘଟଣାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ପ୍ରକାଶ ଥାଉ କି ପୂର୍ବରୁ ଏହି ବାଡ଼ ବିହୀନ ପୋଲରେ ବହୁ ଦୁର୍ଘଟଣା ଘଟିଛି । ଉକ୍ତ ଲଙ୍ଗଳା ପୋଲର ମରାମତି କିମ୍ବା ନୂଆ ପୋଲ ନିର୍ମାଣ ପାଇଁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦୃଢ ଦାବି ଜଣାଇଛନ୍ତି ।

## କେନ୍ଦ୍ରାପଡ଼ାରେ ଜାତୀୟ ଜାହାଜ ନିର୍ମାଣ, ଭାରୀ ଶିଳ୍ପ ପାର୍କ ପାଇଁ ଅନୁମୋଦନ

ପାରାଦୀପ - ( ଜି . ପ୍ର ) : ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଜାହାଜ ନିର୍ମାଣ ବିକାଶ ଯୋଜନା ଅଧୀନରେ ଜାତୀୟ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାର୍କ, ଓଡ଼ିଶା ଲିମିଟେଡ ନିତିଗତ ଅନୁମୋଦନ ପାଇଛି । ପ୍ରସ୍ତାବିତ ପ୍ରକଳ୍ପଟି ଓଡ଼ିଶାର କେନ୍ଦ୍ରାପଡ଼ାରେ ମହାନଦୀ କୂଳରେ ଉପଯୁକ୍ତ ଭାବରେ ଅବସ୍ଥିତ, ଯାହା ରାଜ୍ୟର ଜାହାଜ ନିର୍ମାଣଏବଂ ସାମୁଦ୍ରିକ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ଜାହାଜ ନିର୍ମାଣ ବିକାଶ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସ୍ତାବର ବିସ୍ତୃତ ବିଚାର ପରେ, ସକ୍ଷମ ପ୍ରାଧିକରଣ ଅଗଷ୍ଟ ୧୦, ୨୦୨୬ ରେ ନୀତିଗତ ଅନୁମୋଦନ ପ୍ରଦାନ କରିଥିଲେ । ଏହି ଅନୁମୋଦନ ସେହି ଦିନ ଅନୁଷ୍ଠିତ ଜାତୀୟ ଜାହାଜ ନିର୍ମାଣ ମିଶନର ଆନ୍ତଃ-ମନ୍ତ୍ରାଳୟ ଗୋଷ୍ଠୀ ଜାହାଜ ନିର୍ମାଣର ୬ଷ୍ଠ ବୈଠକର ନିର୍ଦ୍ଦେଶ ପାଳନ କରେ । ପାରାଦୀପ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ପି. ଏଲ. ହରଣାଧ କହିଛନ୍ତି, ନୀତିଗତ ଅନୁମୋଦନ ଓଡ଼ିଶାର ସାମୁଦ୍ରିକ ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ଜାହାଜ ନିର୍ମାଣଏବଂ ଭାରୀ ଶିଳ୍ପ ପାର୍କ ଜାହାଜ ନିର୍ମାଣକ୍ଷମତାକୁ ସୁଦୃଢ଼ କରିବା, ନିବେଶ ଆକର୍ଷିତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଅଞ୍ଚଳରେ ସହାୟକ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ରଖିଛି । ପରବର୍ତ୍ତୀ ପର୍ଯ୍ୟାୟର ଏକ ଅଂଶ ଭାବରେ, ପ୍ରସ୍ତାବିତ ଜାହାଜ ନିର୍ମାଣର ଭିତ୍ତିଭୂମି, ଜାହାଜର ନିର୍ଦ୍ଦିଷ୍ଟକରଣ, ପୁଞ୍ଜି ଖର୍ଚ୍ଚ, ଡ୍ରେଜିଂ ଏବଂ ବ୍ରେକୱାଟର ଆବଶ୍ୟକତା ଏବଂ ଆର୍ଥିକ ମଡେଲକୁ ଅନ୍ତର୍ଭୁକ୍ତ କରି ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବ। ପ୍ରକଳ୍ପଟି ପରିବେଶଗତ ମଞ୍ଜୁରୀ , ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅନୁମତି ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ମଞ୍ଜୁରୀ ସମେତ ଆବଶ୍ୟକୀୟ ବୈଧାନିକ ଅନୁମୋଦନ ହାସଲ କରିବା ଦିଗରେ ମଧ୍ୟ ଅଗ୍ରଗତି କରିବ । ପ୍ରସ୍ତାବିତ ପାର୍କ ଜାହାଜ ନିର୍ମାଣଏବଂ ଭାରୀ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହେବ, ଯାହା ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଦକ୍ଷତା ବିକାଶ ଏବଂ ଓଡ଼ିଶାର ବ୍ୟାପକ ସାମୁଦ୍ରିକ ଏବଂ ଉପକୂଳ ଅର୍ଥନୀତିକୁ ସମର୍ଥନ କରିବ।

## କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପୁରୁଣା ବସଷ୍ଟାଣ୍ଡ ଶାଖାରେ ରାତି ୭ଟା ଯାଏ ଗ୍ରାହକ ସେବା

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ଅର୍ବାନକୋପରେଟିଭ ବ୍ୟାଙ୍କ ପୁରୁଣା ବସଷ୍ଟାଣ୍ଡ ଶାଖା ଗ୍ରାହକମାନଙ୍କୁ ପ୍ରତ୍ୟେକ କାର୍ଯ୍ୟଦିବସରେ ସନ୍ଧ୍ୟା ୭ଟା ଯାଏ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଶାଖା ବୁଧବାର ଠାରୁ ପ୍ରତ୍ୟେକ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ଆର୍ଥିକ କାରବାର(ଦେଣ, ନେଣ) ସେବା ଯୋଗାଇଦେବାକୁ ବ୍ୟାଙ୍କର ପରିଚାଳନା ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି ।

ଏହି ସେବା କେବଳ ଅର୍ବାନବ୍ୟାଙ୍କ ପୁରୁଣା ବସଷ୍ଟାଣ୍ଡ ଶାଖାରେ ଉପଲବ୍ଧ ହେବ । ଜିଲ୍ଲାର କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ପ୍ରଥମ ବ୍ୟାଙ୍କ ଯିଏକି ଏଭଳି ସେବା ଗ୍ରାହକମାନଙ୍କୁ ଯୋଗାଇଦେଉଛି । ଆଗାମୀ ଦିନରେ ଏହି ସେବା ପର୍ଯ୍ୟାୟ କ୍ରମେ ପୂର୍ବାହ୍ନ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଫଳରେ ଗ୍ରାହକମାନେ ଅଧିକ ଉପକୃତ ହୋଇପାରିବେ ବୋଲି ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତି ଏକ ପ୍ରେସବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହେଲେ ସରସ୍ୱତୀ




ପାଣିକୋଇଲ, (ସବ୍ୟୁ): ଥାନାଠୁ ଆରମ୍ଭ କରି ଡିଜି, ଆଇଜି ଓ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଗୁହାରୀ କଲେ ବି କେହି ଶୁଣୁନାହାନ୍ତି ସରସ୍ୱତୀ ସାହୁର ଦୁଃଖ । କୁଆଖିଆ ଥାନାଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ କରିବା ସହ ତାଙ୍କ ପ୍ରରୋଚନାରେ ତାଙ୍କ ସାରଂଗପୁର ଗ୍ରାମାବସୀ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ମାଡ ମାରିବା, ଗଛରେ ବାନ୍ଧିବା ଓ ଉଲଗ୍ନ କରି ପିଟିବା ଆଦି ଅଭିଯୋଗ କରିଛନ୍ତି । ଏସଡିପିଓ ଙ୍କ ନିକଟରେ ଅଭିଯୋଗ କଲେବି ସେ ଓଲଟା ଗାଳିଗୁଲଜ କରିଛନ୍ତି । ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ସରସ୍ୱତୀ । ତାଙ୍କ ଜମିବାଡି ବିବାଦକୁ ନେଇ ଏଭଳି ସମସ୍ୟା ଉପୁଜିଛି ।

କିନ୍ତୁ ସେ କାହାରି ଠାରୁ ନ୍ୟାୟ ନପାଇ ପାଣିକୋଇଲିସ୍ଥିତ ଏସପି କାର୍ଯ୍ୟାଳୟ ସମ୍ମୁଖରେ କାନ୍ଦି କାନ୍ଦି ତଳେ ପଡି ଗୁହାରୀ କଲେବି କେହି ଶୁଣୁନାହାନ୍ତି । ହେଲେ ଦୋଷ କାହାର ପୁଲିସର ନା ସରସ୍ୱତୀର ଏହାର ଏକ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ । କିଏ କହୁଛି ସତ କୁଆଖିଆ ଥାନାର ସିସିଟିଭି ଫୁଟେଜ ଯାଂଚ କଲେ ପ୍ରକୃତ ସତ୍ୟ ପଦାକୁ ଆସିବ ।

## ଷଣ୍ଢ ଉପଦ୍ରବରେ ଚାଷ ନଷ୍ଟ ବିଡିଓଙ୍କୁ ଘେରାଉ କଲେ ଚାଷୀ

ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକରେ ଦିନକୁ ଦିନ ବୁଲା ଷଣ୍ଢଙ୍କ ଉପଦ୍ରବ ବଢ଼ିବାରୁ ଚାଷୀମାନଙ୍କ ଚିନ୍ତା ବଢ଼ିଚାଲିଛି । ପନିପରିବା ପରେ ଏବେ ଧାନ କ୍ଷେତରେ ପଶି ଷଣ୍ଢମାନେ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି । ଏହାର ପ୍ରତିବାଦରେ ସୋମବାର ଶତାଧିକ ଚାଷୀ ନାଉଗାଁ ବିଡିଓ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବୁଲା ଷଣ୍ଢ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଚାଷ ବଞ୍ଚାଇବା ଅସମ୍ଭବ ବୋଲି ସେମାନେ କହିଥିଲେ । ବ୍ଲକରେ ଏକ ସ୍ଥାୟୀ ଗୋଶାଳା ଏବଂ କାଞ୍ଜିଆ ହୁଦା ନିର୍ମାଣକରି ବୁଲା ଷଣ୍ଢମାନଙ୍କୁ ସେଠାରେ ରଖିବାକୁ ଚାଷୀମାନେ ଦାବି କରିଥିଲେ । ପ୍ରତିବାଦ ପରେ ବିଡିଓ ନିରଞ୍ଜନ ପରିଡ଼ା ଓ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନିରୋଦ କୁମାର ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଖୁବ ଶୀଘ୍ର ଷଣ୍ଢମାନଙ୍କ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରାଯିବା ସହ ବ୍ଲକରେ ସ୍ଥାୟୀ ଗୋଶାଳା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କଂଗ୍ରେସର ଧାରଣା

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରର ୧୨ ନଂ ଓ୍ୱାର୍ଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିର୍ଘ ଦିନ ଧରି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଖଣ୍ଡପଡ଼ା ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦ ଟାରୁ ପ୍ରତୀକ ଧାରଣା ଆରମ୍ଭ ହୋଇଥିବା ଜଣାଯାଇଛି । ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଧାରଣାକୁ ସମର୍ଥନ ଜଣାଇ ଖଣ୍ଡପଡ଼ା ସହର ୧ ନଂ ଓ୍ୱାର୍ଡର ବରିଷ୍ଠ କାଉନସିଲର ସରୋଜ କୁମାର ପ୍ରଧାନ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂଗଠକ ଅମରେନ୍ଦ୍ର ମିଶ୍ର,ସଞ୍ଜୟ ପ୍ରଧାନ,ଗୋପାଳ ମହାପାତ୍ରଙ୍କ ସମେତ ଅନନ୍ୟମାନେ ଧାରଣାରେ ସାମିଲ ହୋଇଥିବା ଜଣାଯାଇଛି ।ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଦା ସର୍ବଦା ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପରି ମୌଳିକ ସେବାରୁ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ ହେଉଛି । ଏପରିକି ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ସମସ୍ୟାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ନତୁବା ଲୋକ ପ୍ରତିନିଧିମାନେ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି ।କ୍ରମାଗତ ଭାବେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଣଦେଖା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନୀରବତା ଯୋଗୁଁ ଖଣ୍ଡପଡା ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇ ଜରୁରୀକାଳୀନ ପରିସ୍ଥିତିରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରତିବାଦରେ କଂଗ୍ରେସ ଦଳର କର୍ମୀ ଓ ସଂଗଠକମାନେ ଆନ୍ଦୋଳନକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିବା ବେଳେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ।

## ପ୍ରଶାସନିକ ଚଢ଼ାଉ : ୮୫ କେଜିରୁ ଉର୍ଦ୍ଧ୍ୱ ଖାଦ୍ୟ ନଷ୍ଟ

ସାକ୍ଷୀଗୋପାଳ (ସବ୍ୟୁ): ଗ୍ରାହକଙ୍କ ଥାଳିରେ କ'ଣ ପଡୁଛି, ତାହାର ଅଚାନକ ତଦାରଖ କରିବାକୁ ସାକ୍ଷୀଗୋପାଳ ବଜାରରେ ପହଞ୍ଚିଥିଲା ପ୍ରଶାସନିକ ଟିମ । ଆଉ ଚଢ଼ାଉ ଖବର ପହଞ୍ଚିବା ମାତ୍ରେ କେତେକ ଖାଦ୍ୟ ଦୋକାନର ସଟର ପଡ଼ିଯାଇଥିଲା । କିନ୍ତୁ କିଛି ସମୟ ପରେ ଦୋକାନ ଖୋଲିବା ସହ ପୁନର୍ବାର ଚଢ଼ାଉ କରିଥିଲେ ଅଧିକାରୀ । ଯାଞ୍ଚ ବେଳେ ବିକ୍ରି ପାଇଁ ରଖାଯାଇଥିବା ବହୁ ପରିମାଣର ନିମ୍ନମାନର ଖାଦ୍ୟ ସାମଗ୍ରୀ ସାମ୍ନାକୁ ଆସିଥିଲା । ଶେଷରେ ୮୫ କେଜିରୁ ଉର୍ଦ୍ଧ୍ୱର୍ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯିବା ସହ ବ୍ୟବସାୟୀଙ୍କ ଠାରୁ ମୋଟ ୫୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।ପୁରୀ ଖାଦ୍ୟ ସୁରକ୍ଷା ବିଭାଗ ଓ ସତ୍ୟବାଦୀ ତହସିଲ ପ୍ରଶାସନର ମିଳିତ ଟିମ ମଙ୍ଗଳବାର ସନ୍ଧ୍ୟା୭ଟାରୁ ଠାରୁ ରାତି ସାଢେ ୯ ଟା ପର୍ଯ୍ୟନ୍ତ ସାକ୍ଷୀଗୋପାଳ ବଜାର ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଯାଞ୍ଚ ଅଭିଯାନ ଚଳାଇଥିଲେ । ବଜାରରେ ଥିବା କ୍ରୀଷ୍ଣା ସୁଇଟ୍ସ, ମହାମାୟା ସୁଇଟ୍ସ, ବାପି ଫାଷ୍ଟଫୁଡ, ବିରିୟାନି ହଟ, ରାଜଦମ ବିରିୟାନି, ଫ୍ରେଣ୍ଡସ ହୋଟେଲ ଓ ସ୍ମୃତି ହୋଟେଲରେ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା । ସେହିପରି ଚନ୍ଦନ ପୋଖରୀ ନିକଟରେ ଥିବା ମିଠା ଦୋକାନ ଏବଂ ମନ୍ଦିର ନିକଟରେ ଥିବା ଭୋଗ ଦୋକାନରେ ମଧ ଚଢ଼ାଉ କରାଯାଇଥିଲା ।ଯାଞ୍ଚ ସମୟରେ ପ୍ରାୟ



୩୫ କେଜି ଛେନା, ପନିର ଓ ରସଗୋଲାକୁ ନଷ୍ଟ କରାଯାଇଥିଲା । ଏହାସହ ଖାଦ୍ୟ ପ୍ରସ୍ତୁତି ପାଇଁ ରଖାଯାଇଥିବା ୫୦ କେଜିରୁ ଉର୍ଦ୍ଧ୍ୱର୍ ବିଭିନ୍ନ ପ୍ରକାର ନିମ୍ନମାନର ମସଲା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ମଧ ନଷ୍ଟ କରିଥିଲେ ଅଧିକାରୀ । ଏଭଳି ଖାଦ୍ୟ ସାମଗ୍ରୀ ବଜାରରେ ବିକ୍ରି ହୋଇଥିଲେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇପାରୁଥିଲା ।ଚଢ଼ାଉରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଠାରୁ ମୋଟ ୫୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଚନ୍ଦନ ପୋଖରୀ ନିକଟରେ ଥିବା ଶଙ୍କର ଜେନାଙ୍କ ମିଠା ଦୋକାନକୁ ୭ ଦିନ ପାଇଁ ସିଲ କରାଯିବା ସହ ଜରିମାନା ମଧ ଲଗାଯାଇଥିବା ଜଣାପଡ଼ିଛି ।ଚଢ଼ାଉରେ ପୁରୀ ଖାଦ୍ୟ ସୁରକ୍ଷା ବିଭାଗର ତପସ୍ୱିନୀ ବେହେରା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡାଙ୍କ ସମେତ ସତ୍ୟବାଦୀ ଥାନାର ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

## ନାବାଳିକାକୁ ଦୁଷ୍କର୍ମ : ଜେଲରେ ଅଭିଯୁକ୍ତ

ଗୋପ,(ସବ୍ୟୁ): ଘରେ କେହି ନ ଥିବାର ସୁଯୋଗ ନେଇ ନିବୁଜ କୋଠରୀ ଭିତରେ ନାବାଳିକାକୁ ଦୁଷ୍କର୍ମ ପରେ ଭିଡିଓ ଭାଇରାଲ ଘଟଣାରେ ଗୋପ ପୋଲିସ କୁ ସଫଳତା ମିଳିଛି । ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର, ପ୍ରମୋଦ କୁମାର ସେଠୀ ଙ୍କ ସହିତ ଅନ୍ୟ ଥାନା ଅଫିସରମାନେ ମାତ୍ର ଦୁଇ ଘଣ୍ଟା ଭିତରେ ଅଭିଯୁକ୍ତ ମୁନା ଦାସ (୨୩) ବର୍ଷକୁ ପୁରୀ ଗୋଟିଏ ସ୍ଥାନରୁ ଗିରଫ କରିଥିବା ଜଣାପଡ଼ିଛି । ନାବାଳିକା ମା ଙ୍କ ଅଭିଯୋଗକୁ ନେଇ ଗୋପ ଥାନାରେ ମାମଲା ନମ୍ବର ୨୭୫/୨୬ ରୁଜୁ କରାଯାଇଥିବା ବେଳେ ମଙ୍ଗଳବାର ପୋଲିସ ଅଭିଯୁକ୍ତକୁ ଜିଲ୍ଲା ପୋକ୍ସ କୋର୍ଟରେ ହାଜର କରାଇବା ପରେ କୋର୍ଟ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦେଇଥିବା ଥାନା ଅଧିକାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।ଗୋପ ଥାନା ଅନ୍ତର୍ଗତ ବାଲିକନ୍ଦଳ ଗ୍ରାମ ଅଭିଯୁକ୍ତ ମୁନା ଦାସ ଗତ ୩୦ ତାରିଖ ଦିନ ସେହି ଗ୍ରାମର ନାବାଳିକା ଘରେ ଏକୁଟିଆ ଥିବା ବେଳେ ତାର ସୁଯୋଗ ନେଇ ଘରେ ପଶିଥିଲା । ଅଭିଯୁକ୍ତ ଜଣଙ୍କ ଜୋରଜବରଦସ୍ତ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହି ଦୁଷ୍କର୍ମ ସମୟର ଭିଡ଼ିଓ କରି ଭିଡିଓ ଭାଇରାଲ କରିବା ପରେ ଘଟଣା ପଦାକୁ ଆସିଥିଲା । ନାବାଳିକା ମା ଜଣଙ୍କ ଏପରି ଏକ ଘଟଣା ସଂପର୍କରେ ପଚାରିବା ପରେ ନାବାଳିକା ଜଣଙ୍କ ସମସ୍ତ ଘଟଣା କହିଥିଲା । ଏପରି ଏକ ଘଟଣା ସଂପର୍କରେ ୩୧ ତାରିଖ ଦିନ ମା ଗୋପ ଥାନା ରେ ଅଭିଯୋଗ ଦେବା ପରେ ପୋଲିସ ମୋକଦ୍ଦମା ରୁଜୁ କରିବା ପରେ ଅଭିଯୁକ୍ତର ଫୋନଟ୍ରାଙ୍ଗି କରି ଅଭିଯୁକ୍ତକୁ ଗିରଫ କରିଥିଲେ ।

## ଭାଣପୁରରେ "ୱାଓ ମୋମୋ' ଗୋଦାମ ଉପରେ ଚଢ଼ାଉ

ଫୁଲନଖରା (ସବ୍ୟୁ)::କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଅଞ୍ଚଳରେ ଖାଦ୍ୟ ସୁରକ୍ଷାକୁ ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । "ଓ୍ୱାଓ ମୋମୋ'ର ଏକ ଗୋଦାମ ଉପରେ ଫୁଡ ସେଫଟି ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଟିମ ଅଚାନକ ଚଢ଼ାଉ କରିବା ପରେ ସେଠାରେ ଖାଦ୍ୟ ସଂରକ୍ଷଣ ଓ ଯୋଗାଣ ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ଚଢ଼ାଉ ସମୟରେ ଗୋଦାମ ଭିତରେ ପେଟି ପେଟି ମୋମୋ ମହଜୁଦ ଥିବା ଦେଖିବାକୁ ମିଳିଥିଲା । ଦୀର୍ଘଦିନ ଧରି ଏହି ମୋମୋଗୁଡ଼ିକୁ ଫ୍ରିଜ୍ରେ ସଂରକ୍ଷିତ କରାଯାଇ ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନକୁ ଯୋଗାଣ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ଗୋଦାମରୁ କଟକ ସମେତ ଭୁବନେଶ୍ୱର ଓ ପୁରୀ ଭଳି ପ୍ରମୁଖ ସହରକୁ ମୋମୋ ଯୋଗାଣ ହେଉଥିବା ସୂଚନା ମିଳିଛି । ତେବେ ଚଢ଼ାଉ ସମୟରେ ସଂସ୍ଥା ପକ୍ଷରୁ ଖାଦ୍ୟ ସଂରକ୍ଷଣ, ଉତ୍ପାଦନ ଏବଂ ଯୋଗାଣ ସମ୍ପର୍କିତ ଆବଶ୍ୟକ ବୈଧ କାଗଜପତ୍ର ଉପସ୍ଥାପନ କରାଯାଇ ନପାରିବାରୁ



ସ୍ୱାସ୍ଥ୍ୟ ବିଭାଗ ଗୋଦାମକୁ ସିଲ କରିଥିବା ସୂଚନା ମିଳିଛି । ଏହି ଘଟଣା ପରେ ଉକ୍ତ ଗୋଦାମରେ ଦୀର୍ଘଦିନ ଧରି ଖାଦ୍ୟ ସୁରକ୍ଷା ନିୟମକୁ ଉଲ୍ଲଂଘନ କରାଯାଉଥିଲା କି ନାହିଁ, ସେନେଇ ତଦନ୍ତ ଆରମ୍ଭ ହୋଇଛି । ଏଠାରେ ପ୍ରଶ୍ନ ଉଠେ ଯେ ଲୋକଙ୍କ ସ୍ୱାସ୍ଥ୍ୟ ସହ ହେଉଥିଲା ଖେଳ କି ? ଦୀର୍ଘ ସମୟ ଧରି ଫ୍ରିଜରେ ସଂରକ୍ଷିତ ଖାଦ୍ୟ ସାମଗ୍ରୀ ଗ୍ରାହକଙ୍କୁ ବିକ୍ରି କରାଯାଉଥିଲା କିପରି ? ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡକୁ ନିୟମିତ ଭାବେ ପରୀକ୍ଷା କରାଯାଉଥିଲା କି ନାହିଁ ? ମୋମୋ ପ୍ରସ୍ତୁତି ଓ ସଂରକ୍ଷଣ ପାଇଁ ନିର୍ଦ୍ଧାରିତ ସ୍ୱାସ୍ଥ୍ୟବିଧି ପାଳନ କରାଯାଉଥିଲା କି ନାହିଁ ? ଏବଂ ଏହି ସାମଗ୍ରୀ କେଉଁ କେଉଁ ସ୍ଥାନରେ ଯୋଗାଣ ହେଉଥିଲା? ଏଭଳି ଅନେକ ଗୁରୁତର ପ୍ରଶ୍ନକୁ ନେଇ ଏବେ ତଦନ୍ତ ଜୋରଦାର ହୋଇଛି । ଗୋଦାମରୁ ମିଳିଥିବା ମୋମୋର ନମୁନା ସଂଗ୍ରହ କରାଯାଇ ଏହାର ଗୁଣବତ୍ତା ଏବଂ ସଂରକ୍ଷଣ ପ୍ରକ୍ରିୟାର ଯାଞ୍ଚ କରାଯିବାର ସମ୍ଭାବନା ରହିଛି । ଯାଞ୍ଚ ପରେ ଖାଦ୍ୟ ସୁରକ୍ଷା ନିୟମର ଉଲ୍ଲଂଘନ ପ୍ରମାଣିତ ହେଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଘଟଣା କେବଳ ଏକ ଗୋଦାମର ଅନିୟମିତତା ନୁହେଁ, ବରଂ ସାଧାରଣ ଲୋକଙ୍କ ଖାଦ୍ୟ ସୁରକ୍ଷା ସହ ଜଡ଼ିତ ଏକ ଗମ୍ଭୀର ପ୍ରସଙ୍ଗ । ତେଣୁ ଘଟଣାର ନିରପେକ୍ଷ ଓ ଗଭୀର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ତଦନ୍ତ ଆଗକୁ ବଢ଼ିବା ସହ ଏହି ଘଟଣା ସମ୍ପର୍କରେ ଆହୁରି ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ( ଏନ ଏ ସି) ପକ୍ଷରୁ ସୋମବାରସ୍ୱାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟମାନେ ରାମଧୁନ ସହ ପ୍ରଭାତଫେରୀରେ ଯାଇ ବାଲୁଗାଁ ବଜାର ଗାନ୍ଧୀ ଛକ ଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହା ପରେ କାର୍ଯ୍ୟାଳୟ ପରିସରରେ ଏନ ଏ ସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏନ ଏ ସି କର୍ତ୍ତୃପକ୍ଷଙ୍କ ତରଫରୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ,କ୍ଷୀର ଏବଂ ଜରାନିବାସ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ ହୋଇଥିଲା । ଏହି ଅବସରରେ ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ବାଲୁଗାଁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଏବଂ ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ହୋଇଥିବାରୁ ସହରର ଉନ୍ନତିକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ବହୁ ଯୋଜନା ହାତକୁ ନିଆଯାଇଛି ଓ ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ବିଶ୍ରାମ ସ୍ଥଳ, ପାର୍କ ଏବଂ ରାସ୍ତା ଘାଟ ନବୀକରଣ ଆଦି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇସାରିଥିବା ବେଳେ ଆହୁରି ୧୦ କୋଟି ଟଙ୍କାର ପ୍ରକଳ୍ପ ନିମନ୍ତେ ବ୍ୟୟ ବରାଦ କରାଯାଇଛି ।ଏହାର ସଫଳ ରୂପାୟନ ନିମନ୍ତେ ଅଞ୍ଚଳବାସୀଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ସେ କହିଥିଲେ । ସଭାମଞ୍ଚରେ ଅନ୍ୟ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଏବଂ ସମସ୍ତ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ ।ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ଏନ ଏ ସି କର୍ମଚାରୀଙ୍କ ସମେତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା ।

## ଉତ୍ତୋଳନ ସମୟରେ ଖସି ପଡିଲା ଜାତୀୟ ପତାକା

ଟାଙ୍ଗୀ,(ସବ୍ୟୁ): ଟାଙ୍ଗୀ ପାଇଁ ନିଶ୍ଚିତ ସୋମବାର ଏକ ଚିର ସ୍ମରଣିୟ ଦିବସ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପରେ ଟାଙ୍ଗୀ ତାର ପ୍ରଥମ ସ୍ୱାୟତ ଶାସନ ଦିବସ ପାଳନ କଲା କିନ୍ତୁ ବହୁ ବ୍ୟତିକ୍ରମ ଯୋଗୁ ଟାଙ୍ଗୀ ଅଞ୍ଚଳର ବୁଦ୍ଧିଜିବୀଙ୍କୁ ବ୍ୟଥିତ କରିଥିବା ଜଣାପଡିଛି। ଏହି ଉପଲକ୍ଷେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ଅସ୍ଥାୟୀ ନୂତନ ଏନଏସି କାର୍ଯ୍ୟାଳୟ ପରିସରକୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ଅଣାଯିବା ପରେ ତାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସମୟରେ ଓଲଟା ସଜଡା ଯାଇଥିବା ଜାତୀୟ ପତାକା ଉତ୍ତୋଳନ ପୂର୍ବରୁ ଭିଡାଭିଡି ସମୟରେ ତଳକୁ ଖସି ପଡିଥିଲା । ଫଳରେ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରଥମ କରି ସ୍ୱାୟତ ଶାସନ ଦିବସ ପାଳନ କରାଯାଉଥିବାରୁ ଏ ଅଞ୍ଚଳର ବୁଦ୍ଧିଜିବୀଙ୍କୁ ନିମନ୍ତ୍ରଣ ରେ ଉପେକ୍ଷା କରାଯାଇଥିବା ବେଳେ ଅନ୍ୟ ପଞ୍ଚାୟତ ର କେତେ ଜଣ ବିଧାୟକ ଙ୍କ ସମର୍ଥିତ ହାତଗଣତି ଲୋକ ପ୍ରତିନିଧି , ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ପୁରୁଷ ମାନଙ୍କ ସଂଖ୍ୟା ନଗଣ୍ୟ ଥିଲା । ଗଣମାଧ୍ୟମ ପ୍ରତିନିଧିଙ୍କୁ ଡିଆଇପିଆରଓ ଏହି ଖବର ପ୍ରସାରଣ ପାଇଁ ଜଣାଇଥିଲେ ମଧ ଗଣମାଧ୍ୟମ ପ୍ରତିନିଧି ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇନଥିଲା ।କାର୍ଯ୍ୟ ନିର୍ବାହୀଙ୍କ ଦାୟିତ୍ୱରେ ଥିବା ବିଡିଓ ରୁମାନା ଜାଫ୍ରି ଟାଙ୍ଗୀ ଅଞ୍ଚଳବାସୀଙ୍କ ଏଭଳି ଅତ୍ୟନ୍ତ ଆନନ୍ଦର ଦିନଟିକୁ ତ୍ରୁଟିପୂର୍ଣତାରେ କରିଥିବାରୁ ବୁଦ୍ଧିଜିବୀ ମହଲ ସହଜରେ ଗ୍ରହଣ କରିପାରିନଥିବା ଜଣାପଡିଛି।

## ଶକ୍ତିଶ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ

କୁହୁଡ଼ି ,(ସବ୍ୟୁ): ଖୋରଧା ଜିଲ୍ଲା ଟାଙ୍ଗୀ ବ୍ଲକ ସ୍ଥିତ କୁହୁଡ଼ି ଜନତା ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଆନୁକୁଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁହୁଡି ଜନତା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଟୁକୁନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ବିଶେଷ ଅତିଥି ଭାବେ ଖୋର୍ଦ୍ଧା ସାଇବର ଥାନା ଅଧିକାରୀ ଧିରେନ୍ଦ୍ର କୁମାର ମଲ୍ଲିକ , ମୁଖ୍ୟ ଅତିଥି ଟାଙ୍ଗୀ ଥାନା ଅଧିକାରୀ ସୁନିଲ କୁମାର ମୁର୍ମୁ, ସମ୍ମାନୀୟ ଅତିଥି ବାଲୁଗାଁ କଲେଜ ଅଧ୍ୟକ୍ଷ ଡ଼ ଲକ୍ଷ୍ମୀଧର ସୁବୁଦ୍ଧି, ପୂର୍ବତନ ସରପଂଚ ଜୟଦେବ ବେହେରା, ସାମ୍ବାଦିକ ରମେଶ ନାଇଡୁ, ସାମ୍ବାଦିକ ବନବିହାରୀ ବେହେରା ଓ ପ୍ରଶିକ୍ଷିକା ସୁନୀତା ବେହେରା ଯୋଗଦେଇ ଛାତ୍ରୀମାନେ କିଭଳି ନିଜକୁ ଅସାମାଜିକ ବ୍ୟକ୍ତିମାନଙ୍କ ଠାରୁ ସୁରକ୍ଷିତ ରହିବେ ଓ ନିଜ ପରିବାର ଓ ସମାଜକୁ କିଭଳି ସୁରକ୍ଷିତ ରଖିପାରିବେ ତା ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଶ୍ରୀ ମଲ୍ଲିକ ସାଇବର ଅପରାଧ ସମ୍ବନ୍ଧରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ସାକ୍ଷରତା, ସାଇବର ଅପରାଧ ଓ ମୋବାଇଲ ଇଣ୍ଟରନେଟ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁରେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରୁଥିବା ବେଳେ ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନ ତଥା ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ୬୮ ଦିନରେ ୨୧ଶହ କିମି ପଦଯାତ୍ରା କରି ଗଙ୍ଗୋତ୍ରୀରୁ ବାଲୁଗାଁ ପହଞ୍ଚିଲେ କାଉଡିଆ

ବାଲୁଗାଁ ,(ସବ୍ୟୁ): ଶ୍ରାବଣ ମାସ ଅତିକ୍ରାନ୍ତ ହୋଇଥିଲେ ହେଁ ସୁଦୂର ଉତ୍ତରାଖଣ୍ଡର ଗଙ୍ଗୋତ୍ରୀରୁ ଜଳ ଭାର ଧରି ୫ ଜଣ କାଉଡିଆ ପଦଯାତ୍ରାରେ ବାହାରି ସୋମବାର ବାଲୁଗାଁରେ ପହଞ୍ଚିଛନ୍ତି ।ସେମାନଙ୍କ ମଧ୍ୟରୁ ବାଲୁଗାଁ ପାଟଣା ସାହିର ରାଜେନ୍ଦ୍ର ବେହେରା, ଚନ୍ଦନ ପଲେଇ, ବୁଲୁ ମହାରଣା ଏବଂ ରାଜୁ ବେହେରା । ଏହି ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ଜଳଲାଗି କରିଥିଲେ । ସେହିପରି ବାଣପୁର ଅଞ୍ଚଳର ଧରମା ଘଡେଇ ଭେଟିନାଥ ଦେବଙ୍କ ପୀଠରେ ଜଳ ଲାଗି କରିଛନ୍ତି । ସୋମବାର ସକାଳେ ଏଠାରେ ଆସି ପହଞ୍ଚିବା ପରେ ଅଞ୍ଚଳ ବାସୀ ସେମାନଙ୍କୁ ସଂକୀର୍ତନ ସହ ପାଛୋଟି ନେଇ ମନ୍ଦିରରେ ପହଞ୍ଚିଥିଲେ । ଗତ ଜୁନ ମାସ ୨୩ ତାରିଖରେ ସେମାନେ ଗଙ୍ଗୋତ୍ରୀରୁ ଜଳ ଭାର ଉଠାଇଥିଲେ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଛତିଶଗଡ଼ ରାଜ୍ୟ ଅତିକ୍ରମ ପରେ ଓଡିଶାର ସୁନ୍ଦରଗଡ଼, ଝାରସୁଗୁଡା,ସମ୍ବଲପୁର, ନୟାଗଡ଼ ଦେଇ ଦୀର୍ଘ ୨୧ଶହ କିଲୋମିଟର ରାସ୍ତାକୁ ସେମାନଙ୍କୁ ୬୮ ଦିନ ସମୟ ଲାଗିଲା ବୋଲି କହିଛନ୍ତି । ମଧ୍ୟ ପ୍ରଦେଶ ଏବଂ ଛତିଶ ଗଡ଼ରେ ବନ୍ୟାଯୋଗୁଁ ଅଧିକାଂଶ ନଈରେ ସେମାନଙ୍କୁ ଡ଼ଙ୍ଗାରେ ପାର ହେବାକୁ ପଡିଥିଲା । ଘଞ୍ଚ ଜଙ୍ଗଲ ଏବଂ ଦୁର୍ଗମ ରାସ୍ତା ଦେଇ ଅତିକ୍ରମ ବେଳେ ହାତୀ ଭୟ ମଧ ରହୁଥିଲା । ଏପରିକି ୨୦ ଦିନ କୌଣସି ଖାଦ୍ୟ ନ ପାଇ କେବଳ ପାଣି ପିଇ ଦୁର୍ଗମ ଅଞ୍ଚଳରେ ଯାତ୍ରା କରିଥିବା ବେଳେ ବାବାଙ୍କ ନିକଟରେ ପହଞ୍ଚିବା ଲକ୍ଷ ଏବଂ ବାବାଙ୍କ ଆଶୀର୍ବାଦରୁ ବିଳମ୍ବ ହେଲେ ମଧ ଭଲରେ ଆସି ପହଞ୍ଚିଛନ୍ତି ବୋଲି କାଉଡିଆମାନେ କହିଛନ୍ତି ।

## ସାମ୍ବାଦିକଙ୍କ ମାତୃବିୟୋଗ: ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ

ନିରାକାରପୁର, (ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ବରିଷ୍ଠ ସମାଜସେବୀ ତଥା ସାମ୍ବାଦିକ ହିମାଂଶୁ ଭୁଷଣ ଚମ୍ପତିରାୟଙ୍କ ମାତା ସରୋଜିନୀ ଚମ୍ପତିରାୟ(୮୦)ଙ୍କର ପରଲୋକ ଘଟିଛି । ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ଅପରାହ୍ନରେ ତାଙ୍କର ବିୟୋଗ



ଘଟିଥିଲା । ସ୍ୱର୍ଗତ ଚମ୍ପତିରାୟ ଜଣେ ଅତ୍ୟନ୍ତ ସରଳ, ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ । ତାଙ୍କ ଅମାୟିକ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ରୀ ହୋଇପାରିଥିଲେ ।ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ଶେଷ ଶଯ୍ୟା ନିକଟରେ ସ୍ୱାମୀ ବେଣୁଧର ଚମ୍ପତିରାୟ, ଜ୍ୟେଷ୍ଠ ପୁତ୍ର ସୁଧାଂଶୁ ଭୁଷଣ ଚମ୍ପତିରାୟ, ମଧ୍ୟମ ପୁତ୍ର ସାମ୍ବାଦିକ ହିମାଂଶୁ ଭୁଷଣ ଚମ୍ପତିରାୟ, କନିଷ୍ଠ ପୁତ୍ର ସାମ୍ବାଦିକ ଶୁଭ୍ରାଂଶୁ ଭୂଷଣ ଚମ୍ପତିରାୟ, କନ୍ୟା, ଜାମାତା, ପୁତ୍ରବଧୂ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ଏକ ଶୋଭାଯାତ୍ରାରେ ତାଙ୍କର ଅନ୍ତିମ ଯାତ୍ରା ସଂପନ୍ନ କରାଯାଇ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା । ତାଙ୍କ ଶେଷ ଦର୍ଶନ ପାଇଁ ଅଞ୍ଚଳର ବହୁ ସାମ୍ବାଦିକ ବନ୍ଧୁ, ସଖା ସଂଘ କ୍ରୀଡା ସଂସଦର ସଭ୍ୟ, ରାମ ଦୟା ପରିଷଦର ସଭ୍ୟ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ଚୋରା ନିଶା କାରବାର ବନ୍ଦ ନହେଲେ ଆନ୍ଦୋଳନ କରିବ ମହିଳାସଂଘ

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଥାନା ଅଂଚଳରେ ଦିନକୁ ଦିନ ବୃଦ୍ଧି ପାଉଛି ଅବାଧ ଚୋରା ନିଶାକାରବାର । ସ୍ଥାନୀୟ ପୋଲିସ ହେଉକି ଅବକାରୀ ବିଭାଗକୁ ଖାତିରି ନକରି ତାଙ୍କର କଳା ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ସୁଧା ପୋଲିସ ହାତ ଖାଲି ପଡିଛି । ଡେଲାଙ୍ଗ ଥାନା ଅଧିନସ୍ଥ ଗଡମୋଟରୀ ଗ୍ରାମପଞ୍ଚାୟତ ଅର୍ନ୍ତଗତ ଗଣ୍ଡପଡା ଗ୍ରାମର ବିଭିନ୍ନ ସ୍ଥାନରେ ଚୋରା ନିଶାକାରବାର ବୃଦ୍ଧିପାଇବା ସହ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ନୁଆସାହୀ ଛକରେ ଚୋରା ମଦ, ଗଞ୍ଜେଇ , ଭାଙ୍ଗ ଆଦି ଦିବାଲୋକରେ ବିକ୍ରି କରାଯାଉଥିବା ହେତୁ ସାହି ମାନଙ୍କରେ ସନ୍ଧ୍ୟା ସମୟରେ ପ୍ରତ୍ୟକ ଦିନ ଗଣ୍ଡଗୋଳ,ମାରପିଟ,ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ ନିତି ଦିନିଆ ଘଟଣାରେ ପରିଣତି ହୋଇଥିବା ମହିଳା ସଂଘ ଅଭିଯୋଗ କରିଛି । ଏହି ଚୋରା ନିଶାକାରବାର ପାଇଁ ପିଲାମାନେ ପାଠପଢି ପାରୁ ନାହାଁନ୍ତି । ଗାଁରେ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି । ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରି ଗଣ୍ଡପଡା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଥାନାରେ ଅଭିଯୋଗ କରିଛନ୍ତି । ଚୋରା ନିଶାକାରବାର ବନ୍ଦ କରିବା ସହ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା କୁ ଦାବୀ କରି ୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗାଦିବ୍ରହ୍ମ,ମା ମଙ୍ଗଳା,ମା ବାଟମଙ୍ଗଳା ଓ ମା କାଳିକା ଗୋଷ୍ଠୀ ପକ୍ଷରୁ ପୁରୀ ଜିଲ୍ଲା ସିପିଆଇ(ଏମଏଲ) ସମ୍ପାଦକ ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଭ୍ୟ କୈଳାସ ବେହେରା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସରସ୍ୱତୀ ବେହେରା, ଟିକିନା ବେହେରା , ଲତା ବେହେରା, ଅନିତା ବେହେରା,



ମିଲି ବେହେରା , ବାସନ୍ତି ବେହେରା, ସଞ୍ଜୁ ବେହେରା ପ୍ରମୁଖ ଡେଲାଙ୍ଗ ଥାନାରେ ପହଂଚି ଥାନା ଅଧିକାରୀଙ୍କ ଅନୁପସ୍ଥିତିରେ ଏସଆଇ ସୁଧାଂଶୁ ବାରିକଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଯଦି ଚୋରା ନିଶାକାରବାର ବନ୍ଦ ସହ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନହୁଏ ତାହାଲେ ୭ ଦିନ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

କୋଣାର୍କ ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ ଏନଏସି ପକ୍ଷରୁ ସୋମବାର ପୂର୍ବାହ୍ନ ସମୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ କୋଣାର୍କ ଏନଏସି କାର୍ଯ୍ୟାଳୟ ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଥିବା ଶାରିରୀକ ଭିନ୍ନକ୍ଷମ, ଅସହାୟ ବୃଦ୍ଧ ଓ ବୃଦ୍ଧା ଫଳ ବଣ୍ଟନ କରାଯାଇଥିଲା ।ପରେ ପରେ ଚନ୍ଦ୍ରଭାଗା ସ୍ଥିତ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କୋଣାର୍କ ଏନଏସି କାର୍ଯ୍ୟାଳୟ ପଡିଆ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ କୋଣାର୍କ ଏନଏସିର ସାମଗ୍ରିକ ବିକାଶ ପାଇଁ ସାମୁହିକ ପ୍ରୟାସ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିବା ସହ କୋଣାର୍କ କୁ ଏକ ନମ୍ବର ଏନଏସି ଭାବେ ଗଢି ତୋଳିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଉନ୍ନୟନ ପ୍ରକଳ୍ପ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାଉନସିଲର ସୌମ୍ୟ ସୌରଭ ଦାଶ, ନିହାର ରଞ୍ଜନ ବେଉରା, ସମୟ ରଂଜନ ସାହୁ, ବିଷ୍ଣୁପ୍ରିୟା ନାୟକ, ବିଶମ୍ବର ବିଶ୍ୱାଳ, ଦିଲ୍ଲୀପ ଦାସ ଓ ସ୍ୱପ୍ନା ଗୋଛାୟତଙ୍କ ସମେତ ସମସ୍ତ କାଉନସିଲରମାନେ ଉପସ୍ଥିତ ରହି ଏହି ଦିବସର ମୁଖ୍ୟ ଲକ୍ଷ୍ୟ ଓ ନିଜ ନିଜ ଓ୍ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଅବଦାନ ପାଇଁ ସଫେଇ କର୍ମଚାରୀ ଓ ସ୍ୱଚ୍ଛ ସାଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାମକୃଷ୍ଣ ମହାନ୍ତି ସଂଯୋଜନା କରିଥିବା ବେଳେ ଭାଗୀରଥୀ ବରାଳଙ୍କ ସମେତ ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

## ନୂଆ ଏମଜି ହେକ୍ଟରର ଟୋମାହକ୍ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଜେଏସଡବ୍ଲ୍ୟୁ ଏମ୍ଜି ମୋଟର ଇଣ୍ଡିଆ ପକ୍ଷରୁ ନୂଆ ହେକ୍ଟର ଟୋମାହକ୍ର ଉନ୍ମୋଚନ କରାଯାଇଛି, ଏହା ହେଉଛି କମ୍ପାନୀର ନୂତନ ଆଡ୍ଭାନ୍ସଡ ଡ୍ରାଇଭ ଆର୍କିଟେକ୍ଚର ପ୍ଲାଟଫର୍ମ ଟେକ୍ନୋଲୋଜି ଏବଂ ଭାରତର ପ୍ରଥମ ମଲ୍ଟି-ନ୍ୟୁ ଏନର୍ଜି ଭେଇକିଲ (ଏନଇଭି) ପ୍ଲାଟଫର୍ମ 'ଆଡାପ୍ଟ (ଏଡିଏପିଟି)' ଉପରେ ନିର୍ମିତ ପ୍ରଥମ ଉତ୍ପାଦ ` ଏମ୍ଜି ହେକ୍ଟର ଟୋମାହକ୍ ଇଭି ୬ଟି ଆକର୍ଷଣୀୟ ସିଙ୍ଗଲ ଟୋନ୍ କଲର: ପର୍ଲ ହ୍ୱାଇଟ, ଷ୍ଟାରୀ ବ୍ଲାକ୍, ଅରୋରା ସିଲ୍ଭର, ସେଲାଡନ ବ୍ଲୁ, ସ୍ୟାଡୋ ଗୋଲ୍ଡ ଓ ଖାକି ଗ୍ରୀନରେ ଉପଲବ୍ଧ ହେବ । ହେକ୍ଟର ଟୋମାହକ୍ ଇଭି ଉଭୟ ୫- ଓ ୭-ସିଟର କନ୍ଫିଗରେଶନରେ ଉପଲବ୍ଧ ହେଉଥିବା ବେଳେ ପିଏଚଇଭି ସ୍ୱତନ୍ତ୍ର ଭାବେ ୭-ସିଟରରେ ଉପଲବ୍ଧ ହେବ । ଏମଜି ହେକ୍ଟର ଟୋମାହକ୍ ଇଭି ଏବଂ ଏମ୍ଜି ହେକ୍ଟର ଟୋମାହକ୍ ପିଏଚଇଭି ପାଇଁ ବୁକିଂ ଏବେ ଭାରତବ୍ୟାପୀ ଏମ୍ଜି ଡିଲରସିପରେ ଏବଂ କମ୍ପାନୀର ୱେବସାଇଟରେ ଖୋଲା ରହିଛି । ଏମ୍ଜି ହେକ୍ଟର ଟୋମାହକ୍ ପିଏଚଇଭି ପାଇଁ ଟେଷ୍ଟ ଡ୍ରାଇଭ ଓ ଡେଲିଭରି ନଭେମ୍ବର ୨୦୨୬ରୁ ଆରମ୍ଭ ହେବ । ଏହି ଲଂଚ୍ ସମ୍ପର୍କରେ ଜେଏସଡବ୍ଲ୍ୟୁ ଏମ୍ଜି ମୋଟର ଇଣ୍ଡିଆର ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ କହିଛନ୍ତି, "ହେକ୍ଟର ଟୋମାହକ୍ ଭାରତରେ ଏକ ସ୍ଥାୟୀ ମୋବିଲିଟି ଇକୋସିଷ୍ଟମ ନିର୍ମାଣ କରିବା ଦିଗରେ ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି । ହେକ୍ଟର ଟୋମାହକ୍ ଇଭି ଏବଂ ଭାରତର ପ୍ରଥମ ପ୍ଲଗ୍ ଇନ୍ ହାଇବ୍ରିଡ ଇଲେକ୍ଟ୍ରିକ ଭେଇକିଲ (ପିଏଚଇଭି) ହେକ୍ଟର ଟୋମାହକ୍ ପିଏଚଇଭିର ଶୁଭାରମ୍ଭ, ବିକଶିତ ଗ୍ରାହକ ଆବଶ୍ୟକତା ଓ ଚାଳନା ଶୈଳୀକୁ ପୂରଣ କରୁଥିବା ନୂତନ ଯୁଗର ଯାତାୟତ ସମାଧାନର ଏକ ବିବିଧ ପୋର୍ଟଫୋଲିଓ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି

## ଆଇଆଇସିଙ୍କୁ ଭଏଏସ ଅଫ ମିଡିଆର ସ୍ୱାଗତ ସମ୍ବର୍ଦ୍ଧନା

ବୋଲଗଡ଼,(ସବ୍ୟୁ):କୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନାରେ ନୂତନ ଆଇଆଇସି କାହ୍ନୁ ଚରଣ ସ୍ୱାଇଁଙ୍କ ବୋଲଗଡ଼ ବ୍ଲକ ଶାଖା ଭଏଏସ ଅଫ ମିଡିଆ ପକ୍ଷରୁ ଫୁଲତୋଡା ଦେଇ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ।ଏହି ସ୍ୱାଗତ ସମ୍ବର୍ଦ୍ଧନା ପର୍ବରେ ସଂଘ ସଭାପତି ନିରଞ୍ଜନ ନାୟକ,ଦେବ୍ରତ ହୋତା,ଗଙ୍ଗାଧର ଦାଶ,ଦୀପକ କୁମର ପାହାଡ଼ସିଂହ,



ପ୍ରଫୁଲ୍ଲ କୁମାର ସିଂହ,ଅବଦୁଲ ଖଲିକ ଖାଁନ,ନିରଞ୍ଜନ ସେଠୀ,ସୁଶାନ୍ତ ପ୍ରଧାନ ଓ ଯଦୁନାଥ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ । ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅତିବ ଜରୁରୀ ରହିଛି ।ଅପରପକ୍ଷେ ପୋଲିସ ସର୍ବଦା ଜନତାର ନିକଟତର ଓ ଜନତା ପୋଲିସକୁ ସହଯୋଗ ଅପରି ହାର୍ଯ୍ୟ ସହିତ ସାମ୍ବାଦିକ ଓ ପୋଲିସ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ବୋଲି ନୂତନ ଥାନା ଅଧିକାରୀ ଶ୍ରୀସ୍ୱାଇଁ ଗଣମାଧ୍ୟମକୁ କହିଥିଲେ ।

## ନେକ୍ସସ ହେଲ୍ପ ଫାଉଣ୍ଡେସନର ବୃକ୍ଷ ରୋପଣ

ପିପିଲି,(ସବ୍ୟୁ): ପିପିଲି ଏନଏସି ଅନ୍ତର୍ଗତ ଜୟପୁର ଶାସନ ଗ୍ରାମରେ ମା ପୋଡେଇଶୁଣି ମନ୍ଦିର ଚାରିପାଖରେ ନେକ୍ସ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ମାର୍ଗଦର୍ଶକ ସସ୍ମିତା ଦାଶଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିବା ବେଳେ ବୃକ୍ଷ ହିଁ ଜୀବନ, ବୃକ୍ଷ ଲଗାଅ ଜୀବନ ବଞ୍ଚାଅ ଆଦି ସ୍ଲୋଗାନ ଦେଇ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବୃକ୍ଷ ଲଗାଇବା ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ । ନେକ୍ସସ ହେଲ୍ପ ଫାଉଣ୍ଡେସନର ସଭାପତି ସୁବ୍ରତ ମଲ୍ଲିକ, ସ୍ମୃତି ରଞ୍ଜନ ଦାସ, ରସ୍ମିତା ଦାସ, ନିର୍ମଳ କୃଷ୍ଣ ମହାନ୍ତି ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

## ସମ୍ପାଦକୀୟ



# ଜଳବାୟୁ ପରିବର୍ତ୍ତନର ପ୍ରଭାବ

ଏବେ ନେପାଳରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଘଟି ଅଭୁତପୂର୍ବ ବନ୍ୟା ଓ ବିପତ୍ତି ଘଟିଛି, ତାହା ଯେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଏଥିରେ ସନ୍ଦେହ ନାହିଁ । ଅତୀତକୁ ଅନୁଧ୍ୟାନ କଲେ ଜଣା ଯାଇଥାଏ ଯେ ଏପରି ବିପତ୍ତି ଭାରତର ବିଭିନ୍ନ ଅଞ୍ଚଳରେ ବିଭୀଷିକା ସୃଷ୍ଟି କରିଥିଲା । ଗତ ପାଞ୍ଚ ବର୍ଷ ତଳେ ଉତ୍ତରାଖଣ୍ଡର ଚାମୋଲି ଉପତ୍ୟକାରେ ଏବଂ ତା' ପୂର୍ବରୁ କେଦାରନାଥରେ ୨୦୧୩ ମସିହାରେ ମଧ୍ୟ ଅନୁରୂପ ବିଭୀଷିକା ଭାରତରେ ଘଟିଥିଲା । ଅକସ୍ମାତ ଜଳ ମାଡ଼ି ଆସିବା ଓ ଘରଦ୍ୱାର ସମେତ ପୋଲ ପ୍ରଭୃତିକୁ ଭାଙ୍ଗିଦେଇ ବିସ୍ତୃତ ଅଞ୍ଚଳକୁ ଜଳପ୍ଲାବିତ କରିବା କିଛି ନୂଆ ଘଟଣା ନୁହେଁ, 'ହିମାଳୟ ପର୍ବତ ଓ ଜଳବାୟୁ ପରିବର୍ତ୍ତନ' ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି । ନେପାଳରେ ଅବସ୍ଥାପିତ ଭୂତଳ ଜଳ ବିଶେଷଜ୍ଞ ଶେର ମହମ୍ମଦଙ୍କୁ ଏ ବିଷୟରେ ପଚରାଯିବାରୁ ସେ କହିଛନ୍ତି ଯେ ସେଟେଲାଇଟର ଫଟୋଚିତ୍ରରୁ ଜଣାଯାଇଛି ଯେ ପାର୍ବତ୍ୟାଞ୍ଚଳରୁ,ବରଫାବୃତ ଝରରୁ ପଥର ଓ ବରଫ ଅତଡା ଖସି ପଡ଼ିବାରୁ ଏପରି ବିପର୍ଯ୍ୟୟ ଘଟି ପ୍ରାୟ ୨୫ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିଲା । ଏ ବିଷୟରେ ସେଠାରେ ଅଧିକରୁ ଅଧିକ ଅନୁସନ୍ଧାନ ଚାଲିଛି ।

**ଜଳବାୟୁ ପରିବର୍ତ୍ତନ ପ୍ରଭାବର ନିରାକରଣ ସକାଶେ ଓଡ଼ିଶା ସରକାର ଏକ କ୍ରିୟାନ୍ୱୟନ ଯୋଜନା କରି ୨ ଲକ୍ଷ ୪୫ ହଜାର କୋଟି ଟଙ୍କାର ବ୍ୟୟବରାଦ ପୂର୍ବ ବଜେଟରେ ରଖିଥିଲେ । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ୨୦୨୧ରୁ ୨୦୩୦ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ ଓଡ଼ିଶା ସରକାର କ୍ଲାଇମେଟ ବଜେଟ ଭାବେ କରିବାକୁ ଯାଉଛନ୍ତି ସେଥିପାଇଁ ୫, ୩୭୫ କୋଟି ଟଙ୍କାର ବ୍ୟୟବରାଦ ଚଳିତ ବଜେଟରେ କରାଯାଇଥିବା ଜଣାଯାଇଛି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି ।**

ଜଳବାୟୁ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ ମଧ୍ୟ ମହାବାତ୍ୟା ଫନୀ, ଫାଇଲିନ ପ୍ରଭୃତିର ପ୍ରକୋପ ଆମେମାନେ ଅନୁଭବ କରି ଆସିଛୁ । କିଛି ବର୍ଷ ତଳେ ଏ ଲେଖକର 'ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଓଡ଼ିଶା' ଶୀର୍ଷକରେ ଏକ ଲେଖା ଭାରତ ସରକାରଙ୍କର 'ଯୋଜନା' ପତ୍ରିକାର ୨୦୦୮ ମସିହା ଜୁନ୍ ୮ ତାରିଖରେ ପ୍ରକାଶିତ ହୋଇଥିଲା । ସେଥିରେ ଏ ଲେଖକ ଉଲ୍ଲେଖ କରିଥିଲା ଯେ ବୈଜ୍ଞାନିକମାନେ କରିଥିବା ଏକ ଅନୁଧ୍ୟାନରୁ ଜଣା ଯାଇଥିଲା ଯେ ଓଡ଼ିଶାରେ ବର୍ଷକୁ ୪୦ ଟନ୍ ଓଜନର ଅଙ୍ଗାରକାମ୍ଳ (Carbone Dioxide ) ବାୟୁମଣ୍ଡଳକୁ ନିର୍ଗତ କରା ଯାଇଥିଲା । ତେଣୁ ବିଶ୍ୱ ଉତ୍ତପ୍ତୀକରଣ ପ୍ରକ୍ରିୟା ସହିତ ତାଳଦେଇ ଜଳବାୟୁଜନିତ ଏହାର ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହେଉଛି ବୋଲି ସେହି ଲେଖାରେ ବୈଜ୍ଞାନିକମାନଙ୍କ ମତକୁ ଉଦ୍ଧାର କରି ଲେଖା ଯାଇଥିଲା । ଅନୁଧ୍ୟାନରୁ ଏବେ ଜଣାଯାଇଛି ଯେ ଓଡ଼ିଶା ହାରାହାରି ୩୦୫ ଦଶମିକ ୨ ନିୟୁତ ମେଟ୍ରିକ ଟନ୍‌ର ଅଙ୍ଗାରକାମ୍ଳ ବର୍ଷକୁ ବାୟୁମଣ୍ଡଳକୁ ନିର୍ଗତ କରୁଛି । ଏହା ଭାରତରେ ଦ୍ୱିତୀୟ ବୃହତ ରାଜ୍ୟ ଯିଏ ସବୁଜ ଗୃହ ଗ୍ୟାସ ସମୂହ (Green House Gases)ବାୟୁ ମଣ୍ଡଳକୁ ନିର୍ଗତ କରିଥାଏ ।

ଜଳବାୟୁ ପରିବର୍ତ୍ତନ ପ୍ରଭାବର ନିରାକରଣ ସକାଶେ ଓଡ଼ିଶା ସରକାର ଏକ କ୍ରିୟାନ୍ୱୟନ ଯୋଜନା କରି ୨ ଲକ୍ଷ ୪୫ ହଜାର କୋଟି ଟଙ୍କାର ବ୍ୟୟବରାଦ ପୂର୍ବ ବଜେଟରେ ରଖିଥିଲେ । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ୨୦୨୧ରୁ ୨୦୩୦ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ ଓଡ଼ିଶା ସରକାର କ୍ଲାଇମେଟ ବଜେଟ ଭାବେ କରିବାକୁ ଯାଉଛନ୍ତି ସେଥିପାଇଁ ୫, ୩୭୫ କୋଟି ଟଙ୍କାର ବ୍ୟୟବରାଦ ଚଳିତ ବଜେଟରେ କରାଯାଇଥିବା ଜଣାଯାଇଛି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଗ୍ରିଷ୍ଟାକ୍ : ଡିଜିଟାଲ୍ ଦୃଷ୍ଟିକୋଣ ଓ ବାସ୍ତବ ଚିତ୍ର



**ଡଃ.ଅଜିତ କୁମାର ମିଶ୍ର**

ଚାଷୀ ଖୁସି ତ ପରିବାର ଖୁସି, ପରିବାର ଖୁସି ତ ରାଜ୍ୟ ଖୁସି, ରାଜ୍ୟ ଖୁସି ତ ଦେଶ ଖୁସି । ଚାଷୀ ଦେଶର ଭବିଷ୍ୟତ ଏବଂ ମେରୁଦଣ୍ଡ । ଦେଶର ଅର୍ଥନୀତିରେ ରହିଛି ସେମାନଙ୍କର ପ୍ରମୁଖ ଅବଦାନ । ମାଟି କାଦୁଅରେ ଏଇ ଧୂଳି ଧୂସରିତ ମଣିଷ ନିଜର ଝାଳ ବୁହାଇ, ଶ୍ରମ ଦାନ କରି ଉତ୍ପାଦନ କରେ ଫସଲ । ଆମ ଦେଶର ଦେଢ଼ ଶହ କୋଟି ମଣିଷ ମୁହଁରେ ଦିଏ ଖାଦ୍ୟ ଓ ପୋଷଣ । ଅନ୍ତତଃ ସେମାନଙ୍କୁ ଦିଆଯାଉଥିବା ସରକାରୀ ପ୍ରୋତ୍ସାହନର ସରଳୀକରଣ ହେଲେ ସେମାନେ ହେବେ ଉପକୃତ ହେବେ । ସେମାନଙ୍କର ଖୁସି କୃଷିର ମାନ ବୃଦ୍ଧି କରେ ।

ଆଗ୍ରିଷ୍ଟାକ୍ ଭାରତର କୃଷି କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଭାବେ ଆଗକୁ ବଢୁଛି ବୋଲି ପ୍ରଚାର କରାଯାଉଛି–ଯାହାକୁ ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ ଡିଜିଟାଲ୍ ପରିଚୟପତ୍ର ବୋଲି କୁହାଯାଇ ପାରେ । ଓଡ଼ିଶାରେ ୭ ସେପ୍ଟେମ୍ବର ୨୦୨୬ ମଧ୍ୟରେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି, ଯାହା ଖରିଫ୍ ୨୦୨୬ ଧାନ କ୍ରୟ ଏବଂ ନିଜ ଜମିର ଉତ୍ପାଦ ବିକ୍ରୟ ପାଇଁ ଆବଶ୍ୟକ ବୋଲି କୁହାଯାଉଛି । କାଗଜରେ ଏହାର ଗଠନ ଅତ୍ୟନ୍ତ ଆକର୍ଷଣୀୟ । ଏହି ବ୍ୟବସ୍ଥାରେ ଆଧାର ଭଳି ଚାଷୀ ପଞ୍ଜୀକରଣ, ଆଖି ସ୍କାନିଂ, ଜିଓ-ରେଫରେନ୍ସ ଗ୍ରାମ ମାନଚିତ୍ର, କୃଷି ଜମିର ଡିଜିଟାଲ୍ ତଥ୍ୟ, ସ୍ଥାନଭିତ୍ତିକ କୃଷି ସେବା ଏବଂ ଅଞ୍ଚଳଭିତ୍ତିକ ଫସଲ ତଥ୍ୟ ରଖାଯିବ । ସମସ୍ତ ପ୍ରକ୍ରିୟା ସମାପ୍ତ ହେଲେ ଚାଷୀଙ୍କୁ ଏକ ୧୧ ଅଙ୍କ ବିଶିଷ୍ଟ ଚାଷୀ ପରିଚୟପତ୍ର ମିଳିବ ।

ଓଡ଼ିଶା ଗସ୍ତ ସମୟରେ ବିଲ୍ ଗେଟ୍ସ ମଧ୍ୟ ଏକ ଏପରି ଗତିଶୀଳ କୃଷି ପରିବେଶର ଚିତ୍ର ଦେଇଥିଲେ, ଯେଉଁଠାରେ ଚାଷୀଙ୍କୁ ଫସଲର ରୋଗ, ପାଣିପାଗ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟ, ବଜାର ମୂଲ୍ୟ ଏବଂ କୃଷି ପରାମର୍ଶ ସମ୍ପର୍କରେ ସମୟୋପଯୋଗୀ ସୂଚନା ମିଳିପାରିବ । ସିଦ୍ଧାନ୍ତଗତ ଭାବେ ଏହା ଚାଷୀଙ୍କୁ ଭଲ ନିଷ୍ପତ୍ତି ନେବାରେ ସକ୍ଷମ କରିବ, ସହଜରେ ଋଣ ଓ ବୀମା ପାଇବାର ସୁଯୋଗ ଦେବ, ମଧ୍ୟସ୍ଥଙ୍କ ଭୂମିକା କମାଇ ସିଧାସଳଖ ବଜାର ଓ କ୍ରେତାଙ୍କ ସହିତ ଯୋଡ଼ିବ । ଏହା ସହିତ ସବ୍‌ସିଡି, ବିହନ, ସାର ଏବଂ ଜଳସେଚନ ସୁବିଧା ଭଳି ସରକାରୀ ସହାୟତା ମଧ୍ୟ କମ୍ କାଗଜପତ୍ରରେ ସହଜରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି ।

**କ୍ଷେତ୍ରସ୍ତରୀୟ ଅନୁଭୂତି:** କଳାହାଣ୍ଡିର ବାସ୍ତବ ଚିତ୍ର କିନ୍ତୁ ଅନ୍ୟ ପ୍ରକାରର କଥା କୁହେ । ସମ୍ପ୍ରତି କଳାହାଣ୍ଡି ଗସ୍ତ ସମୟରେ ମୁଁ ଆମ ଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି (PACS) ଠାରେ ଚାଷୀଙ୍କ ପଞ୍ଜୀକରଣ କରିବା ପାଇଁ ପହଞ୍ଚିଥିଲି । PACS କୁ ପଞ୍ଜୀକରଣର ନିର୍ଦ୍ଦିଷ୍ଟ କେନ୍ଦ୍ର ଭାବେ ରଖାଯାଇଛି । ଏଠାରେ ଚାଷୀଙ୍କୁ ମୌଜା, ଖାତା ନମ୍ବର, ପ୍ଲଟ୍ ନମ୍ବର, କିସମ୍, ROR/Bhulekhଅନୁସାରେ ଜମିର ଠିକ୍ ପରିମାଣ ଏବଂ ଆଧାର ସଂଯୋଗ ଭଳି ବିଭିନ୍ନ ତଥ୍ୟ ଦେବାକୁ ପଡୁଛି । କିନ୍ତୁ ମୁଁ ଯାହା ଦେଖିଲି, ତାହା ଅତ୍ୟନ୍ତ ଚିନ୍ତାଜନକ । ସମୟସୀମା ପାଖେଇ ଆସୁଥିବାରୁ ଶହ ଶହ ଚାଷୀ ପଞ୍ଜୀକରଣ ପାଇଁ ଏକାଠି ହୋଇଥିଲେ, କିନ୍ତୁ ସର୍ଭର ଅତ୍ୟନ୍ତ ଧୀର ଥିବାରୁ ଅଧିକାଂଶ ଚାଷୀ ପଞ୍ଜୀକରଣ ନକରି ଫେରିବାକୁ ବାଧ୍ୟ ହେଉଥିଲେ । ପ୍ରକ୍ରିୟାଟି ମଧ୍ୟ ଚାଷୀ-ବନ୍ଧୁ ନୁହେଁ । ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ମୋ ନିଜ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପ୍ରାୟ ତିନି ଦିନ ସମୟ ଦେବାକୁ ପଡ଼ିଥିଲା ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶାର PACS ଗୁଡ଼ିକର ଭିତ୍ତିଭୂମି, ଲଜିଷ୍ଟିକ୍ସ ଏବଂ ମାନବ ସମ୍ବଳରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିଲା,କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମୟରେ ସଂସ୍ଥାଗୁଡ଼ିକ ପ୍ରସ୍ତୁତ ଅଛନ୍ତି ଅଥଚ ସିଷ୍ଟମର ଅତ୍ୟଧିକ ଲୋଡ୍ ଏବଂ ଡିଜାଇନ୍ ସେମାନଙ୍କ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରିବା ସହିତ ଏହାର ଯଥୋଚିତ ପରିଚାଳନା ଓ ପୋଷଣୀୟର ଯଥେଷ୍ଟ ଅଭାବ ପରିଲକ୍ଷିତ ହେଉଛି ।

ଆଗ୍ରିଷ୍ଟାକ୍କୁ ସଫଳ କରିବାକୁ ହେଲେ ଅନ୍ତତଃ ନିମ୍ନଲିଖିତ ଛଅଗୋଟି ଗୁରୁତର ସମସ୍ୟାର ତୁରନ୍ତ ସମାଧାନ ଆବଶ୍ୟକ ।

**୧) ଗୋପନୀୟତା ଏବଂ କର୍ପୋରେଟ୍ ନିୟନ୍ତ୍ରଣ:–**ଚାଷୀଙ୍କ ବ୍ୟକ୍ତିଗତ ତଥ୍ୟ, ଜମି ଏବଂ ଫସଲ ସମ୍ପର୍କିତ ସୂକ୍ଷ୍ମ ତଥ୍ୟ ସଂଗ୍ରହ ଓ ଏକତ୍ରୀକରଣ ଅତ୍ୟନ୍ତ ସମୟସାପେକ୍ଷ । ଏହା ସହିତ ଗୋପନୀୟତାକୁ ନେଇ ମଧ୍ୟ ଯୁକ୍ତିସଙ୍ଗତ ପ୍ରକଟ କରାଯାଇଛି । ଚାଷୀମାନଙ୍କ ସହ ଆଲୋଚନା ସମୟରେ ପରିଲକ୍ଷିତ ହେଲା ଯେ ସାମୂହିକ ଭାବରେ ସେମାନଙ୍କ ମନରେ ଭୟ ଜାଗ୍ରତ ହେଉଛି–ମାନକୀକୃତ ଡିଜିଟାଲ୍ ଜମି, ଫସଲ ଓ ପରିଚୟ ତଥ୍ୟ ଯଦି ବେସରକାରୀ କୃଷି-ଟେକ୍ କମ୍ପାନୀ କିମ୍ବା କର୍ପୋରେଟ୍ ସଂସ୍ଥାଙ୍କ ପାଖରେ ପହଞ୍ଚେ, ତେବେ ସେମାନେ ନିଜସ୍ୱ ସ୍ୱାର୍ଥ ପାଇଁ ଏହାର ବ୍ୟବହାର କରିପାରନ୍ତି । ଏପରି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ କ୍ଷୁଦ୍ର ଓ ସୀମାନ୍ତ ଚାଷୀ ଏବଂ ଭାଗଚାଷୀ ।

**୨) ସବୁଠାରୁ ଦୁର୍ବଳ ଚାଷୀଙ୍କ ବାଦ ପଡ଼ିବା:–**ବର୍ତ୍ତମାନର ଆଗ୍ରିଷ୍ଟାକ୍ ବ୍ୟବସ୍ଥା ମୁଖ୍ୟତଃ ଜମି ମାଲିକାନା ରେକର୍ଡକୁ କେନ୍ଦ୍ର କରିଛି । ଫଳରେ ଜମିର ମାଲିକ ନହୋଇ ଚାଷ କରୁଥିବା ଭଡ଼ାଚାଷୀ, ଭାଗଚାଷୀ ଏବଂ କୃଷି ଶ୍ରମିକମାନେ ବାଦ ପଡ଼ିବାର ଆଶଙ୍କା ରହିଛି । ଏହା ଆଗାମୀ ଦିନରେ ଚାଷୀ ଅସନ୍ତୋଷର ମୁଖ୍ୟ କାରଣ ହୋଇପାରେ । ଭବିଷ୍ୟତର ପର୍ଯ୍ୟାୟ କ୍ରମେ ସେମାନଙ୍କୁ ସାମିଲ କରାଯିବ ବୋଲି କୁହାଯାଇପାରେ । ଆରମ୍ଭରୁ ସମାବେଶୀ ବିକାଶର ମୂଳ ନୀତିକୁ ଦୁର୍ବଳ କରିଦେବାର ଯଥେଷ୍ଟ ସମ୍ଭାବନା ଅଛି ।

**୩) ଡିଜିଟାଲ୍ ବ୍ୟବଧାନ ଏକ ବାସ୍ତବ ସମସ୍ୟା:–**ଗ୍ରାମାଞ୍ଚଳରେ ଡିଜିଟାଲ୍ ଜ୍ଞାନର ଅଭାବ ଏବଂ ଅସ୍ଥିର ଇଣ୍ଟରନେଟ୍ ସଂଯୋଗ କୌଣସି ଛୋଟ ସମସ୍ୟା ନୁହେଁ, ବରଂ ଏହା ସବୁଠାରୁ ବଡ଼ ବାଧା ମଧ୍ୟରୁ ଗୋଟିଏ । PACS କେନ୍ଦ୍ରଗୁଡ଼ିକରେ ଭିଡ଼ ବଢୁଛି, ଅପରେଟରମାନଙ୍କ ଉପରେ କାମର ଚାପ ବଢୁଛି ଏବଂ ସର୍ଭର ଡାଉନ୍ ହେଲେ ଚାଷୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଦିନର ମଜୁରି ହରାଇବାକୁ ପଡୁଛି । ଦୁର୍ବଳ ଡିଜିଟାଲ୍ ଭିତ୍ତିଭୂମି ଉପରେ ଏକ ଡିଜିଟାଲ୍ ବିପ୍ଲବ ଗଢ଼ି ତୋଳାଯାଇ ପାରିବ ନାହିଁ ।

**୪) ପ୍ରବାସୀ ଚାଷୀଙ୍କ ସମସ୍ୟା:–**ଓଡ଼ିଶାରେ ଏକ ବିଶେଷ ଏବଂ ବ୍ୟାପକ ସମସ୍ୟା ହେଉଛି– ଯୁକ୍ତ ପରିବାରର ଜଣେ ସଦସ୍ୟଙ୍କ ନାମରେ ଓଡ଼ିଶାରେ ଜମି ରେକର୍ଡ ଥିବା ସତ୍ତ୍ୱେ ସେ ରୋଜଗାର ପାଇଁ ଯଦି ରାଜ୍ୟ ବାହାରେ ରହୁଛନ୍ତି ଏବଂ ତାଙ୍କ ଆଧାରରେ ବର୍ତ୍ତମାନର କାର୍ଯ୍ୟସ୍ଥଳର ଠିକଣା ରହିଛି, ଏପରି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି । ଉଦାହରଣ ସ୍ୱରୂପ ବରଗଡ଼ର ମୋର ଜଣେ ବନ୍ଧୁ ବର୍ତ୍ତମାନ ଦିଲ୍ଲୀରେ ରହୁଛନ୍ତି । ଗତ କିଛି ଦିନ ପୂର୍ବେ ସେ ପଞ୍ଜୀକରଣ ପାଇଁ ନିଜ ଗାଁକୁ ଫେରିଥିଲେ । କିନ୍ତୁ ବାହାରେ ରହିଥିବା ଦର୍ଶାଇ ସିଷ୍ଟମ୍ ତାଙ୍କ ଦିଲ୍ଲୀ ସ୍ଥିତ ଆଧାରକୁ ଗ୍ରହଣ କରିନଥିଲା । ଭାରତ ବର୍ଷର ସଂଘୀୟ ବ୍ୟବସ୍ଥା ଭିତରେ ଅନ୍ୟ ସ୍ଥାନରେ ଗୁଜରାଣ ମେଣ୍ଟାଉଥିବା (ଚାକିରି କରୁଥିବା) ବ୍ୟକ୍ତିବିଶେଷଙ୍କ ଚାଷ ଜମି ଯଦି ଓଡ଼ିଶାରେ ଅଛି, ତାହାହେଲେ ସେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବା କେତେଦୂର ଯଥାର୍ଥ – ତାହା ସମୀକ୍ଷା କରିବାକୁ ପଡିବ । ଏହା ହଜାର ହଜାର ପ୍ରବାସୀ ଓଡ଼ିଆ ପରିବାର ପାଇଁ ଏକ ଗୁରୁତର ସମସ୍ୟା ।

**ପଞ୍ଜୀକରଣର ଶେଷ ତାରିଖକୁ ଅତିକମରେ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବଢ଼ାଇବା ଉଚିତ । ଏହା ସହିତ ପଞ୍ଚାୟତ ସ୍ତରରେ ବିଶେଷ ପଞ୍ଜୀକରଣ ଶିବିର ଆୟୋଜନ କରାଯାଉ । ଏହି ଶିବିରଗୁଡ଼ିକରେ ପର୍ଯ୍ୟାପ୍ତ କମ୍ପ୍ୟୁଟର, ବାୟୋମେଟ୍ରିକ୍ ଉପକରଣ, ଇଣ୍ଟରନେଟ୍ ଏବଂ ବିକଳ୍ପ କନେକ୍ଟିଭିଟି ବ୍ୟବସ୍ଥା ରହିବା ଆବଶ୍ୟକ ।**

**୫) ସମୟସୀମା ବନାମ ବନ୍ୟା ପରିସ୍ଥିତି:–** ୭ ସେପ୍ଟେମ୍ବର ୨୦୨୬ର ଶେଷ ତାରିଖ ଅନେକ ଅଞ୍ଚଳରେ ହୋଇଥିବା ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖିବାକୁ ହେବ । ଅନେକ ଚାଷଜମି ଜଳମଗ୍ନ, କାଗଜପତ୍ର ନଷ୍ଟ ଏବଂ ଚାଷୀମାନେ ନିଜେ ଦୁର୍ଦ୍ଦଶାରେ ଅଛନ୍ତି । ଏପରି ସମୟରେ ପଞ୍ଜୀକରଣ ସମୟସୀମା ବଢ଼ାଇବା କୌଣସି ରିହାତି ନୁହେଁ– ବରଂ ଏକ ଆବଶ୍ୟକତା ।

**୬) ଦକ୍ଷତା ବିକାଶର ଅଭାବ:–**ଚାଷୀ ଏବଂ PACS କର୍ମଚାରୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି । ପଞ୍ଜୀକରଣ ଏକ ଚାଷୀ-ସଶକ୍ତିକରଣ ପ୍ରକ୍ରିୟା ହେବା ପରିବର୍ତ୍ତେ କେବଳ ତଥ୍ୟ ଏଣ୍ଟ୍ରି କରିବାର ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିବା ଭଳି ମନେ ହୁଏ । ଅଧିକାଂଶ ଚାଷୀ ନିଜର ୧୧ ଅଙ୍କ ବିଶିଷ୍ଟ ଚାଷୀପରିଚୟପତ୍ର ଭବିଷ୍ୟତରେ କ'ଣ କାମରେ ଆସିବ, ସେ ବିଷୟରେ ମଧ୍ୟ ସ୍ପଷ୍ଟ ଭାବେ ଜାଣି ନାହାନ୍ତି ବା ଜାଣିପାରୁ ନାହାନ୍ତି ।

**ଆଗକୁ ବଢ଼ିବାର ପଥ: ଆଗ୍ରିଷ୍ଟାକକୁ ପ୍ରକୃତରେ ଚାଷୀ-ବନ୍ଧୁ କରିବା**

୧) ସରଳୀକରଣ ଓ ବିକେନ୍ଦ୍ରୀକରଣ:– କେବଳ PACS ଉପରେ ନିର୍ଭର ନକରି ମୋବାଇଲ୍ ଆପ୍ ମାଧ୍ୟମରେ ସହାୟତାପ୍ରାପ୍ତ ସ୍ୱୟଂ-ପଞ୍ଜୀକରଣ ବ୍ୟବସ୍ଥା କରାଯାଉ । ଆପ୍‌ରେ ଓଡ଼ିଆ ଭାଷାର ସୁବିଧା ରହିବା ସହିତ offline data capture ବ୍ୟବସ୍ଥା ରହିବା ଉଚିତ, ଯାହା ପରେ ଇଣ୍ଟରନେଟ୍ ମିଳିଲେ ସର୍ଭର ସହିତ ସିଙ୍କ୍ ହୋଇପାରିବ ।

**୨) ତଥ୍ୟ ସୁରକ୍ଷାର ସ୍ପଷ୍ଟ ଗ୍ୟାରେଣ୍ଟି:–** କେଉଁ ବ୍ୟକ୍ତି କିମ୍ବା ସଂସ୍ଥା ଚାଷୀଙ୍କ ତଥ୍ୟ ଦେଖିପାରିବେ, କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ଏବଂ ଚାଷୀଙ୍କ ସମ୍ମତି କିପରି ନିଆଯିବ–ଏହା ସମ୍ପର୍କରେ ସ୍ପଷ୍ଟ ଡାଟା ପ୍ରୋଟେକ୍ସନ୍ ପ୍ରୋଟୋକଲ୍ ରହିବା ଆବଶ୍ୟକ । ବେସରକାରୀ ସଂସ୍ଥାଙ୍କ ତଥ୍ୟ ବ୍ୟବହାର ପାଇଁ opt-out ନୁହେଁ, opt-in consent ବ୍ୟବସ୍ଥା ରହିବା ଉଚିତ ।

**୩) ପ୍ରଥମ ପର୍ଯ୍ୟାୟରୁ ସମାବେଶୀ ବ୍ୟବସ୍ଥା:–**ଭାଗଚାଷୀ ଏବଂ ଭଡ଼ାଚାଷୀଙ୍କ ପାଇଁ ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା କରାଯାଉ । ଗ୍ରାମସଭାର ପ୍ରମାଣପତ୍ର କିମ୍ବା ଜମି ମାଲିକଙ୍କ ସମ୍ମତି ଭଳି ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ ସାମିଲ କରାଯାଇପାରେ । ସେମାନଙ୍କୁ ଭବିଷ୍ୟତର ପର୍ଯ୍ୟାୟ ପାଇଁ ଅପେକ୍ଷା କରାଇବା ଉଚିତ ନୁହେଁ ।

**୪) ଆଧାରର ପରିସୀମା ସମସ୍ୟାର ସମାଧାନ:–**ଆଧାର ଏକ ଜାତୀୟ ପରିଚୟ । ତେଣୁ ଆଧାରରେ ଥିବା ଠିକଣା କିମ୍ବା ଏହା କେଉଁ ସ୍ଥାନରୁ ଜାରି ହୋଇଛି, ତାହାକୁ ଏକ ଚାଷୀଙ୍କ ପଞ୍ଜୀକରଣ ଅସ୍ୱୀକାର କରିବାର ଆଧାର କରାଯିବା ଉଚିତ ନୁହେଁ ।

**୫) ସମୟସୀମା ବଢ଼ାଇ ମୋବାଇଲ୍ କ୍ୟାମ୍ପ ଆୟୋଜନ:–**ପଞ୍ଜୀକରଣର ଶେଷ ତାରିଖକୁ ଅତିକମରେ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବଢ଼ାଇବା ଉଚିତ । ଏହା ସହିତ ପଞ୍ଚାୟତ ସ୍ତରରେ ବିଶେଷ ପଞ୍ଜୀକରଣ ଶିବିର ଆୟୋଜନ କରାଯାଉ । ଏହି ଶିବିରଗୁଡ଼ିକରେ ପର୍ଯ୍ୟାପ୍ତ କମ୍ପ୍ୟୁଟର, ବାୟୋମେଟ୍ରିକ୍ ଉପକରଣ, ଇଣ୍ଟରନେଟ୍ ଏବଂ ବିକଳ୍ପ କନେକ୍ଟିଭିଟି ବ୍ୟବସ୍ଥା ରହିବା ଆବଶ୍ୟକ ।

**୬) ମାନବ ସମ୍ବଳରେ ନିବେଶ:–**PACS କର୍ମଚାରୀ ଏବଂ କୃଷକ ସାଥୀମାନଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ନିତ୍ୟାନ୍ତ ଆବଶ୍ୟକତା ରହୁଛି । ଚାଷୀ କେବଳ ନିଜ ଚାଷୀ ପରିଚୟପତ୍ର ନେବେ ନୁହେଁ ଏହି ପରିଚୟପତ୍ର ମାଧ୍ୟମରେ ସେ କିପରି ପାଣିପାଗ ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ ସୂଚନା, କୃଷି ପରାମର୍ଶ ଏବଂ ଋଣ ଭଳି ସୁବିଧା ପାଇପାରିବେ, ସେ ବିଷୟରେ ମଧ୍ୟ ସ୍ପଷ୍ଟ ଜ୍ଞାନ ପାଇବା ଆବଶ୍ୟକ ।

ପରିଶେଷରେ କୁହାଯାଇପାରେ ଯେ, ଆଗ୍ରିଷ୍ଟାକରେ ଭାରତୀୟ କୃଷିର ବିଭିନ୍ନ ବ୍ୟବସ୍ଥାକୁ ଏକତ୍ର କରିବାର ବିପୁଳ ସମ୍ଭାବନା ରହିଛି । କିନ୍ତୁ ଡିଜିଟାଲ୍ ବିପ୍ଳବ କେବଳ ସମ୍ମିଳନୀ କିମ୍ବା ସମ୍ମିଳନ କକ୍ଷରୁ ଘୋଷଣା କରିହେବ ନାହିଁ ଏହା ଓଡ଼ିଶାର କୋଣ ଅନୁକୋଣରେ ଅବସ୍ଥିତ ଚାଷ ଜମିରେ ପ୍ରକୃତ ଚାଷୀଙ୍କ ଜୀବନରେ ପହଞ୍ଚିବା ଦରକାର । ଯେପର୍ଯ୍ୟନ୍ତ ଆମେ ଏହାକୁ ସରଳ, ସୁରକ୍ଷିତ, ସମାବେଶୀ ଏବଂ ଚାଷୀଙ୍କ ବାସ୍ତବ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇନାହୁଁ, ସେପର୍ଯ୍ୟନ୍ତ ଆଗ୍ରିଷ୍ଟାକ୍ ଏକ ସୁଚିନ୍ତିତ MIS ପ୍ରକଳ୍ପ ଭାବରେ ରହିଯିବ–ଚାଷୀ ସଶକ୍ତିକରଣର ପ୍ରକୃତ ମାଧ୍ୟମ ହୋଇପାରିବ ନାହିଁ ।

**ଫ୍ଲାଟ ନଂ ଡି ଏକ୍ସ-୧
ସତ୍ୟସାଇ ଆପାଟମେଣ୍ଟ, ଲୁଇସ୍ ରୋଡ
ଭୁବନେଶ୍ୱର, ମୋ-୯୪୩୭୨୦୩୭୦୭**

# ପିଲାଙ୍କର ସୁସ୍ଥ ମାନସିକତା

**ଡ. ସୁରେଶ କୁମାର ନାୟକ**

ଆଜିକାଲିର ପିଲାଙ୍କ କଥା ଭାବିଲା ବେଳକୁ ଅନେକ କଥା ସବୁ ଚିନ୍ତା କରିବାକୁ ପଡୁଛି । ପିଲାମାନଙ୍କର ମୁଡ୍ ବା ମାନସିକତା ସେମାନଙ୍କ ଜୀବନଚର୍ଯ୍ୟା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ, ପିଲାମାନଙ୍କ ଏହି ମାନସିକତା ସମ୍ପର୍କରେ କିଛି ଆଲୋଚନା ରଖିବା ।

**ଅନେକ ସମୟରେ ପିଲାମାନେ ଏକଲାପଣ ଅନୁଭବ କରନ୍ତି, ନିଜକୁ ଏକୁଟିଆ ଓ ନିଃସଙ୍ଗ ଭାବନ୍ତି ତେଣୁ ପିଲାଟି ସହିତ ମିଶି କଥା ହୁଅନ୍ତୁ । ଏହା ବ୍ୟତୀତ ନିଜ ପିଲାକୁ ପାଖରେ ବସାଇ କିଛି ସମୟ ତା ସହିତ କଥାବାର୍ତ୍ତା ହୁଅନ୍ତୁ । ଯଦି ଆପଣଙ୍କ ପିଲା ଅଧିକ ପରିମାଣରେ ମୋବାଇଲ ବ୍ୟବହାର କରୁଥାଏ, ତେବେ ତାକୁ ମୋବାଇଲ ଫୋନ ଦେବା ବନ୍ଦ କରି ଦିଅନ୍ତୁ । ତା'ସହିତ କିଛି ସମୟ କାଟିଲେ କିମ୍ବା ପଢ଼ାପଢ଼ି ପାଇଁ ବହି ବା ପତ୍ରିକା ଦେଲେ ସେ ମୋବାଇଲ ଠାରୁ କିଛି ସମୟ ଦୂରେଇ ପାରିବ । ସ୍କୁଲରୁ ଆସିଲା ପରେ ପିଲାକୁ ଖିଆପିଆ ଓ ଅନ୍ୟ କାମରେ ବ୍ୟସ୍ତ କରାନ୍ତୁ । କିଛି ଘରକାମ କରାଇବା ବାହାନାରେ ପିଲାଙ୍କୁ ଅନ୍ୟ ମନସ୍କ କରାଇ ଭୁଲାଇ ଦିଅନ୍ତୁ ।**

ସର୍ବପ୍ରଥମେ ଚିନ୍ତା କରନ୍ତୁ ପିଲାଟି ଭିତରେ କୌଣସି ଅସହଜପଣ, ମାନସିକ କଷ୍ଟ ବା ଥକ୍କା ପଣ ନାହିଁ ତ ? ସ୍କୁଲରୁ ଆସିଲା ପରେ ପିଲାକୁ କିଛି ସମୟ ବିଶ୍ରାମ ନେବାକୁ ଦିଅନ୍ତୁ । ଫ୍ୟାନ ଅନ୍ କରି କିଛି ସମୟ ବିଶ୍ରାମ ନେବାକୁ କୁହନ୍ତି । ଅଧା ଘଣ୍ଟା ପରେ ତାକୁ ଫଳ ରସ କିମ୍ବା ଅନ୍ୟ କିଛି ଜଳଖିଆ ଖାଇବାକୁ ଦିଅନ୍ତୁ । ଆପଣ ପିଲାକୁ ଡ୍ରାଏ ଫ୍ରୁଟ୍ସକୁ ମଧ୍ୟ ଦେଇପାରିବେ । ଘରୋଇ ପ୍ରସ୍ତୁତ ବିଭିନ୍ନ ଗଜା କିମ୍ବା ଘରୋଇ ଖାଦ୍ୟ ସବୁଠାରୁ ଭଲ । ଘଣ୍ଟାଏ ପରେ ତାକୁ ହୋମୱାର୍କ କରିବାକୁ କୁହନ୍ତୁ ।

ପିଲାମାନେ ପାଠ ପଢ଼ିବା ସମୟରେ ମୋବାଇଲ, କମ୍ପ୍ୟୁଟର, ଲାପଟପ ଭଳି ଜିନିଷକୁ ଦୂରେଇ ରଖିବା ଦରକାର । ଏପରି କଲେ ପିଲାମାନେ ଖୁବଶୀଘ୍ର ହୋମୱାର୍କ ସାରିପାରିବେ । ପିଲାକୁ କିଛି ସମୟ ବିଶ୍ରାମ ନେବା ପାଇଁ କୁହନ୍ତୁ । ସେ ଶୋଇକି ଉଠିବା ପରେ ତାକୁ ବାହାରେ ସାଙ୍ଗସାଥୀଙ୍କ ସହିତ କିଛି ସମୟ ଖେଳିବାକୁ ଛାଡ଼ନ୍ତୁ । ପିଲାମାନଙ୍କ ପାଇଁ ଶାରୀରିକ ବ୍ୟାୟାମ, ଦୌଡ଼କୁଦ, ଯୋଗାସନ ବହୁତ ଭଲ କାମ କରିଥାଏ । ତେବେ ପିଲାଟିର ଏହି ସ୍ୱଳ୍ପ ସମୟକୁ ଆପଣ ବ୍ୟବସ୍ଥିତ ଭାବେ ପରିପୂର୍ଣ୍ଣ କରିପାରିବେ ।

ପିଲାଟି ଭଲ ଭାବରେ ନିୟମିତ ସମୟ ଅବଧି ଭିତରେ ପ୍ରଚୁର ମାତ୍ରାରେ ପାଣି ପିଇବାକୁ ଦିଅନ୍ତୁ । ପିଲା ସ୍କୁଲରୁ ଆସିଲା ପରେ ତାଙ୍କୁ ପାଣି ପିଇବାକୁ ଦିଅନ୍ତୁ । ଏହାଦ୍ୱାରା ପିଲାର ମାଇଣ୍ଡ ଫ୍ରେସ ରହିବ ଏବଂ ଥକିବ ନାହିଁ । ଧ୍ୟାନ ରଖିବା ଉଚିତ ଯେ ପିଲାକୁ ମଝିରେ ମଝିରେ ପାଣି ପିଇବାକୁ କହିବା । ପାଣିଟି ବିଶୋଧିତ ହୋଇଥିବା ଜରୁରୀ ଏବଂ ସବୁଠାରୁ ଭଲ ସିଝାପାଣି । ତେବେ ଥଣ୍ଡାପାଣି ଓ କୋଲଡ୍ରିଙ୍ଗସ ଆଦୌ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ । ଏହାଦ୍ୱାରା ପିଲାର ଶରୀରରେ ଜଳ ଅଂଶ ରହିବ ଓ ପିଲାକୁ ଥକା ଲାଗିବ ନାହିଁ । ପିଲାଙ୍କୁ କିଛି ସମୟ ରିଲାକ୍ସ କରିବା ପାଇଁ ତାକୁ ତାର ମନ ପସନ୍ଦର ବହି କିମ୍ବା କିଛି ଜିନିଷ ଦେଇପାରିବେ । ଟିଭି ଶୋ ମାଧ୍ୟମରେ କିଛି ସମୟର ରିଲାକ୍ସ ଦେଇପାରିବେ । ଏସବୁ ମାଧ୍ୟମରେ ପିଲମାନେ ସୁସ୍ଥ ମାନସିକତା୍ ରଖିପାରିବେ ।

ଅନେକ ସମୟରେ ପିଲାମାନେ ଏକଲାପଣ ଅନୁଭବ କରନ୍ତି, ନିଜକୁ ଏକୁଟିଆ ଓ ନିଃସଙ୍ଗ ଭାବନ୍ତି ତେଣୁ ପିଲାଟି ସହିତ ମିଶି କଥା ହୁଅନ୍ତୁ । ଏହା ବ୍ୟତୀତ ନିଜ ପିଲାକୁ ପାଖରେ ବସାଇ କିଛି ସମୟ ତା ସହିତ କଥାବାର୍ତ୍ତା ହୁଅନ୍ତୁ । ଯଦି ଆପଣଙ୍କ ପିଲା ଅଧିକ ପରିମାଣରେ ମୋବାଇଲ ବ୍ୟବହାର କରୁଥାଏ, ତେବେ ତାକୁ ମୋବାଇଲ ଫୋନ ଦେବା ବନ୍ଦ କରି ଦିଅନ୍ତୁ । ତା'ସହିତ କିଛି ସମୟ କାଟିଲେ କିମ୍ବା ପଢ଼ାପଢ଼ି ପାଇଁ ବହି ବା ପତ୍ରିକା ଦେଲେ ସେ ମୋବାଇଲ ଠାରୁ କିଛି ସମୟ ଦୂରେଇ ପାରିବ ।

ସ୍କୁଲରୁ ଆସିଲା ପରେ ପିଲାକୁ ଖିଆପିଆ ଓ ଅନ୍ୟ କାମରେ ବ୍ୟସ୍ତ କରାନ୍ତୁ । କିଛି ଘରକାମ କରାଇବା ବାହାନାରେ ପିଲାଙ୍କୁ ଅନ୍ୟ ମନସ୍କ କରାଇ ଭୁଲାଇ ଦିଅନ୍ତୁ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ପିଲାଟିର ସୁନିଦ୍ରା । ମନେ ରଖନ୍ତୁ ଧ୍ୟାନ ରଖନ୍ତୁ ଯେ ପ୍ରତ୍ୟେକ ପିଲା ୭-୮ ଘଣ୍ଟା ଶୋଇବା ନିହାତି ଆବଶ୍ୟକ । ଆପଣ ଚାହିଁଲେ ତାକୁ ଶୀଘ୍ର ଉଠାଇ ବ୍ୟାୟାମ ଆଦି କରାଇ ପାରିବେ। ଏହାଦ୍ୱାରା ସେମାନେ ଚିନ୍ତାଗ୍ରସ୍ତ କିମ୍ବା ଥକ୍କା ଅନୁଭବ କରିବେନି । ବେଳେ ବେଳେ ମାତାପିତା ତାଙ୍କ କଥା କୁହନ୍ତି ହେଲେ ପିଲା କଥାକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଏହା ବ୍ୟତୀତ ମାତାପିତାଙ୍କୁ ପିଲାର କଥା ଶୁଣିବା ମଧ୍ୟ ଜରୁରୀ । ଏହାଦ୍ୱାରା ପିତାମାତ୍ର ଭଲ ଭାବେ ପିଲାର ମନକଥା ବୁଝିପାରିବେ । ଯେଉଁ ପିଲାମାନେ ଭଲ ଭାବେ ଶୋଇନଥାନ୍ତି ଶ୍ରେଣୀରେ ପାଠପଢ଼ିବା ସମୟରେ ଏହାର ପ୍ରଭାବ ପଡ଼ିଥାଏ । କହିବାକୁ ଗଲେ ପିଲାମାନଙ୍କର କିଛି ମାନସିକତା ନଥାଏ । ଏ ସବୁ ହେଉଛି ସେମାନଙ୍କର ଜୀବନ ଅତି ସୁନ୍ଦର ସମୟଗୁଡ଼ିକର ଅନୁଭୂତି । ଆପଣ ଯେଉଁପରି ପିଲାଟିକୁ ଆଗେଇ ନେବେ ତାର ମୁଡ଼ ବା ମାନସିକତା ଠିକ ସେହିପରି ହେବ ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋ-୯୪୩୭୨୨୫୫୯୨**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁବର୍ଣ୍ଣରେଖାରେ...

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି । ମୟୂରଭଞ୍ଜର ବାଙ୍ଗିରିପୋଷିରେ ସର୍ବାଧିକ ୩୦୯ ମିମି ବର୍ଷା ହୋଇଥିବାବେଳେ ସାରସକଣାରେ ୨୯୭ ମିମି, ଜାମଶୋଳାଘାଟରେ ୨୮୫ ମିମି, ଚନ୍ଦନପୁରରେ ୨୫୯ ମିମି, ବିଜାତଳାରେ ୧୪୦ ମିମି, ବହଳଦାରେ ୧୨୫ ମିମି, ଜାମଡାରେ ୧୧୩ ମିମି, ରାଇରଙ୍ଗପୁରରେ ୧୧୭ ମିମି, କୁସୁମୀରେ ୧୦୪ ମିମି ବର୍ଷା ହୋଇଥିବା ଜଣାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ବହୁ ସ୍ଥାନରେ ଭାରୀ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ଜାମଶୋଳାଘାଟରେ ବିପଦ ସଙ୍କେତ ୪୯.୧୯ ମିଟର ଥିବାବେଳେ ସନ୍ଧ୍ୟା ୬ ଘଣ୍ଟା ୫୧.୨୪ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳ ଜଳମଗ୍ନ ହେବାର ସମ୍ଭାବନା ରହିଛି । ବନ୍ୟା ଜଳ ବୃଦ୍ଧି ପାଉ ନଥିଲେ ମଧ୍ୟ ବିପଦ ସଙ୍କେତ ଉପରେ ରହିଛି । ଆଗାମୀ ୨୪ ଘଣ୍ଟା ତଳିଆ ଅଞ୍ଚଳବାସୀଙ୍କ ପାଇଁ ସତର୍କ ଘଣ୍ଟି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।

ଆସନ୍ତା ୫ ଓ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ଲାଗି ରହିବ । ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷିବ ବୋଲି ସୂଚନା ମିଳିଛି । ଏଥିସହ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ବର୍ଷା ଜାରି ରହିବ । ଆସନ୍ତାକାଲି (ବୁଧବାର) ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବାକି ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମୌସୁମୀ ଜନିତ ବର୍ଷା ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

### ବୁଢ଼ାବଳଙ୍ଗରେ...

ହୋଇଛି । ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ନାଖରାସ୍ଥିତ ସେତୁ ଉପରେ ଦୁଇ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି । ସେହିପରି ଗଙ୍ଗାହାରର ଜଳସ୍ତର ବୃଦ୍ଧି ପାଇ ମାଣତ୍ରୀ-ଭାମିଦା ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେତୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହି ପରି ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ପାଣିପାଗ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବଡ଼ସାହି ଏବଂ ବେତନଟୀ ବ୍ଲକର ସବୁ ସ୍କୁଲ ମଙ୍ଗଳବାର ଛୁଟି ଘୋଷଣା ହୋଇଥିଲା । ଆଜି ରାତି ସୁଦ୍ଧା ବନ୍ୟାର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଲୋକେ ସମ୍ପୂର୍ଣ୍ଣ ଉଦ୍‌ବେଗ ଥିବା ଦେଖାଯାଉଛି । ନଦୀ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ବନ୍ୟାଜଳ ମାଡ଼ିଯାଇଥିବାରୁ ଚାଷୀଙ୍କ ଏକ ପ୍ରକାର ହତାଶ । ସୋମବାର ରାତିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀ କୂଳିଆ ଅଞ୍ଚଳରୁ ଲୋକଙ୍କୁ ଆଣି ବେଲାଣ ପୁରା ଓ ଶାଳଗାଁ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବିଭିନ୍ନ ସ୍କୁଲ ଗୃହ ଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇ ସେମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି । ବିପଦସଂକୁଳ ଅବସ୍ଥାରେ ଥିବା ନାଖରା ସେତୁ ଉପରେ ଭାରୀ ଯାନବାହନ ଚଳାଚଳ ବନ୍ଦ କରାଯାଇଛି । ପୋଲ ଉପରେ ଛିଡା ହୋଇ ବନ୍ୟା ଦେଖିବା ଲୋକଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ସେତୁର ଦୁଇ ପାଶ୍ୱର୍ରେ ପୁଲିସ ମୁତୟନ କରାଯାଇଛି । ଏନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ, ଏସପି ବରୁଣ ଗୁଣ୍ଟୁପାଲି , ବିଡ଼ିଓ ମୁନା ସେଠୀ, ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ବିଡିଓ ଗଗନ ବେହେରା ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ବନ୍ୟା ସ୍ଥିତି ସମୀକ୍ଷା କରିବା ସହ ସମସ୍ତ ପ୍ରଶାସନ ସଜାଗ । ରାତି ବଢ଼ିବା ବେଳକୁ ବୁଢ଼ାବଳଙ୍ଗ ଏବଂ ଗଙ୍ଗାହାର ନଦୀର ଜଳସ୍ତର ମଧ୍ୟ ଦ୍ରୁତ ଗତିରେ ବଢୁଥିବାର ଦେଖାଯାଇଛି । ରାତି ସୁଦ୍ଧା ବେତନଟୀ ବ୍ଲକ ଅଧୀନରେ ଦୃଷ୍ଟିପାତ ନଥିବା ବେଳେ ଉପର ମୁଣ୍ଡାର ବନ୍ୟାଜଳ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି ।

### ଆତଙ୍କବାଦ...

ଆତଙ୍କବାଦକୁ ନେଇ ଦୋହରା ମାପଦଣ୍ଡର ସ୍ଥାନ ନାହିଁ । ଆତଙ୍କବାଦର ସମସ୍ତ ଇକୋ ସିଷ୍ଟମକୁ ଭାଙ୍ଗିବାକୁ ପଡିବ । ଆର୍ଥିକ, ନିଯୁକ୍ତି ଆଦି ପ୍ରସଙ୍ଗକୁ ମଧ୍ୟ ଯବାବ୍ ଦେବାକୁ ପଡିବ । ମୌଳବାଦୀ କାରଣ ଓ ନିରାପଦ ଆଶ୍ରୟସ୍ଥଳକୁ ମଧ୍ୟ ଦୂର କରିବାକୁ ପଡିବ । ଜାମ୍ମୁକାଶ୍ମିର ପହଲଗ୍ରାମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ଗତବର୍ଷ ନରସଂହାର କରିଥିଲେ । ଭାରତ ଏହାର ଜବାବ୍‌ରେ ଅପରେସନ୍ ସିନ୍ଦୁର କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଦୃଷ୍ଟିକୋଣ ନେଇ ତିନୋଟି ମୁଖ୍ୟ ସ୍ତମ୍ଭ ସୁରକ୍ଷା, ସଂଯୋଗୀକରଣ ଓ ସୁଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏସ୍‌ସିଓର ମୁଖ୍ୟ ଲକ୍ଷ୍ୟ ହେଉଛି ପରସ୍ପର ପ୍ରତି ଥିବା ବିଶ୍ୱାସକୁ ଅଧିକ ସୁଦୃଢ କରିବା । ବନ୍ଧୁତ୍ୱ ଓ ଭଲ ପଡୋଶୀ ଆଚରଣକୁ ଉତ୍ସାହିତ କରିବା ଫଳରେ ସମସ୍ତଙ୍କ ପାଇଁ ଏହା ଲାଭ ଦାୟକ ହେବ । ଏସ୍‌ସିଓ ପ୍ଲାଟଫର୍ମରେ ଚୀନ ରାଷ୍ଟ୍ରପତିଙ୍କ ସହ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ପ୍ରମୁଖ ଉପସ୍ଥିତ ଥିଲେ । ୧୦ ସଦସ୍ୟ ବିଶିଷ୍ଟ ଏସ୍ସିଓରେ ଭାରତ ସମେତ କାଜିକସ୍ଥାନ, ପ୍ରମୁଖ ରହିଛନ୍ତି ।

### ନେପାଳରେ...

ଓ ନିର୍ମାଣଧୀନ ଥିଲା ଏହି ବନ୍ୟାରେ ତାହା କ୍ଷତିଗ୍ରସ୍ତ ହୋଇଛି । ପ୍ରତ୍ୟେକଟି ମୁହୂର୍ତ୍ତ ମୂଲ୍ୟବାନ ବୋଲି ଉଦ୍ଧାରକାରୀ ଦଳ ମତ ଦେଇଛନ୍ତି । ଯେଉଁମାନେ ଟନେଲ ମଧ୍ୟରେ ଫସିଛନ୍ତି ତାଙ୍କ ସମ୍ପର୍କୀୟମାନେ ବାହାରେ ଅପେକ୍ଷା କରିଛନ୍ତି । ତେବେ ସେମାନେ ଅପରେସନ୍ ଧିମା ହେଉଥିବାରୁ ସେମାନେ ଅସହାୟ ହୋଇପଡୁଛନ୍ତି । ଜିଲ୍ଲା ଅଧିକାରୀଙ୍କ କହିବାନୁଯାୟୀ ସମ୍ପର୍କୀୟମାନେ ଏବେବି ସେମାନଙ୍କ ଆତ୍ମୀୟମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛନ୍ତି । ଡିଏନ୍‌ଏ ପରୀକ୍ଷା ଜରିଆରେ ଚିହ୍ନଟ କରାଯାଉଛି । ତେବେ ମୃତଦେହକୁ ରଖିବାକୁ ପର୍ଯ୍ୟାପ୍ତ ପରିମାଣର ଫ୍ରିଜର ନାହିଁ । ଯାହା ଏବେ ସମସ୍ୟା ହୋଇଛି । ସରକାରୀ ସୂତ୍ରରୁ କୁହାଯାଇଛି ଯେ ତିବତ୍ ପାର୍ଶ୍ୱରେ ୧୬ ଜଣଙ୍କର ମୃତ୍ୟୁ ଘଟିଛି ଓ ୫୪୬ ନିଖୋଜ ଅଛନ୍ତି । ଚୀନ୍‌ରେ ବନ୍ୟାର ଫୁଟେଜକୁ ବିଶେଷ ଭାବରେ ଦେଖାଦେଇଛି ।

### ସମସ୍ତ...

ଏତଲା କରିପାରିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ପକ୍ଷ ରଖି ସଲିସେଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନେ ସିଜିପି ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ତଦନୁଯାୟୀ କେନ୍ଦ୍ର ସରକାର ଛାତ୍ରଙ୍କ ବିରୋଧରେ ଏତଲା ପ୍ରତ୍ୟାହାର କରିବା ଆଗକୁ କୌଣସି ନୂଆ ଏତଲା ଦାୟର ନକରିବା ଓ ଯେଉଁ ନିଟ୍ ଆଶାୟୀମାନେ ଆତ୍ମହତ୍ୟା କରିଥିଲେ ସେମାନଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ସରକାର ଏହି ୩ ପ୍ରତିଶ୍ରୁତି ପୂରଣ କରିବାକୁ ପ୍ରତିବଦ୍ଧ । ଦିଲ୍ଲୀ ପୋଲିସ ୧୩ ଟି ଏତଲା ଆଗକୁ ନେବାକୁ ଚାହୁଁନାହିଁ । ବିହାର, ମହାରାଷ୍ଟ୍ର, ଆସାମ ଓ ପଶ୍ଚିମବଙ୍ଗ ମଧ୍ୟ ଏଭଳି ଆବେଦନ ଦାଖଲ କରିଛନ୍ତି । ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦେବା ପ୍ରତିଶ୍ରୁତିରେ ସରକାର ଅଟଳ ଅଛନ୍ତି । ନିର୍ଦ୍ଦିଷ୍ଟ ପ୍ରକ୍ରିୟା ପ୍ରସ୍ତୁତ କରିବାକୁ ୩ ମାସ ସମୟ ଲାଗିବ । ୩ ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଶ୍ରୀ ମେହେଟା କହିଥିଲେ । ସିଜେପି ମୁଖପାତ୍ର ସୌରଭ ଦାସ କହିଛନ୍ତି ଯେ, ସୁପ୍ରିମକୋର୍ଟ ରାୟକୁ ସ୍ୱାଗତ କରୁଛୁ । ୫ ତାରିଖରେ ଥିବା ପ୍ରତିବାଦକୁ ପ୍ରତ୍ୟାହାର କରୁଛୁ । କୋର୍ଟରେ ଯୁକ୍ତି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ ଯେ, ଉଭୟ ପକ୍ଷ ମଧ୍ୟରେ ହୋଇଥିବା କଥାବାର୍ତ୍ତା ବିଶ୍ୱାସରେଶେଷ ହେବା ଉଚିତ । ଉଭୟ ପକ୍ଷ ଗଠନମୂଳକ ଓ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଆମେ ଶତ୍ରୁ ନୁହଁ । ଶ୍ରୀ ଦାସ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁଁ ସେମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରୁଛନ୍ତି । କୋର୍ଟ ମଧ୍ୟ ୩ ମାସ ମଧ୍ୟରେ କ୍ଷତିପୂରଣ ଦେବା ପ୍ରକ୍ରିୟାକୁ ଚୂଡାନ୍ତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

## ମା-ଝିଅଙ୍କୁ ହତ୍ୟା ପାଇଁ ଷଡଯନ୍ତ୍ର

# ୨ ଯୁବକଙ୍କ ସହ ୮ ମହିଳା ଗିରଫ

ଦଶପଲ୍ଲା (ସବ୍ୟୁ): ସମ୍ପତି ବିବାଦକୁ ନେଇ ରବିବାର ଦିନ ସ୍ଥାନୀୟ ଅନନ୍ତ ବିହାରରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । ସ୍ତ୍ରୀ ଓ ଝିଅ ରହୁଥିବା ଘରେ ପଶି ଦୁଇ ଯୁବକଙ୍କ ସହ ୮ମହିଳା ସ୍ତ୍ରୀ ଓ ଝିଅକୁ ହତ୍ୟା ଉଦ୍ୟମ କରିବା ସହ ଗୁରୁତର ଆହତ କରିବା ଏବେ ଦଶପଲ୍ଲା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଦଶପଲ୍ଲାର ସନ୍ତୋଷ ସାହୁ ଜଣେ ଜମିପ୍ଲଟ ବେପାରୀ । ବହୁ ଲୋକଙ୍କ ଜମିକିଣି ପରେ ତାକୁ ପ୍ଲଟକରି ବିକ୍ରୟ କରନ୍ତି । ୨୦୨୨ ମସିହାରେ ତାଙ୍କର ମୃତ୍ୟୁ ହେବାପରେ ତାଙ୍କ ନାମରେ ଥିବା ସମ୍ପତିକୁ ନେଇ ଗୋଟିଏ ପଟେ ସନ୍ତୋଷଙ୍କ ବାପା,ମା,ଭଉଣୀ ଓ ସମର୍ଥକ ଲାଗିପଡିଥିବା ବେଳେ ଅନ୍ୟପଟେ ସ୍ତ୍ରୀ ତାର ନା ବାଳିକା ଝିଅକୁ ଧରି ସମ୍ପତିର ଅଧିକାର ସାବ୍ୟସ୍ତ କରି ଲଢେଇ ଜାରି ରଖିଛି । ଉଭୟଙ୍କ ମାମଲା ଏବେ କୋର୍ଟରେ ବିଚାର ଧୀନ ଥିବା ବେଳେ ରବିବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସନ୍ତୋଷଙ୍କ ସ୍ତ୍ରୀ ଓ ନାବାଳିକା ଝିଅ ରହୁଥିବା ଘରେ ବାହାର ଜିଲ୍ଲାର ଦୁଇ ଯୁବକ ଓ ଆଠଜଣ ମହିଳା ଘରେପଶି ଗଣ୍ଡଗୋଳ କରିବା ସହ ସନ୍ତୋଷଙ୍କ ସ୍ତ୍ରୀ ଓ ଝିଅ କୁ ହତ୍ୟା ଉଦ୍ୟମ କରି ଗୁରୁତର ଆହତ କରିବା ଏବଂ ଘରେ ଥିବା ଆସବାପତ୍ର ଭାଙ୍ଗି ତିନୋଟି ମୋବାଇଲ ଚୋରିକରି ନେଇଥିଲେ । ୧୧୨କୁ ଫୋନ କରିବାରୁ ପୋଲିସ ଯାଇ ମାଆଝିଅଙ୍କୁ ଉଦ୍ଧାର କରିବା ପରେ ଘଟଣା ସମ୍ପର୍କରେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଦଶପଲ୍ଲା ପୋଲିସ ୨୪୧/୨୬ ରେ ଏକ ମାମଲା ରୁଜୁ କରି ବାହାର ଜିଲ୍ଲାରୁ ଆସିଥିବା ୨ ଯୁବକ ଓ ୮ ମହିଳାଙ୍କୁ ଗିରଫ କରିଥବଲା । ଗିରଫ ଅଭିଯୁକ୍ତମାନେ କଟକ ଜିଲ୍ଲା ନେମାଳ ଥାନା ମାଲିଗାଁଓ ଗ୍ରାମର ସୁକାନ୍ତ କୁମାର ସିଂ(୩୦), ଲଣ୍ଡୁରା ଭବନର ପୁଷ୍ପଲତା ସିଂ,ସାହଲ ପୁର ଗ୍ରାମର ସୌଦାମିନୀ ସୁତାର(୪୬), ମଞ୍ଜୁଲତା ମଲ୍ଲିକ(୪୧), ନିରୂପମା ମଲ୍ଲିକ(୩୦) ୫ରଣା ମଲ୍ଲିକ(୨୯), ହୋଇଥିବା ବେଳେ ଭୁବନେଶ୍ୱର ଲିଙ୍ଗରାଜ ଥାନା ଶ୍ରୀରାମନଗରର ଚିନ୍ମୟ ବିଶୋଇ(୨୪), ଶାନ୍ତିଲତା ବିଶୋଇ(୪୨),ଡେଲାଙ୍ଗ ଥାନା କଲ୍ୟାଣପୁର ଗ୍ରାମର ସୁଲୋଚନା ନାୟକ(୨୭) ଓ କାନପୁର ଥାନା ଓଲାବା ଗ୍ରାମର ପଦ୍ମ ।ବତୀ ଦେହୁରୀ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି । ଏହା ପଛରେ କାହାର ହାତ ଏ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି ।

# ବାମରା ବିଡ଼ିଓଙ୍କୁ ତୁରନ୍ତ ବଦଳି ଦାବି

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ବାମରା ବିଡିଓ ପୁଷ୍ପକ ପ୍ରଧାନଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ମାନେ ଦାବି କରିଛନ୍ତି । ବାମରା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ କୁଚିଣ୍ଡା ଉପ ଜିଲ୍ଲାପାଳ ସର୍ବନାମ ସି ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ରଙ୍କୁ ଭେଟି ବିଡ଼ିଓଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ ଏବଂ ତାଙ୍କୁ ତୁରନ୍ତ ବଦଳି କରିବା ପାଇଁ ଦାବି ଜଣାଇଥିଲେ ।

ଗତ ୧୫ ଅଗଷ୍ଟ ଦିନ ବ୍ଲକସ୍ତରୀୟ ପତାକା ଉତ୍ତୋଳନ ସମାରୋହରେ ଅବ୍ୟବସ୍ଥାକୁ ନେଇ ଉପସ୍ଥିତ ସଚେତନ



ଏବଂ ବରିଷ୍ଠ ନାଗରିକ ମାନେ ବିଡିଓଙ୍କୁ ତାଗିଦ କରିବାରୁ ସେ ରାଗିଯାଇ ସେଠାରେ ଉପସ୍ଥିତ ବାମରା ମକର ମହୋତ୍ସବ ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ କୁମାର ଚନ୍ଦ୍ର ପଟେଲ, ଉପାଧ୍ୟକ୍ଷ ମହେଶ ଚୌଧୁରୀ ଏବଂ ଅନ୍ୟ ସଦସ୍ୟଙ୍କ ସହ ବଚସା କରିବା ସହ ହାଇସ୍କୁଲ ଗେଟ ଭାଙ୍ଗିବା ମିଥ୍ୟା ଅଭିଯୋଗ କରିଥିଲେ । ଏଥିସହ ଉପସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ଓ ହାଇସ୍କୁଲ ପ୍ରଧାନ ଆଚାର୍ଯ୍ୟଙ୍କୁ ଏ ନେଇ ଚିଠି ଲେଖିବା ପାଇଁ ଆଦେଶ ଦେଇଥିଲେ । ପରେ ଗତ ଅଗଷ୍ଟ ୨୫ ତାରିଖ ବାମରା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ଦାସ ଚିଠି ନମ୍ବର ୧୪୩ରେ ଗେଟ ଭାଙ୍ଗିବା ଓ ଅନ୍ୟ ଅଭିଯୋଗ କରିଥିଲେ । ଏହି ଚିଠି ପାଇଲା ପରେ ଅନୁଷ୍ଠିତ ଜନଶୁଣାଣିରେ ବାମରା ମକର ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ ନାୟକ, ଉପାଧ୍ୟକ୍ଷ ମହେଶ ଚୌଧୁରୀ, ସମ୍ପାଦକ କୁମାର ଚନ୍ଦ୍ର ପଟେଲ, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସଭା ସମ୍ପାଦକ ପ୍ରଶାନ୍ତ ଶତପଥୀ, ବାମରା ନାଗରିକ କମିଟି ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଜ୍ୟୋତି କୁମାର ଲାଠ ଓ ବରିଷ୍ଠ ନାଗରିକ ଉପ ଜିଲ୍ଲାପାଳଙ୍କୁ ଭେଟିଥିଲେ ଏବଂ ଗତ ଏପ୍ରିଲ ୧୪ରେ ବାମରା ବିଡ଼ିଓଙ୍କ ଦ୍ୱାରା ଆୟୋଜିତ ତତକାଳୀନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଜନସଭା ପାଇଁ ଟେଣ୍ଟ ନିର୍ମାଣ ବେଳେ ବଡ଼ ବଡ ଟ୍ରକ ଖେଳ ପଡିଆ ଭିତରକୁ ଆସିଥିବା ବେଳେ ଗେଟଟା ଭାଙ୍ଗିଥିବା ବେଳେ ବିଡ଼ିଓ ଏହି ଦୋଷକୁ ଏକ ସାମାଜିକ ସଂଗଠନ ଉପରେ ଲଦି ଦେବା ନେଇ ଆକ୍ରୋଶ ବ୍ୟକ୍ତ କରିଥିଲେ । ତେବେ ବିଡ଼ିଓଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଦାବି କରିଥିଲେ । ବାମରା ବିଡ଼ିଓ ବାବୁଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଲୋକଙ୍କ ଭିତରେ ଜନ ଆକ୍ରୋଶ ବଢ଼ିବାରେ ଲାଗିଛି ।

# କାର ପୋଡି : ଯୁବକ କୋର୍ଟ ଚାଲାଣ

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ନନ୍ଦ କଲୋନୀରେ ଘଟିଥିବା କାର ପୋଡି ଘଟଣାରେ ଫେରାଇ ଅଭିଯୁକ୍ତ ମନୋଜ ଗିରଫ ଓ କୋର୍ଟ ଚାଲାଣ । ବାଲିପାଟଣା ଥାନା ଅନ୍ତର୍ଗତ ସରାଟ ଶାସନ ଦଳିତ ସାହିର ଯମୁନା ଭୋଇ ଓ ତାଙ୍କ ସ୍ୱାମୀ ଏସ କେୟାକୁବ ହୋସେନ ବାରିଲୋ ସ୍ଥିତ ନନ୍ଦ କଲୋନୀରେ ଭଡାରେ ରହୁଥିଲେ । ସେହି କଲୋନୀର ଅନ୍ୟଏକ ଘରେ ଭିଙ୍ଗାରପୁର ଅଂଚଳର ମନୋଜ କୁମାର ଭୋଇ (୩୯) ଏବଂ ତାଙ୍କ ପନୀ ଲିଜା ଭୋଇ ରହୁଥିଲେ । କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବିବାଦ ଉପୁଜି ଥିଲା । ଗତ ୨୩ ତାରିଖ ରବିବାର ବିଳମ୍ବିତ ରାତିରେ ମନୋଜ ତାର ପନୀକୁ ଗାଳି ଗୁଲଜ କରୁଥିଲା ଏହାକୁ ଯମୁନା ଏବଂ ତାଙ୍କ ସ୍ୱାମୀ ପ୍ରତିବାଦ କରିଥିଲେ । ଏତିକିରେ ମନୋଜ ଉତକ୍ଷିପ୍ତ ହୋଇ ଏକ ମାରଣାସ୍ତ୍ର ଧରି ସ୍ୱାମୀ , ସ୍ତ୍ରୀଙ୍କୁ ଗୋଡାଇ ଆସିଥିଲେ ସେମାନେ ଜୀବନ ବଞ୍ଚାଇ ଘରେ କବାଟ କିଳି ରହିଥିଲେ । ହେଲେ ମନୋଜ ମାରଣାସ୍ତ୍ରରେ ଯମୁନାଙ୍କ ସ୍ୱାମୀର ହୁଣ୍ଡାଇ ଆରୋରା ପ୍ରିମା ଗାଡି ନଂ ଓଡି ୦୨ ଡି ଆର ୯୪୪୮ ଧଳା ରଙ୍ଗ କାରକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଇଥିଲା । ଏ ବିଷୟରେ ଯମୁନା ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଖବର ପାଇ ମନୋଜ ଫେରାର ହୋଇଯାଇଥିଲେ । ଗିରଫ ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା ଦୁର୍ବୃତ୍ତ ମୋବାଇଲ ଫୋନ ସୁଇଚ ଅଫ ଥିବାରୁ ଧରିବା ବିଳମ୍ବ ହେଉଥିବା ତଦନ୍ତ କାରୀ ଅଧିକାରୀ ଏସଆଇ ଶଶିକାନ୍ତ ବେହେରା ସୂଚନା ଦେଇଥିଲେ । ମଙ୍ଗଳବାର ପୂର୍ବାହ୍ନରେ ବାଲିପାଟଣା ପୋଲିସ ଆସାମୀ ମନୋଜ କୁମାର ଭୋଇକୁ ତାଙ୍କ ଘରୁ ଗିରଫ କରି କେଶ ନଂ ୩୯୦/୨୦୨୬ରେ କୋର୍ଟ ଚାଲାଣ କରାଯାଇଛି ।


**ଡକ୍ୟୁମେଣ୍ଟ ହଜିଯାଇଛି**

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍: କଟକଙ୍କ ନିକଟରେ ତା୧୯.୦୮.୨୦୨୬ରିଖର ଏକ ସତ୍ୟପାଠ ବଳରେ, ଆମ୍ଭେ, (୧) ଶ୍ରୀ ପ୍ରତାପ କୁମାର ବେହେରା, ବୟସ ପ୍ରାୟ ୪୯ ବର୍ଷ, (୨) ଶ୍ରୀ ପ୍ରଭାତ କୁମାର ବେହେରା, ବୟସ ପ୍ରାୟ ୪୮ ବର୍ଷ, (୩) ଶ୍ରୀ ସୁବାସ ଚନ୍ଦ୍ର ବେହେରା, ବୟସ ପ୍ରାୟ ୪୬ ବର୍ଷ, ସମସ୍ତଙ୍କ ପିତା- ୯ ନଟବର ବେହେରା, ବାସସ୍ଥାନ- ସା: ତୁଳସୀପୁର (ମାନସିଂହ ପାଟଣା), ପୋ: ତୁଳସୀପୁର, ଥାନା: ବିଡାନାସୀ, ଟାଉନ/ଜିଲ୍ଲା: କଟକ, ପିନ୍- ୭୫୩୦୦୮, ଏତଦ୍‌ଦ୍ୱାରା ଜଣାଇଦେଉଛୁ ଯେ, ତା୧୯.୦୬.୨୦୨୬ରିଖରେ ଆମ୍ଭେ ତହସିଲ କାର୍ଯ୍ୟାଳୟ, ବାରଙ୍ଗରୁ ପଦ୍ମଲାଭନଗରକୁ ଯାତ୍ରା କରୁଥିବା ସମୟରେ, ଆମ୍ଭେ ମୌଜା: ପଦ୍ମଲାଭନଗର, ଥାନା: କଟକ ସଦର, ଥାନା ନଂ. ୧୬, ତହସିଲ: ବାରଙ୍ଗ, ତହସିଲ ନଂ. ୧୯୬, ଜିଲ୍ଲା: କଟକ, ଖାତା ନଂ.: ୧୭୦/୩୨, ପ୍ଲଟ ନଂ.: ୨୭୯/୭୫୮, କ୍ଷେତ୍ର: ଏକର୦.୩୬୦୦ ଡିସିମିଲି, ସମ୍ବନ୍ଧିତ ଆମର ମୂଳ ପଞ୍ଜୀକୃତ ବିକ୍ରୟ ଦଲିଲ ଯାହାର ଡକ୍ୟୁମେଣ୍ଟ ନଂ. ୩୦୮, ତା.୩୧.୦୩.୨୦୦୩ ଏବଂ ମୂଳ ମ୍ୟୁଟେସନ୍ ଆରଓଆର୍‌ଟି କେଉଁଠାରେ ହଜି ଯାଇଅଛି । ଆମର ଯଥେଷ୍ଟ ଚେଷ୍ଟା ସତ୍ତ୍ୱେ ଏପର୍ଯ୍ୟନ୍ତ ଆମ୍ଭେ ତାହା ଖୋଜି ପାଇ ପାରିଲୁ ନାହିଁ । ଆମ୍ଭେ ଏହି ମୂଳ ଡକ୍ୟୁମେଣ୍ଟଗୁଡ଼ିକୁ ବନ୍ଧକ ରଖି କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନ କିମ୍ବା କୌଣସି ବ୍ୟକ୍ତିଙ୍କ ଠାରୁ ଋଣ ପ୍ରାପ୍ତ କରିନାହୁଁ । ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକୁ କୌଣସି ଉଦ୍ଦେଶ୍ୟରେ ଅପବ୍ୟବହାର କରନ୍ତି, ତେବେ ସେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ।

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 31.08.2026 Manjulat Sahoo W/o-Dasharathi Sahoo Resident of At-Baigunia(Odasahi) P.O- Baigunia P.S-Fategarh Dist-Nayagarh,PIN-752077 declare that I have changed my minor daughter's name from Mamali Sahoo to Pragnya Priyadarshini Sahoo Henceforth, she shall be known as Pragnya Priyadarshini Sahoo for all purposes.

Sd/- Manjulat Sahoo

**ସତ୍ୟପାଠ**

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ଢେଙ୍କାନାଳଙ୍କ ସମ୍ମୁଖରେ ତାରିଖ. ୨୮.୦୮.୨୦୨୬ରେ ଶପଥ ପୂର୍ବକ ସମ୍ପାଦିତ ହଲଫନାମା ନଂ ୫୧୫୧ ଅନୁସାରେ, ମୁଁ ଜେନାମଣି ପଦ୍ମସମ୍ଭବ ରାୟ, ବୟସ ପ୍ରାୟ ୨୫ ବର୍ଷ, ପିତା ଶ୍ରୀ ଜେନାମଣି ପ୍ରଦୀପ କୁମାର ରାୟ (ଜେ.ପି.କେ. ରାୟ) ଓ ମାତା ଶ୍ରୀମତୀ ଗାୟତ୍ରୀ ପ୍ରଧାନ, ସ୍ଥାୟୀ ଠିକଣା – 202/A, ୱାର୍ଡ ନଂ ୦୩, ଲଳିତ ନଗର, କୁଞ୍ଜକାନ୍ତ ପୋଖରୀ ଇଷ୍ଟ, ପୋ/ ଜିଲ୍ଲା–ଢେଙ୍କାନାଳ, ଓଡ଼ିଶା (ଭାରତ)-୭୫୯୦୦୧, ଏହି ମର୍ମରେ ଘୋଷଣା କରୁଛି ଯେ, ମୁଁ ମୋର ନାମ "ଜେନାମଣି ପଦ୍ମ ସମ୍ଭବ ରାୟ" ଠାରୁ ପରିବର୍ତ୍ତନ କରି "ଜେନାମଣି ପଦ୍ମସମ୍ଭବ ରାୟ" ରଖିଛି । ଏହାପରେ ସମସ୍ତ ପ୍ରକାର କାନୁନି, ସରକାରୀ, ଶିକ୍ଷାଗତ, ଆର୍ଥିକ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟରେ ମୁଁ "ଜେନାମଣି ପଦ୍ମସମ୍ଭବ ରାୟ" ନାମରେ ପରିଚିତ ହେବି ।

ସ୍ୱାକ୍ଷର - ଜେନାମଣି ପଦ୍ମସମ୍ଭବ ରାୟ

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 31.08.2026 I,Radha Naik W/o -Padmalochan Nahak Resident of village-Haripur P.O- Bahadajhola P.S- Odagaon Dist-Nayagarh,PIN-752082 declare that I have changed my name from Bajeni Naik to Radha Naik Henceforth, I shall be known as Radha Naik for all purposes.

Sd/- Radha Naik

**AFFIDAVIT**

By virtue of an affidavit sworn before Notary Public, Bhubaneswar, 01/09/2026 I, Mecial Lta, AddressAt- Loco Colony, Po- Jatani, Ps- Jatani, Dist, Khordha, Odisha, Pin-752050 declare that I have changed my name from Michael Lata to Mecial Lata. Henceforth, I shall be known as **Mecial Lata** for all purposes.

Mecial Lata

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 31.08.2026 Ramamani Sahoo W/o-Rabindra Kumar Sahoo Resident of At-Baigunia P.O- Baigunia P.S-Fategarh Dist-Nayagarh,PIN-752077 declare that I have changed my minor Son's name from Rajakiswara Sahoo to Rajakishore Sahoo Henceforth, he shall be known as Rajakishore Sahoo for all purposes.

Sd/- Ramamani Sahoo

**ଡକ୍ୟୁମେଣ୍ଟ ହଜିଯାଇଛି**

ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ନିକଟରେ ତା୦୧.୦୯.୨୦୨୬ରିଖର ଏକ ସତ୍ୟପାଠ ବଳରେ, ମୁଁ "ପ୍ରଶାନ୍ତ କୁମାର ରାଉତରାୟ", ବୟସ ପ୍ରାୟ ୪୫ ବର୍ଷ, ପିତା- ରାମ ଚନ୍ଦ୍ର ରାଉତରାୟ, ବାସସ୍ଥାନ- ସା: କୁଞ୍ଜଗଡ଼, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୪, ଆଧାର ନଂ.: ୪୮୭୫ ୦୬୧୦ ୨୪୨୨, ଏତଦ୍‌ଦ୍ୱାରା ଜଣାଇଦେଉଛି ଯେ, ତା୨୯.୦୮.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ପୂର୍ବାହ୍ନ ୧୧.୦୦ ଘଟିକା ମଧ୍ୟରେ ମୁଁ ଦାରୁଠେଙ୍ଗରୁ ବାରଙ୍ଗ ଯାଉଥିବା ସମୟରେ, ଦାରୁଠେଙ୍ଗ ମୌଜାର ଖାତା ନଂ.: ୮୦୧/୫୧୧ ସମ୍ବନ୍ଧିତ ମୋର ସମ୍ପତ୍ତିର ମୂଳ ବିକ୍ରୟ ଦଲିଲ ଯାହାର ପଞ୍ଜୀକୃତ ନଂ. ୧୧୧୩୨୫୦୭୩୧୪, ତା.୦୮.୧୦.୨୦୨୪ ଏବଂ ମୂଳ ରେକର୍ଡ ଅଫ୍ ରାଇଟ୍ (ଆରଓଆର)ଟି କେଉଁଠାରେ ହଜି ଯାଇଛି । ମୋର ଯଥେଷ୍ଟ ଚେଷ୍ଟା ସତ୍ତ୍ୱେ ଏପର୍ଯ୍ୟନ୍ତ ମୁଁ ତାହା ଖୋଜି ପାଇଲି ନାହିଁ ।

ପ୍ରଶାନ୍ତ କୁମାର ରାଉତରାୟ
ମୋବାଇଲ ନଂ.: ୯୧୨୮୭୨୧୫୬୦୧

**ରାଞ୍ଚି ଡିଭିଜନରେ ଟ୍ରେନଗୁଡ଼ିକର ଏସଏଲ୍‌ଆର ପାଇଁ ଇ-ନିଲାମ**

ନଂ: ସି/ଆର୍‌ଏନସି/ଇ-ନିଲାମ/୨୦୨୬ ତାରିଖ: ୩୧.୦୮.୨୦୨୬

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପାଇଁ ରାଞ୍ଚିସ୍ଥିତ ଦ.ପୂ.ରେଳପଥର ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର ରାଞ୍ଚି ଡିଭିଜନରେ ଇ–ନିଲାମ ଆହ୍ୱାନ କରୁଛନ୍ତି । ଏହି କ୍ୟାଟାଲଗ୍ ପୂର୍ବରୁ ଆଇଆରଇପିଏସ ୱେବସାଇଟରେ ପ୍ରକାଶିତ ହୋଇଛି । ବିବରଣୀ ନିମ୍ନରେ ଦିଆଯାଇଛି: ବର୍ଗ: ପାର୍ସଲ । କ୍ୟାଟାଲଗ୍ ନଂ:ଆରଏନସି–ପାର୍ସଲ ୧୬ । ସମ୍ପତ୍ତି ବିବରଣୀ: ରାଞ୍ଚି ଡିଭିଜନରୁ ଆରମ୍ଭ ହେଉଥିବା ୧୫ ଟି ଯାତ୍ରୀ/ମେଲ୍ ଏକ୍ସପ୍ରେସ୍ ଟ୍ରେନ ଦ୍ୱାରା ଏସଏଲଆର କମ୍ପାର୍ଟମେଣ୍ଟ ଲିଜ୍ ପାଇଁ ୧୫ ଟି ସମ୍ପତ୍ତି ପାଇଁ ଇ–ନିଲାମ । ନିଲାମ ଆରମ୍ଭ: ୦୯.୦୯.୨୦୨୬ ରାତି ୧୦.୦୦ ଟାରେ । ନିଲାମ ବନ୍ଦ: ୦୯.୦୯.୨୦୨୬ ରାତି ୧୨.୫୦ ଘଟିକାରେ । ଟିପ୍ପଣୀ: ସମ୍ଭାବ୍ୟ ବିଡରମାନଙ୍କୁ ଆଇଆରଇପିଏସ ୱେବସାଇଟ୍ (www.ireps.gov.in) ରେ ଇ–ନିଲାମ ଲିଜ୍ ମଡ୍ୟୁଲ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି । ଇତ୍ୟାଦି ବିବରଣୀ ଉପରୋକ୍ତ କାଟାଲଗ୍ ଅନୁଯାୟୀ ଉପଲବ୍ଧ ।

ସିନିୟର ଡିଭିଜନାଲ୍ କମର୍ସିଆଲ୍ ମ୍ୟାନେଜର, ରାଞ୍ଚି

ଦକ୍ଷିଣ ପୂର୍ବ ରେଳପଥ
ଆମେ ହସଖୁସି ସହ ସେବା ପ୍ରଦାନ କରୁଛୁ
(PR-702)

**OFFICE OF THE BALESHWAR MUNICIPALITY, BALESHWAR.**

13001/1726/2627

No.6334 Date : 29.08.2026

**E-Procurement Notice**
**BID Identification No.BM_14_2026_27**

Bid Documents consisting of Work. Estimated Cost, Cost of Tender Paper. EMD. time of completion. Class of contractors and the set of terms and conditions of contract and other necessary documents can be seen in Govt. Website i.e. https:/ /tendersodisha.gov.in/nicgep/app

| | | | |
|---|---|---|---|
| 1. | Name of the Work | : | Civil works as mentioned in DTCN |
| 2. | No. of works | : | 01 No. |
| 3. | Estimated Cost | : | As per Work List |
| 4. | Tender Paper Cost | : | Rs. 6000/- each |
| 5. | Period of Completion | : | As per DTCN |
| 5. | Date and Time of Bidding | : | 31-08-2026 to 09-09-2026 |
| 6. | Last date and time for receipt | : | 09-09-2026 up to 5.00 pm |
| 7. | Bids received online shall be opened on | : | 10-09-2026 from 11.00 am onwards |
| 8. | Name and address of the Officer Inviting Bid | : | Executive Officer, Baleshwar Municipality |

Further details can be seen from the e-procurement portal i.e. https:// tendersodisha.gov.in/nicgep/app.

Sd/- Executive Officer
Baleshwar Municipality

OIPR : 13001/13154/1/26-27/0029

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RWS&S DIVISION, RAYAGADA**

25001/1060/2627

**E-mail - eerwssrgd@gmail.com, PHONE - 8280408061**

**NATIONAL COMPETITIVE BIDDING THROUGH E-Procurement**
**Tender Identification No: 02/RWSS/RGD/2026-27 Dated : 31.08.2026**

| | | | |
|---|---|---|---|
| 1. | Name of the Works | : | Construction of one No Section, Officer and one No Govt. Quarter for RWSS&S Division, Rayagada (As detailed in TCN) |
| 2. | No. of Works | : | **02 Nos.** |
| 3. | Estimated Cost | : | **Rs. 24.25 Lakhs to Rs. 32.50 Lakhs** |
| 4. | Tender Paper Cost | : | Rs. 6000/- each |
| 5. | Class of Contractor | : | 'C' or equivalent Class Contractor |
| 6. | Period of Completion | : | 06 (Six) Calendar Months |
| 7. | Critical dates | : | |

| Procurement Officer | Bid Identification No | Availability of tender Online for bidding | | Last Date of seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Rayagada | 02/RWSS/RGD/ 26-27 | 07.09.2026 at 11.00 Hours | 17.09.2026 up to 17.00 Hours | 10.09.2026 | 18.09.2026 At 11.00 Hours |

- Further details can be seen in the bidding documents, which is available in the e-procurement portal **https://www.tendersodisha.gov.in.**
- Subsequent corrigendum if required shall be appeared in the website.
- Authoity reserves the right to reject any or all tenders without assigning any reason thereof.

Sd/- Executive Engineer
RWS&S Division, Rayagada

OIPR : 25001/25007/1/26-27/0002

**OFFICE OF THE DEPUTY DIRECTOR, GEOLOGY**
**GROUND WATER DEVELOPMENT DIVISION, KATAKA**
**1st FLOOR OF SURVEY AND MAP PUBLICATION OFFICE, BADA JOBRA, COLLEGE SQUARE, KATAKA-753003**
**email-srgeologistcuttack@gmail.com. Phone No-0671-2954096**

32001/777/2627

**INVITATION FOR BIDS (IFB)**

**e-Procurement Notice : 903** **Date: 29.08.2026**

Deputy Director Geology, GWD Division, Kataka on behalf of Governor of Odisha invites bids from bidders Class "D" and "C" registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work. Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal "**www.tendersodisha.gov.in**".

| Sl. No. | Name of the work | Est. cost (in lakh) (Excl. GST) | EMD / Bid security (in Rs.) (Online) | Cost of Document (in Rs.) (Online) | Class of bidder | Period of Comple-tion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of 06 nos RRHS in Jagatsinghpur Block of Jagatsinghpur Dist. under CHHATA Scheme during FY 2026-27 | 15.45 | 15500 | 6,000/- | 'D' & 'C' | 60 Days |
| 2 | Construction of 06 Nos. of Recharge Shaft cum Monitoring Station in Pattamundai Block of Kendrapada District during FY : 2026-27 | 10.45 | 10500 | 6,000/- | 'D' & 'C' | 60 Days |

Start Date of availability of bid document online: 01.09.2026 from 11.00 AM
Last Date of availability of bid document online: 20.09.2026 up to 05.00 PM
Last date and time for receipt of bid document: 20.09.2026 up to 05.00 PM
Date and Time of opening of bid document: 21.09.2026 from 11.00 AM
Date of Lottery (if required): Will be intimated later.

Sd/- Deputy Director, Geology,
G.W.D. Division, Kataka

OIPR : 32001/32464/1/26-27/0002

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARAGADA**

**RFP Ref No. -CDM & PHO/SNG/2026-27/01, Dated 01-09-2026**

**10001/495/2627** : The CDM&PHO, Sundaragada, invites proposals from eligible agencies/firms for **"Operation and Management of Maa Gruha (Maternity Waiting Home) under DMF Fund, Sundaragada."** The detailed Request for Proposal (RFP) has been uploaded on the official district website of Sundaragada, i.e., **www.sundaragada.odisha.gov.in**. Interested firms/agencies may submit their proposals in **offline mode** through **Speed Post/Courier only**, the last date for receipt of bids is **21-09-2026 up to 5:00 P.M.**

Further, the previous RFP, vide **RFP No. CDM&PHO/SNG/ 2025-26/01 dated 18-07-2025**, is hereby cancelled.

For detailed information, terms and conditions, and the RFP document, interested agencies/firms may visit the official district website of Sundaragada, www.sundaragada.odisha.gov.in.

The undersigned reserves the right to cancel the bid process at any stage without assigning any reason and without prior notice.

Sd/- CDM&PHO,
Sundargada

OIPR : 10001/10100/1/26-27/0009

**OFFICE OF THE PANCHAYAT SAMITI, SARASKANA**
At/P.o.- Saraskana, Dist.-Mayurbhanj, Odisha
E-Mail : ori-saraskana@nic.in

19001/231/2627

Letter No. 2874/Date : 31.08.2026

**PANCHAYAT SAMITI, SARASKANA**

**TENDER CALL NOTICE**

**BDO, Saraskana invites sealed tender on behalf of Govt, of Odisha for the following works in Conformity with the DTCN.**

**BID Identification No. 3/2026-27/BDO,SARASKANA**

**Name of the work :**

1. Construction of Kalyan Mandap at Jiiarpokharia under Saraskana Block(CIVIL + PH + EI-COMPOSITE TENDER
2. Construction of Additional Class Room (ACR) of Chandra Mohan High School at Dighi in Paktia GP
3. Construction of Additional Class Room (ACR) of Kasidihi Primary School in Pokhariidha GP
4. Construction of Additional Class Room (ACR) of Ghuma Primary School in Sankhabhanga GP
5. Construction of Additional Class Room (ACR) of Sankhabhanga Primary School in Sankhabhanga GP

| | | |
|---|---|---|
| Date of Receipt of Tender | : | 01.09.2026, 10.00 A.M to 21.09.2026, 5.00 PM via Drop Box at Block Office. |
| Date of Opening of Tender | : | 22.09.2026,11.00 A.M in the Conference Hall of BDO, Saraskana. |
| Terms and Conditions | : | Details of the Tender Call Notice can be downloaded from the official website of the district (**www.mayurbhanj.nic.in**) from 01.09.2026, 10.00 A.M to 21.09.2026,5.00 PM. All the terms and conditions can be seen from the above website. |

Sd/- Block Development Officer
Saraskana

OIPR : 19001/19352/1/26-27/0003



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୬୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

# ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଲେ ବିଜୟ କୁମାର ମିଶ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ରେଳ ଆକାଉଣ୍ଟସ ସର୍ଭିସ୍ ର ୧୯୯୧ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ବିଜୟ କୁମାର ମିଶ୍ର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଇଛନ୍ତି। ରେଳ ଆର୍ଥିକ ପରିଚାଳନା, ପ୍ରକଳ୍ପ ପରିଚାଳନା, ଟ୍ରେନ୍ ପରିଚାଳନା ଓ ପ୍ରଶାସନ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ଶ୍ରୀ ମିଶ୍ର ଭାରତୀୟ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ସେ ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ପଦରେ ସେ ଆକାଉଣ୍ଟସ, ଫାଇନାନ୍ସ, ବଜେଟ୍ ପରିଚାଳନା ଏବଂ ଆଭ୍ୟନ୍ତରୀଣ ଅଡିଟ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନେତୃତ୍ୱ ଦେଉଛନ୍ତି। ପୂର୍ବତଟ ରେଳପଥ ଭାରତୀୟ ରେଳବାଇର ସର୍ବାଧିକ ଆୟକାରୀ ଜୋନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ।

ଏହାପୂର୍ବରୁ ଶ୍ରୀ ମିଶ୍ର ଉତ୍ତର-ପୂର୍ବାଞ୍ଚଳ ସୀମାନ୍ତ ରେଳବାଇର ତିନସୁକିଆ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଂ ମଣ୍ଡଳରେ ସେ ସଫଳତାର ସହ ପ୍ରଶାସନିକ ଓ ପରିଚାଳନାଗତ ଦାୟିତ୍ୱ



ନିର୍ବାହ କରିଥିଲେ। ଡେପୁଟେସନ୍ ସମୟରେ ସେ ଇରକନ୍ ଇଣ୍ଟରନ୍ୟାସନାଲ ଲିମିଟେଡ୍‌ର କୁଆଲାଲାମ୍ପୁର (ମାଲେସିଆ) ପ୍ରକଳ୍ପରେ ପ୍ରୋଜେକ୍ଟ ଫାଇନାନ୍ସ ହେଡ୍ ଭାବେ କାର୍ଯ୍ୟ କରି ଆନ୍ତର୍ଜାତୀୟ ସ୍ତରର ବୃହତ୍ ରେଳ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନାରେ ନେତୃତ୍ୱ ପ୍ରଦାନ କରିଥିଲେ।

ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ, ଶ୍ରୀ ମିଶ୍ର ଆଇଆଇଟି (ଆଇଏସ୍‌ଏମ୍), ଧନବାଦରୁ ଆପ୍ଲାଏଡ୍ ଜିଓଲୋଜିରେ ପୋଷ୍ଟଗ୍ରାଜୁଏଟ୍ ଡିଗ୍ରୀ ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଲି କୁଆନ୍ ୟୁ ସ୍କୁଲ୍ ଅଫ୍ ପବ୍ଲିକ ପଲିସିରୁ ପବ୍ଲିକ ପଲିସିରେ ମାଷ୍ଟର୍ସ (ଏମ୍‌ପିପି) ହାସଲ କରିଛନ୍ତି। ଏହା ସହିତ ସେ ଲଣ୍ଡନ ଓ ପ୍ୟାରିସର ୟୁରୋପୀୟ ସ୍କୁଲ୍ ଅଫ୍ ବିଜନେସରେ ଆର୍ଥିକ ପରିଚାଳନା ଏବଂ ଚୀନର ବେଜିଂ ଜିଆଓଟୋଙ୍ଗ ବିଶ୍ୱବିଦ୍ୟାଳୟରେ ହେଭି ହଲ୍ ରେଳ ଟେକ୍ନୋଲୋଜି ଉପରେ ଉନ୍ନତ ବୃତ୍ତିଗତ ପ୍ରଶିକ୍ଷଣ ମଧ୍ୟ ଗ୍ରହଣ କରିଛନ୍ତି। ଆର୍ଥିକ ପରିଚାଳନା, ରେଳ ପ୍ରଶାସନ, ପ୍ରମୁଖ ରେଳ ପ୍ରକଳ୍ପ ଏବଂ ପରିଚାଳନା କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ପୂର୍ବତଟ ରେଳପଥର କାର୍ଯ୍ୟକ୍ଷମତା, ଆର୍ଥିକ ପରିଚାଳନା ଏବଂ ପ୍ରଶାସନିକ ଦକ୍ଷତାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ମେରଦା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମେରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ମାଳତୀ ହେମ୍ବ୍ରମ ସଭାପତିତ୍ୱ ଭାବେ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମନୋରଞ୍ଜନ ଦାସ ,କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ. ମନ୍ଦାକିନୀ ସାହୁ ମୁଖ୍ୟବକ୍ତା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମେରଦାର ହିନ୍ଦୀ ଶିକ୍ଷକ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ସମସ୍ତ ଅତିଥି ସଂସ୍କୃତଭାଷାର ବ୍ୟାବହାରିକ ଦିଗ ସମ୍ପର୍କରେ ସୁନ୍ଦର ତଥ୍ୟ ଉପସ୍ଥାପନ କରିଥିଲେ । ଶ୍ରୀମଦ ଭଗବି ଗୀତାର ମାହାତ୍ମ୍ୟ ,ଲୋକମାନଙ୍କ ଚଳଣିରେ ସଂସ୍କୃତର ବ୍ୟାପକତାକୁ ଅତିଥିଗଣ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ ।

### ବେଦାନ୍ତ ଆଲୁମିନିୟମ ରାୟଗଡ଼ା ଏବଂ କଳାହାଣ୍ଡିରେ

# ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଉଛି

ଭୁବନେଶ୍ୱର, (ସବ୍ୟୁ): ଦୁର୍ଗମ ଗ୍ରାମରେ ରହୁଥିବା ପରିବାରଗୁଡ଼ିକ ପାଇଁ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବା ଅନେକ ସମୟରେ ଏକ ଆହ୍ୱାନ ହୋଇ ରହିଛି। ବେଦାନ୍ତ ଆଲୁମିନିୟମରେ, ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠୀ କଲ୍ୟାଣ ଦୀର୍ଘ ଦିନ ଧରି ଏହାର ବିକାଶ ପ୍ରୟାସର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଲାଞ୍ଜିଗଡ଼ରେ ଏହି ଅଞ୍ଚଳର ସବୁଠାରୁ ବିଶ୍ୱସନୀୟ ସ୍ୱାସ୍ଥ୍ୟସେବା ପରିବେଶ ସୃଷ୍ଟି କରିବାର ଅଭିଜ୍ଞତାକୁ ଆଧାର କରି କମ୍ପାନୀ ପ୍ରାଥମିକ ଯତ୍ନ, ଜରୁରୀକାଳୀନ ପ୍ରତିକ୍ରିୟା, ବିଶେଷଜ୍ଞ ପରାମର୍ଶ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପଦକ୍ଷେପକୁ ସମନ୍ୱିତ କରୁଥିବା ଏକ ସାମଗ୍ରିକ ଆଭିମୁଖ୍ୟ ମାଧ୍ୟମରେ ରାୟଗଡ଼ା ଏବଂ କଳାହାଣ୍ଡିର ସିଜିମାଳି ଏବଂ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିରେ ଏହାର ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରସାରକୁ ବିସ୍ତାର କରୁଛି।

୨୦୨୬ ମସିହା ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ବେଦାନ୍ତର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମ୍‌ଏଚୟୁ) ରାୟଗଡ଼ା ଏବଂ କଳାହାଣ୍ଡି ଅଞ୍ଚଳରେ ୨୨୫ଟି ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ୱାସ୍ଥ୍ୟସେବାକୁ ସିଧାସଳଖ ଦୁର୍ଗମ ଅଞ୍ଚଳର ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇଥିଲା। ରାୟଗଡ଼ାରେ




୮୫ଟି ଏମ୍‌ଏଚୟୁ ଶିବିର ୨୫୫୮ ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିବା ବେଳେ କଳାହାଣ୍ଡିରେ ୧୪୦ଟି ଶିବିର ଅନେକ ସମ୍ବେଦନଶୀଳ ଗାଁର ୨୯୩୬ ଲୋକଙ୍କୁ ଉପକୃତ କରିଛି। ମିଳିତ ଭାବେ, ଏହି ପ୍ରୟାସଗୁଡ଼ିକ ୫୪୯୪ ରୋଗୀମାନଙ୍କୁ ଡାକ୍ତରୀ ପରାମର୍ଶ, ମୌଳିକ ନିଦାନ ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଥିଲା, ଯାହା ଗ୍ରାମୀଣ ପରିବାର ପାଇଁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିଥିଲା।

ବେଦାନ୍ତ-ସମର୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ଏହି ସେବା ଗୁଡ଼ିକର ପରିପୂରକ, ଯାହା ଘର ନିକଟରେ ଦିନରାତି ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ। ରାୟଗଡ଼ାର ପିଏଚସି ସୁଙ୍ଗେରରେ ୨୦୨୬ ମଇ ମାସରୁ ଜୁଲାଇ ମାସ ମଧ୍ୟରେ ମୋଟ ୨୫୬୩ ରୋଗୀ ସ୍ୱାସ୍ଥ୍ୟସେବାର ଲାଭ ଉଠାଇଥିଲେ। ଚିକିତ୍ସା ବ୍ୟତୀତ, ବେଦାନ୍ତ ଆଲୁମିନିୟମ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ସଚେତନତା ଉପରେ ଗୁରୁତ୍ୱ ଦେଇଥାଏ। ସୁଙ୍ଗେର, ଲଦାଖମାଳ, ଡୁମେରପାଦର, ମହାଜଳ, ତାରାମୁଣ୍ଡି ଏବଂ ମେଲଘାରା ସମେତ ବିଭିନ୍ନ ଗ୍ରାମରେ ଆୟୋଜିତ ମ୍ୟାଲେରିଆ ଏବଂ ଡେଙ୍ଗୁ ସଚେତନତା ଅଭିଯାନ ରାୟଗଡ଼ା ଏବଂ କଳାହାଣ୍ଡିର ୨୨୦ ଗୋଷ୍ଠୀ ସଦସ୍ୟ ଏବଂ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ରୋଗ ନିବାରଣ, ଶୀଘ୍ର ଚିହ୍ନଟ ଏବଂ ସ୍ୱାସ୍ଥ୍ୟଗତ ଆଚରଣ ବିଷୟରେ ପ୍ରଶିକ୍ଷିତ କରିଥିଲା।

### ସାହେବଜାଦା ବଜାର ଭାଗବତ ଗାଦି ପୂଜା ମଣ୍ଡପ

# ନବୀକରଣ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର): କଟକ ସାହେବଜାଦା ବଜାରସ୍ଥିତ ଭାଗବତ ଗାଦି ପୂଜା ମଣ୍ଡପର ନବୀକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ଏହି ପୂଜା ମଣ୍ଡପର ନବୀକରଣ ପାଇଁ ସ୍ଥାନୀୟ ଜନସାଧାରଣ ବିଧାୟିକାଙ୍କୁ ପୂର୍ବରୁ ଅନୁରୋଧ କରିଥିଲେ। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବିଧାୟିକା ତୁରନ୍ତ ଏହି କାର୍ଯ୍ୟ ପାଇଁ ନିଜ ଉନ୍ନୟନ ପାଣ୍ଠି (ଏମଏଲଏ ଲ୍ୟାଡ)ରୁ ଅର୍ଥ ମଞ୍ଜୁର କରିଥିଲେ । ଶିଳାନ୍ୟାସ ଅବସରରେ ବିଧାୟିକା ସ୍ଥାନୀୟ ଅଞ୍ଚଳବାସୀ ଓ ପୂଜା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ମଣ୍ଡପର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ସହ ଏହାର ଗୁଣବତ୍ତା ଓ ଉଚ୍ଚମାନ ବଜାୟ ରଖିବା ପାଇଁ ସେ ଗୁରୁତ୍ୱାରୋପ



କରିଛନ୍ତି । ଏହି ଶିଳାନ୍ୟାସ ଉତ୍ସବରେ ସାହେବଜାଦା ବଜାର ପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ଶେଠୀ, ଏକ୍ରାମ ହୁସେନ, ହରେକୃଷ୍ଣ ବେହେରା, କମଳେଶ ସାଗର, ଲକ୍ଷ୍ମୀଧର ମହାପାତ୍ର, ଅକ୍ଷୟ ସାହୁ, ବଳରାମ ଶେଠୀ, ଶିବ ଶେଠୀ, ସହିଲ ପରଭେଜ, ମୀରା ବେହେରା, ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାଘ କାମୁଡାରେ ନନ୍ଦନକାନନ କର୍ମଚାରୀ ଆହତ

ବାରଙ୍ଗ, (ସବ୍ୟୁ): ନନ୍ଦନକାନନରେ ପୁଣି ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନବାଚୀ । ଚିତାବାଘ ଏନକ୍ଲୋଜରରେ କାମ କରୁଥିବା ଜଣେ ଅସ୍ଥାୟୀ କର୍ମଚାରୀ ରଞ୍ଜିତ ବେହେରା ଙ୍କୁ ବାଘ କାମୁଡି ଦେଇଥିବା ଅଭିଯୋଗ ହୋଇଛି । ଆହତ କର୍ମଚାରୀଙ୍କ ଆଙ୍ଗୁଠିରେ ଗଭୀର କ୍ଷତ ହୋଇଛି ଏବଂ ତାଙ୍କୁ ରାତି ଅଧରେ ହସ୍ପିଟାଲ ନିଆଯାଇଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଘଟଣାକୁ ହାଲୁକା କରିବାକୁ ଚେଷ୍ଟା କରିଛନ୍ତି । ବାଘ କାମୁଡି ନାହିଁ, କେବଳ ନଖ ଲାଗି ସାମାନ୍ୟ ଆଘାତ ହୋଇଛି, ଡ୍ରେସିଂ ପାଇଁ ହସ୍ପିଟାଲ ନିଆଯାଇଛି ବୋଲି ସେ ବୟାନ ଦେଇଛନ୍ତି । ହେଲେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ନନ୍ଦନକାନନ ଉପ-ନିର୍ଦ୍ଦେଶକ ଯେଉଁ ବୟାନ ଦେଇଛନ୍ତି, ତାହା ସନ୍ଦେହ ଘେରକୁ ଆହୁରି ବଢାଇ ଦେଇଛି । ମଙ୍ଗଳବାର ଅପରାହ୍ନ ସାଢ଼େ ୪ରେ କଲରପତରିଆ ବାଘ ରହୁଥିବା ୧୦ କ୍ୱାରେଟାଇନିରେ ବାଘକୁ ଖାଇବାକୁ ଦେବା ବେଳେ କେଜର ଖିଡ଼ିକି ଜାମ ହୋଇଥିଲା । ଏହି ସମୟରେ କର୍ମଚାରୀଙ୍କ ଆଙ୍ଗୁଠିକୁ ବାଘ କାମୁଡି ଦେଇଥିଲା । ଆହତ ଅବସ୍ଥାରେ ତାଙ୍କୁ ସଙ୍ଗେ ସଙ୍ଗେ ନନ୍ଦନକାନନ ଭିତରୁ ବାହାରକୁ ଅଣାଯାଇ ସ୍ଥାନୀୟ ଏକ ଘରୋଇ କ୍ଲିନିକ ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି ରଞ୍ଜିତ । ଯଦି କେବଳ ନଖ ଲାଗିଥିଲା ତେବେ କାହିଁକି ରାତି ଅଧରେ ତରବରିଆ ଭାବେ ହସ୍ପିଟାଲ ନିଆଗଲା? ସତକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି କି? ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ବୟାନ ପରେ ଏବେ ସନ୍ଦେହ ଆହୁରି ଘନୀଭୂତ ହୋଇଛି । ଏହି ଘଟଣା ପରେ ନନ୍ଦନକାନନର ପରିଚାଳନା ବ୍ୟବସ୍ଥା ଉପରେ ପୁଣି ଥରେ ଆଙ୍ଗୁଠି ଉଠିଛି ।

# ଆମ ବସ୍ ଯାତ୍ରୀଙ୍କ ଠାରୁ ୧୪ ହଜାର ଟଙ୍କା ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : କିଛିଦିନ ବିରାମ ପରେ ଲୁଟେରାମାନେ ଆମବସ୍‌ରେ ସକ୍ରିୟ ହୋଇଛନ୍ତି । ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏମ୍ସରୁ ବରମୁଣ୍ଡା ଆସୁଥିବା ଆମ ବସ୍ ଯାତ୍ରୀଙ୍କ ବ୍ୟାଗରୁ ୧୪ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଯେଉଁ ଯାତ୍ରୀଙ୍କ ଠାରୁ ଟଙ୍କା ଲୁଟ୍ ହେଲା ସେ ବସ୍‌ରୁ ଓହ୍ଲାଇବା ବେଳେ ଜାଣିଥିଲେ । ବସ୍ କର୍ମଚାରୀଙ୍କୁ କହିବା ସହ ପୋଲିସକୁ ଫୋନ୍ କରିଥିଲେ । ବାଟରେ ବସ୍‌କୁ ଅଟକାଇ ସବୁ ଯାତ୍ରୀଙ୍କୁ ,ରଆମବସ୍ କର୍ମଚାରୀ, ଲୁଟ୍‌ର ଶିକାର ହୋଇଥିବା ଯାତ୍ରୀ ଓ ପୋଲିସ ଯାଞ୍ଚ କରିଥିଲେ ମଧ୍ୟ ଲୁଟ୍ ସମ୍ପର୍କରେ ସନ୍ଧାନ ମିଳିନଥିଲା । ବସ୍‌କୁ ଅଟକାଇ ଯାଞ୍ଚ କରାଯିବା ସମୟରେ ହୁଏତ ଲୁଟେରା ଖସିଯିବାରେ ସମର୍ଥ ହୋଇଛି । ବସ୍‌ରେ ଲାଗିଥିବା କ୍ୟାମେରାକୁ ଯାଞ୍ଚ କରାଯିବା ପରେ ଲୁଟ୍ ସମ୍ପର୍କରେ ସ୍ପଷ୍ଟ ଜଣାପଡିବ । ଆମ ବସ୍‌ରେ କୃତ୍ରିମ ଗହଳି ସୃଷ୍ଟି କରି ମହିଳା ଲୁଟେରାମାନେ ଲୁଟ୍‌ପାଟ କରୁଥିଲେ । ସେମାନଙ୍କ ମଧ୍ୟରୁ ନୂଆପଲ୍ଲୀ ଥାନା ୧୬ଜଣଙ୍କୁ, ବଡଗଡ ଥାନା ଓ ଲକ୍ଷ୍ମୀସାଗର ଥାନା କେତେକ ମହିଳା ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଆମବସ୍‌ରୁ ଲୁଟ୍‌ପାଟ କମିଥିଲା । ଆଗକୁ ପାର୍ବଣ ଆସୁଥିବାରୁ ପୁଣି ଲୁଟେରାମାନେ ଆମ ବସ୍ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସକ୍ରିୟ ହୋଇ ଲୁଟ୍‌ପାଟ କଲେଣି । ଆମବସ୍‌କୁ ୩୦ ମିନିଟ୍ ଅଟକାଇ ଯାତ୍ରୀମାନଙ୍କୁ ତନ ତନ କରି ଯାଞ୍ଚ କରାଯିବାକୁ ନେଇ କେତେକ ଯାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଖଣ୍ଡଗିରି ଥାନା ପୋଲିସ ଲୁଟ୍‌ର ଶିକାର ହୋଇଥିବା ଯାତ୍ରୀଙ୍କ ଠାରୁ ଅଭିଯୋଗ ଗ୍ରହଣ କରି ତଦନ୍ତ କରୁଛି ।

# ଏଲ୍ଆଇସି କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ

କଟକ, (ସ୍ୱପ୍ର) : ୧୯୫୬ ମସିହାରେ ପ୍ରତିଷ୍ଠା ହୋଇଥିବା ଜୀବନ ବୀମା ନିଗମ ସେପେଫମ୍ବର ପହିଲା ୨୦୨୬ ରେ ୭୧ ବର୍ଷରେ ପଦାର୍ପଣ କରିଛି । ଏହି ଅବସରରେ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ମଙ୍ଗଳବାର ବୀମା ସପ୍ତାହ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଉଦଘାଟନୀ ବକ୍ତବ୍ୟରେ ଏଲଆଇସି ଓ କଟକ ମଣ୍ଡଳ ସମ୍ପର୍କରେ ସେ ଅନେକ




ରୋଚକ ତଥ୍ୟ ଅବଗତ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିଗମର ଅବସରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତାପସ ରଞ୍ଜନ ମଲ୍ଲିକ ଯୋଗଦେଇ ଏଲଆଇସିର ଅଗ୍ରଗତି ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଦେଶବ୍ୟାପୀ ସମୁଦାୟ ୧୧୩ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ଅନ୍ୟତମ । ଯାହାକି ୧୯୫୬ ଜାତୀୟକରଣ ଦିବସରୁ କାର୍ଯ୍ୟରତ । ଓଡିଶାର ୧୦ ଜିଲ୍ଲାକୁ ନେଇ କଟକ ମଣ୍ଡଳର ଭୌଗଳିକ ସୀମା ପରିବ୍ୟାପ୍ତ । ପାଟଣା ସ୍ଥିତ ପୂର୍ବମଧ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ୧୧ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ସବୁ କ୍ଷେତ୍ରରେ ଅଗ୍ରଣୀ । ଯେଉଁଥିରେ ୧୯ ଟି ଶାଖା, ୨୮ ଟି ସାଟେଲାଇଟ୍ ଅଫିସ, ଗୋଟିଏ କଷ୍ଟମର ଜୋନ୍ ଓ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ରହିଛି । କଟକ ମଣ୍ଡଳରେ ସମସ୍ତ ଶ୍ରେଣୀର ମୋଟ୍ କର୍ମଚାରୀ ମିଶି ୧୦୯୬ ଜଣ ଥିବାବେଳେ ୨୫୪୭୮ ଜଣ ଅଭିକର୍ତ୍ତା କାର୍ଯ୍ୟରତ ଅଛନ୍ତି । ଗୌରବର ବିଷୟ କଟକ ମଣ୍ଡଳ ୨୦୨୫-୨୬ ଆର୍ଥୀକ ବର୍ଷରେ ୪୧୬୬୭୨ଟି ନୂତନ ପଲିସି କରି ସର୍ବଭାରତୀୟ ସ୍ତରରେ ୩ୟ ସ୍ଥାନ ହାସଲ କରିଛି । ତତ୍ ସହିତ ୧୦୨୫ କୋଟି ଟଙ୍କାର ନୂତନ ପ୍ରିମିୟମ ଆୟ କରି ଜୋନରେ ପ୍ରଥମ ସ୍ଥାନ ଓ ସର୍ବଭାରତୀୟ ସ୍ତରରେ ଅଷ୍ଟମ ସ୍ଥାନରେ ରହିଛି । ଅନୁରୂପ ଭାବରେ ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପଲିସି ଅବଧି ଦାବୀ ୯୨.୧୯ ପ୍ରତିଶତ ସମାଧାନ କରି ୨୬୫୮.୯୯ କୋଟି ଟଙ୍କା ଓ ମୃତ୍ୟୁକାଳୀନ ଦାବୀ ୯୯.୯୬ ପ୍ରତିଶତ ସମାଧାନ କରି ୨୩୯.୩୧ କୋଟି ଟଙ୍କା ବୀମାଧାରୀଙ୍କୁ ପ୍ରଦାନ କରିଛି । ଏହି ଉତ୍ସବରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକଙ୍କ ସହ ବିପଣନ ପ୍ରବନ୍ଧକ ବିଶ୍ୱ ରଞ୍ଜନ ଜାଲି ଓ ସୁବ୍ରତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ହାଇଟେକ୍‌ରେ ବିରଳ ଅସ୍ତ୍ରୋପଚାର

# ୭ ଘଣ୍ଟାର ଅପରେସନ୍-ବଞ୍ଚିଗଲା ଜୀବନ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ହସ୍ପିଟାଲ୍‌ରେ ବିରଳ ଅସ୍ତ୍ରୋପଚାର କରାଯାଇ ଜଣେ ରୋଗୀକୁ ମୃତ୍ୟୁ ମୁଖରୁ ଫେରାଇ ଅଣାଯାଇପାରିଛି ଓ ଗଞ୍ଜାମ ଅଞ୍ଚଳର ଜଣେ ରୋଗୀ ନା ସୁରଜ ନାୟକ, ପେଶାରେ ଜଣେ ଡ୍ରାଇଭର ଓ ଅନେକ ଦିନ ହେଲା ଛାତି, ପିଠି ଓ ବେକରେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ ଓ କଟକ ବଡଡାକ୍ତରଖାନାରେ ଭର୍ତ୍ତି ହେବାପରେ, ରୋଗ ଚିହ୍ନଟ ହେଲା ସତ, ହେଲେ ଅସ୍ତ୍ରୋପଚାର ହୋଇପାରିଲାନାହିଁ ଓ ବିଳମ୍ବିତ ରାତିରେ ହାଇଟେକ୍ ମେଡିକାଲ୍ କଲେଜରେ ଭର୍ତ୍ତି ହେଲେ ସୁରଜ । ବିଭିନ୍ନ ପରୀକ୍ଷା, ସିଟିସ୍କାନ୍, ଇସିଜି, ଆଞ୍ଜିଓ କରିବା ପରେ ଜଣା ପଡିଲା ଯେ, ରୋଗୀର ହାର୍ଟର ମୁଖ୍ୟ ଧମନୀରେ ଫାଟ ରହିଛି, ଯେଉଁଥିରୁ ରକ୍ତ କ୍ଷରଣ ହୋଇ, ହାର୍ଟ ଉପରେ ପ୍ରବଳ ଚାପ ସୃଷ୍ଟି କରୁଛି ଓ ଏଭଳି ସର୍ଜରୀ କରିବା ପୂର୍ବରୁ ପ୍ରଥମେ ରକ୍ତଭଣ୍ଡାର ଅକ୍ଷକଙ୍କୁ ରକ୍ତ ଓ ପ୍ଲାଜମା ମିଶାଇ ୨୫ ୟୁନିଟ ସଂରକ୍ଷିତ ରଖିବାକୁ କୁହାଯାଇଥିଲା ଓ ହୃଦରୋଗ ବିଭାଗ, ନିଶ୍ଚେତକ ବିଭାଗ,ସର୍ଜରୀ ବିଭାଗ,ଓଟି



ଟିମ୍ କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା ଓ ଡାକ୍ତର ରିତେଶ ଆଚାର୍ଯ୍ୟ, ଡାକ୍ତର ଶ୍ୱେତାଙ୍କ ଦାଶ,ଡାକ୍ତର ସ୍ମୃତି ପ୍ରକାଶ ସାହୁ, ଡାକ୍ତର ସତ୍ୟ ସ୍ୱରୁପ ପଟ୍ଟନାୟକ ଟିମ୍ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଆରମ୍ଭ କଲେ ଓ ଡାକ୍ତର ଶ୍ୱେତାଙ୍କ ଦାଶଙ୍କ ନେତୃତ୍ୟରେ ଅସ୍ତ୍ରୋପଚାର ଆରମ୍ଭ ହେଲା । ପ୍ରାୟ ୭ଘଣ୍ଟା ଧରି ଅସ୍ତ୍ରୋପଚାର ଚାଲିଲା। ପୁରା ଡାକ୍ତରୀ ଟିମ୍ ଏହି ବିରଳ ଅସ୍ତ୍ରୋପଚାର କରି, ରୋଗୀକୁ ମୃତ୍ୟୁ ମୁଖରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ, ସରକାରୀ ସ୍ୱାସ୍ଥ୍ୟବୀମା କାର୍ଡରେ ଏହି ଅସ୍ତ୍ରୋପଚାର କରାଯାଇଛି ଏବଂ ରୋଗୀ ଜଣକ ବର୍ତ୍ତମାନ ସଂପୁର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି, କିଛିଦିନର ବିଶ୍ରାମ ପରେ ସେ ସମସ୍ତ କାର୍ଯ୍ୟ କରିପାରିବେ ।

# ସ୍ୱାୟତ୍ତ ଶାସନ ଦିବସରେ ଶୁଭମ ଜ୍ୟୋତି (ରୋମି) ସମ୍ବର୍ଦ୍ଧିତ

ଖୋର୍ଦ୍ଧା, (ସବ୍ୟୁ): ଅଭିନୟ ପ୍ରତି ନିଜର ଆଗ୍ରହକୁ ପେସା ଭାବେ ଗ୍ରହଣ କରି ଖୋର୍ଦ୍ଧାର କଳା ଜଗତରେ ପରିଚୟ ସୃଷ୍ଟି କରିଥିବା ଯୁବ ଅଭିନେତା ଶୁଭମ ଜ୍ୟୋତି (ରୋମି)ଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ 'ଶ୍ରେଷ୍ଠ କଳାକାର' ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଜୟୀ ରାଜଗୁରୁ ଟାଉନ୍ ହଲ୍‌ରେ ଆୟୋଜିତ ସମାରୋହରେ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା।



ଏହି ଅବସରରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି ଓ ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବିଟେକ୍ ଶିକ୍ଷା ଶେଷ କରିବା ପରେ ଶୁଭମ ଚେନ୍ନାଇରେ ଚାକିରି କରିଥିଲେ। ତେବେ କଳା ଓ ଅଭିନୟ ପ୍ରତି ଥିବା ତାଙ୍କର ଗଭୀର ଆଗ୍ରହ ତାଙ୍କୁ ଚାକିରି ଛାଡ଼ି ଅଭିନୟକୁ ପେସା ଭାବେ ବାଛିବାକୁ ପ୍ରେରିତ କରିଥିଲା। ପରେ ଡିଜିଟାଲ ମଞ୍ଚରେ ସେ ନିଜର ପରିଚୟ ଗଢ଼ିଥିଲେ।

'ଖୋର୍ଦ୍ଧା ଟୋକା' ୟୁଟ୍ୟୁବ୍ ଚ୍ୟାନେଲ ସହ ଜଡ଼ିତ ରହି ବିଭିନ୍ନ ଆଲବମ୍ ଓ ଭିଡିଓରେ ଅଭିନୟ କରି ସେ ଦର୍ଶକଙ୍କ ନିକଟରେ ପରିଚିତ ହୋଇଥିଲେ । 'ହଜାରେ ପ୍ରଶ୍ନ', 'ତୁ ମୋ ଓଦା ଆଖି', 'ଗୁଆଘିଅ', 'ମୋ ଭାଇ' ଓ 'ତୋତେ ଦେଖିଲେ ମୁଁ କାଇଁ ଏଭଳି' ଆଦି ଆଲବମ୍‌ରେ ତାଙ୍କ ଅଭିନୟ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିଶେଷକରି ସ୍ଥାନୀୟ ଭାଷା ଓ ପରିବେଶ ସହ ଜଡ଼ିତ କାହାଣୀରେ ତାଙ୍କ ସ୍ୱାଭାବିକ ଅଭିନୟ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଡିଜିଟାଲ ମଞ୍ଚରେ ସଫଳତା ପରେ ଏବେ ଶୁଭମ ବଡ଼ ପରଦାରେ ପାଦ ଥାପିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଓଡ଼ିଆ ଚଳଚ୍ଚିତ୍ର 'ଯଦି'ରେ ଅଭିନୟ କରି ଦର୍ଶକଙ୍କ ସମ୍ମୁଖକୁ ଆସିବେ।

### ଭାରତରେ ଖୋ ଖୋ ର ପ୍ରଗତିକୁ ସୁଦୃଢ଼ କରୁଛି ଓଡ଼ିଶା ଏଏମ୍/ ଏନ୍ଏସ୍ ଇଣ୍ଡିଆ

# ଜୁନିଅର ଖୋ ଖୋ ଚାମ୍ପିଅନସିପରେ ୧୮୦ ଆଥ୍ଲେଟଙ୍କ ଦଳଗତ ଚମତ୍କାର ପ୍ରଦର୍ଶନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ପକ୍ଷରୁ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ (ଡିଏସୱାଇଏସ), ଭାରତୀୟ ଖୋ ଖୋ ଫେଡେରେସନ (କେକେଏଫ୍ଆଇ) ଏବଂ ଓଡ଼ିଶା ଖୋ ଖୋ ଆସୋସିଏସନ (ଓକେକେଏ) ସହଭାଗୀତାରେ ଆୟୋଜିତ ଓଡ଼ିଶା ଏଏମ୍/ ଏନ୍ଏସ୍ ଇଣ୍ଡିଆ ଜୁନିଅର ଖୋ ଖୋ ଚାମ୍ପିଅନସିପ୍ ୨୦୨୬, ତିନି ଦିନିଆ ରୋମାଞ୍ଚକର ପ୍ରତିଯୋଗିତା ପରେ ଅଗଷ୍ଟ ୩୧, ୨୦୨୬ ରେ ଉଦ୍‌ଯାପିତ ହୋଇଛି। ଜୁନିଅର ବାଳକ ଏବଂ ଜୁନିଅର ବାଳିକା ବର୍ଗରେ ୧୨ ଟି ଦଳକୁ ନେଇ ଆୟୋଜିତ ଏହି ଚାମ୍ପିଅନସିପ୍ ରେ ଦେଶର ୧୮୦ ଜଣ ଉଦୀୟମାନ କ୍ରୀଡ଼ାବିତ୍ ଅଂଶଗ୍ରହଣ କରି ନିଜର ଦ୍ରୁତଗତି, ଦକ୍ଷତା, ଶୃଙ୍ଖଳା ଏବଂ ଉତ୍କୃଷ୍ଟ ଦଳଗତ ସମନ୍ୱୟର ଚମତ୍କାର ପ୍ରଦର୍ଶନ କରିଥିଲେ।

୨୯ ଅଗଷ୍ଟ, ୨୦୨୬ରେ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଆୟୋଜିତ ଏହି ଚାମ୍ପିଅନସିପ୍ ର ଉଦଘାଟନୀ ସମାରୋହରେ କେକେଏଫଆଇ ର ସଭାପତି ସୁଧାଂଶୁ ମିତ୍ତଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।




ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ କେକେଏଫଆଇ ର ଉପାଧ୍ୟକ୍ଷ ତଥା ଓକେକେଏର ସଚିବ ପ୍ରଦ୍ୟୁମ୍ନ ମିଶ୍ର, ଆନ୍ଧ୍ର ପ୍ରଦେଶ ଖୋ ଖୋ ଆସୋସିଏସନର ସଭାପତି ଏମ୍. ଭି.ଏସ୍.ଏସ୍ ପ୍ରସାଦ ଏବଂ ଏଏମ୍/ ଏନ୍ଏସ୍ ଇଣ୍ଡିଆ ସିଏସ୍ଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ।

ଏକ ରୋମାଞ୍ଚକର ଫାଇନାଲରେ ଓଡ଼ିଶାକୁ ୪ ପଏଣ୍ଟରେ ପରାସ୍ତ କରି (ମହାରାଷ୍ଟ୍ର ୨୪ -୨୦ ଓଡ଼ିଶା) ଜୁନିଅର ବାଳିକା ବର୍ଗରେ, ମହାରାଷ୍ଟ୍ର ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ପଞ୍ଜାବ ତାମିଲନାଡୁକୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ତୁଳସୀ ନାଏକ (ଓଡ଼ିଶା)ଙ୍କୁ ଟୁର୍ଣ୍ଣାମେଣ୍ଟର ବେଷ୍ଟ ଆଟାକର ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ମୈଥିଳୀ ପାୱାର (ମହାରାଷ୍ଟ୍ର) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ପାଇଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ନେହା ଲାମକାନେ (ମହାରାଷ୍ଟ୍ର)ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ଯାଇଥିଲା।

ସେହିପରି ଜୁନିଅର ବାଳକ ବର୍ଗରେ, କର୍ଣ୍ଣାଟକ ଏକ ରୋମାଞ୍ଚକର ଫାଇନାଲରେ ମହାରାଷ୍ଟ୍ରକୁ ମାତ୍ର ୨ ପଏଣ୍ଟ (ମହାରାଷ୍ଟ୍ର ୩୪-୩୬ କର୍ଣ୍ଣାଟକ), ରେ ପରାସ୍ତ କରି ଚାମ୍ପିଅନସିପ୍ ଜିତିବା ଦର୍ଶକମାନଙ୍କୁ ନିଜ ପ୍ରଦର୍ଶନ ଦ୍ୱାରା ମନ୍ତ୍ରମୁଗ୍ଧ କରିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍ ରେ ଓଡ଼ିଶା କୋଲାହାପୁର କୁ ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଥିଲା। ଇବ୍ରାହିମ୍ (କର୍ଣ୍ଣାଟକ) ଟୁର୍ଣ୍ଣାମେଣ୍ଟର ବେଷ୍ଟ ଆଟାକର ଭାବରେ ବିବେଚିତ ହୋଇଥିବାବେଳେ ପାର୍ଥ ଦେବକାଟେ (ମହାରାଷ୍ଟ୍ର) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ଭାବରେ ସମ୍ମାନିତ ହୋଇଥିଲେ। ମ୍ୟାଚ୍ ଗୁଡ଼ିକରେ ତାଙ୍କର ଅସାଧାରଣ ଦକ୍ଷତା ପାଇଁ, ଅନିକେତ (କର୍ଣ୍ଣାଟକ) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଆଥଲେଟମାନଙ୍କୁ ଶୁଭେଚ୍ଛା ଜଣାଇ, ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି। ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜୁନିଅର ଖୋ ଖୋ ଚାମ୍ପିଅନସିପ୍ ୨୦୨୬ ପୁଣି ଥରେ ପ୍ରମାଣିତ କରିଛି ଯେ କିପରି ସଂଗଠିତ ତାଲିମ ଏବଂ ପ୍ରତିସ୍ପର୍ଦ୍ଧାମୂଳକ ଅଭିଜ୍ଞତା ଖୋ ଖୋକୁ ଭାରତର ସବୁଠାରୁ ଲୋକପ୍ରିୟ କ୍ରୀଡ଼ା ମଧ୍ୟରେ ସାମିଲ କରିପାରିବ।

## ୧୨୭ ଜଣ ବରିଷ୍ଠ ନାଗରିକ ଗଲେ ତୀର୍ଥଯାତ୍ରାରେ

ପୁରୀ (ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ପୁରୀ ଜିଲ୍ଲା ରୁ ମଙ୍ଗଳବାର ଅପରାହ୍ନରେ ୧୨୭ ଜଣ ବରିଷ୍ଠ ନାଗରିକ ଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି । ସେମାନେ ଆଜି ଭୁବନେଶ୍ୱର ରେ ରହିବେ ଓ ଆସନ୍ତା କାଲି ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ ରେ ଯାତ୍ରା କରିବେ । ଏହି ବରିଷ୍ଠ ନାଗରିକ ମାନେ ବାରାଣସୀ ଅଯୋଧ୍ୟା ପରିଭ୍ରମଣ କରିବା ସହ ଚଳିତ ମାସ ୭ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି । ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି । ଆଜି ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମ କମିଶନର ଅଭିମନ୍ୟୁ ବେହେରା,ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା,ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ ।

### ନେପାଳ ବନ୍ୟାଞ୍ଚଳରେ ହୃଦୟବିଦାରକ ଦୃଶ୍ୟ

# ଗୋଟିଏ ଘରୁ ମିଳିଲା ୨୩ ମୃତଦେହ

କାଠମାଣ୍ଡୁ : ନେପାଳ ଜଳ ପ୍ରଳୟ ପରେ ସାମ୍ନାକୁ ଆସିଛି ଆଉ ଗୋଟିଏ ଛାତିଥରା ଦୃଶ୍ୟ। ପ୍ରକୃତି ଆଗରେ ମଣିଷ କେମିତି ନାଚାର, ତା'ର ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଛି। ଉଦ୍ଧାରକାରୀ ଟିମ ଗୋଟିଏ ଘର ଭିତରୁ ଏକାଥରେ ଠାବ କରିଛନ୍ତି ୨୩ଟି ମୃତଦେହ।ଅଗଷ୍ଟ ୨୬ରେ ଆସିଥିବା ଭୟଙ୍କର ବନ୍ୟା ଗୋଟିଏ ଘରକୁ ସଂପୂର୍ଣ୍ଣ ଗିଳି ଦେଇଥିବା ବେଳେ ଏବେ ସେଠାରେ ପହଞ୍ଚିଛନ୍ତି ଉଦ୍ଧାରକାରୀ ଟିମ। ସେମାନେ ମାଟି କାଦୁଅକୁ ହଠାଇ ଜୀବନ ସନ୍ଧାନ କରୁଛନ୍ତି। କିନ୍ତୁ ଏହି ସମୟରେ ସେଠାରୁ ମିଳିଛି ଏକାଥରେ ୨୩ ଜଣଙ୍କ ମୃତଦେହ। ଏବେ ନୁଓ୍ୱାକୋଟ ସ୍ଥିତ ଏହି ଘର ଭିତରୁ ଧ୍ୱଂସାବଶେଷକୁ ହଟାଇ ଉଦ୍ଧାରକାରୀ ଟିମ ୨୩ଟି ଯାକ ମୃତଦେହକୁ ବାହାରକୁ ଆଣିଛନ୍ତି। ବନ୍ୟା ନୁଓ୍ୱାକୋଟର ବେଟ୍ରଭାଟି ଗାଁକୁ ପୂରା ଧ୍ୱଂସ କରିଦେଇଛି। ବନ୍ୟା ପାଣି ଛାଡ଼ିବା ପରେ ସେଠାରେ ଜନବସତି ଥିଲା ବୋଲି କେହି ଜାଣି ପାରୁ ନାହାନ୍ତି। କାରଣ ଗାଁଟି ଭୋଟେ କୋଶୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ପୂରା ବୁଡ଼ି ଯାଇଛି।ଗାଁରେ ଥିବା ଗୋଟିଏ ୩ ମହଲା କୋଠା ବି ମାଟି କାଦୁଅରେ ପୋତି ହୋଇଯାଇଥିଲା। ଗୋସାଇକୁଣ୍ଡକୁ ଏମାନେ ଯାଉଥିବା ବେଳେ ଏଠାରେ ଜଳ ସମାଧି ନେଇଥିବା କୁହାଯାଉଛି। ସର୍ଚ୍ଚ ଅପରେସନରେ ସାମିଲ ଥିବା ଜଣେ ପୁଲିସ ଅଧିକାରୀଙ୍କ କହିବା କଥା ଯେ ଉଦ୍ଧାରକାରୀ ଟିମ ଘର ଭିତରେ ଥିବା ଥିବା ଲୋକମାନେ ଏଥିରୁ ବର୍ତ୍ତିବା ପାଇଁ ଉପର ମହଲାକୁ ଦୌଡ଼ି ଯାଇଥିଲେ। କିନ୍ତୁ ଜଳ ସ୍ତର ବୃଦ୍ଧି ଯୋଗୁ ସଂପୂର୍ଣ୍ଣ ବିଲଡିଂ ହିଁ ମୃତ୍ୟୁର ଯନ୍ତାରେ ପରିଣତ ହୋଇଥିଲା। ୨୩ ମୃତକଙ୍କ ମଧ୍ୟରେ ଜଣେ ବିଦେଶୀ କୁନି ଝିଅକୁ ପାଣି ମାଡ଼ି ଆସିବା ସମୟରେ ଜାବୁଡ଼ି ଧରିଥିଲେ। ହେଲେ ପ୍ରକୃତିର ତାଣ୍ଡବରେ ଉଭୟ ମା'ଝିଅଙ୍କ ମୃତ୍ୟୁ ହୋଇଛି। ସେମାନେ ପରସ୍ପରକୁ ଆଲିଙ୍ଗନ କରି ପ୍ରାଣ ହରାଇଥିବା ଉଦ୍ଧାରକାରୀ





ଏବେ ସେହି କୋଠାର ଗୋଟିଏ ରୁମରୁ ୨୧ଟି ଓ ଘର ବାହାରୁ ଉଦ୍ଧାରକାରୀ ଟିମ ୨ଟି ମୃତଦେହକୁ ଠାବ କରିଛନ୍ତି। ଏମାନଙ୍କ ପରିଚୟ ଏଯାଏ ମିଳି ନଥିବା ବେଳେ ସମ୍ଭବତଃ ମୃତ ବ୍ୟକ୍ତି ବିଶେଷମାନେ ଶ୍ରଦ୍ଧାଳୁ ବୋଲି ମନେ କରାଯାଉଛି। ଲୋକପ୍ରିୟ ଧାର୍ମିକ ପ୍ରତିଷ୍ଠାନ ଗୋଟିଏ ରୁମରୁ ୨୧ଟି ମୃତଦେହ ଓ ବାହାରୁ ୨ଟି ମୃତଦେହ ଠାବ କରିଛନ୍ତି। ଅଗଷ୍ଟ ୨୬ ତାରିଖରେ ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀରେ ଆସିଥିବା ଭୟଙ୍କର ବନ୍ୟାରେ ଏହି ଘରଟି ସଂପୂର୍ଣ୍ଣ ଭାବେ ବୁଡ଼ି ଯାଇଥିଲା। ବନ୍ୟା ଜଳ ସ୍ଥଳ ଭାଗକୁ ଆସିବା ସମୟରେ ତଳ ମହଲାରେ ନାଗରିକ ଥିବା ବେଳେ ଅନୁମାନ କରାଯାଉଛି। ମୃତଦେହଗୁଡ଼ିକ ନିକଟରୁ ବ୍ୟାଗ୍ ମଧ୍ୟ ମିଳିଛି। ତେଣୁ ଏମାନେ ସମସ୍ତେ ସମ୍ଭବତଃ ଗୋସାଇକୁଣ୍ଡ ଯାଉଥିବା ଶ୍ରଦ୍ଧାଳୁ ଭଳି ଲାଗୁଛନ୍ତି। ସବୁଠାରୁ ଦୁଃଖଦ ଦୃଶ୍ୟ ମଧ୍ୟରୁ ଗୋଟିଏ ହେଉଛି ଯେ ଜଣେ ମହିଳା ସମ୍ଭବତଃ ତାଙ୍କ ଟିମକୁ ମଧ୍ୟ ଭାବବିହ୍ୱଳ କରି ଦେଇଛି। ଉଦ୍ଧାର ହୋଇଥିବା ୨୩ଟି ମୃତଦେହ ମଧ୍ୟରୁ ୮ଟିକୁ ତ୍ରିଶୂଳୀ ହସ୍ପିଟାଲକୁ ନିଆଯାଇଛି। ଅବଶିଷ୍ଟ ମୃତଦେହଗୁଡ଼ିକୁ ସାମୟିକ ଭାବେ ଘରର ଛାତ ଉପରେ ରଖାଯାଇଛି। ପରେ ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ।

## ଗୋଆ-ଦିଲ୍ଲୀ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ପାନାଜୀ : ଆକାଶ ମାର୍ଗରେ ବିମାନର ଗୋଟିଏ ଇଞ୍ଜିନ୍ ଅଚଳ ହୋଇପଡ଼ିବାରୁ ମଙ୍ଗଳବାର ସକାଳେ ଗୋଆରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନ ଗୋଆ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ଇଣ୍ଡିଗୋର '୬ଇ ୨୧୦୨' ବିମାନଟି ସକାଳ ୯ଟା ୧୬ ମିନିଟରେ ଗୋଆରୁ ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହା ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି) ପକ୍ଷରୁ ସକାଳ ପ୍ରାୟ ୯ଟା ୩୦ରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇ ବିମାନଟିକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ଏଭିଏସନ୍ ଟ୍ରାକର "ଫ୍ଲାଇଟରାଡାର୨୪" ଅନୁଯାୟୀ, ବିମାନଟି ଦକ୍ଷିଣ ମହାରାଷ୍ଟ୍ର ଉପକୂଳରେ ପ୍ରାୟ ୧୪,୦୦୦ ଫୁଟ୍ ଉଚ୍ଚତାରେ ଉଡୁଥିବା ବେଳେ ଗୋଆ



ଆଡ଼କୁ ମୁହାଁଇଥିଲା। ସକାଳ ୯ଟା ୫୧ ମିନିଟରେ ବିମାନଟି ରନୱେ ୨୮ରେ ସୁରକ୍ଷିତ ଭାବେ ଅବତରଣ କରିଥିଲା ଏବଂ ପୂର୍ବାହ୍ନ ୧୦ଟା ୦୩ରେ ଏଟିସି ପକ୍ଷରୁ ଜରୁରୀକାଳୀନ ସ୍ଥିତି ପ୍ରତ୍ୟାହାର କରାଯାଇଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇ ବୋର୍ଡିଂ ଏରିଆରେ ଅପେକ୍ଷା କରିଥିବା ବେଳେ, ଅପରାହ୍ନ ୩ଟା ୩୦ରେ ସେମାନଙ୍କ ଦିଲ୍ଲୀ ଯାତ୍ରା ପାଇଁ ଅନ୍ୟ ବିମାନର ବ୍ୟବସ୍ଥା କରାଯାଇଛି। ତେବେ ଇଞ୍ଜିନରେ କି ପ୍ରକାର ଯାନ୍ତ୍ରିକ ତ୍ରୁଟି ଘଟିଥିଲା, ସେ ନେଇ ଅଧିକ ତଥ୍ୟ ସାମ୍ନାକୁ ଆସିନାହିଁ।

## କିଭ୍‌ରେ ରୁଷିଆର ଡ୍ରୋନ୍ ଆକ୍ରମଣ : ୧୨ ମୃତ

କିଭ୍: ୟୁକ୍ରେନର ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷିଆ ପକ୍ଷରୁ କ୍ରମାଗତ ଷଷ୍ଠ ଦିନ ପାଇଁ ହୋଇଥିବା ଆକାଶମାର୍ଗ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ସମେତ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ରୁଷିଆ ପକ୍ଷରୁ କ୍ଷେପଣାସ୍ତ୍ର ଓ ମାରାତ୍ମକ ଡ୍ରୋନ୍ ଜରିଆରେ କିଭ୍ ର ଜନବସତି ଓ ନାଗରିକ ଭିତ୍ତିଭୂମି ଉପରେ ଏହି ନିଷ୍ଠୁର ଆକ୍ରମଣ କରାଯାଇଛି। ଆକ୍ରମଣ ଯୋଗୁଁ ଅନେକ ଘର ନିଆଁ ଲାଗିଯିବା ସହ ବହୁ ସଂଖ୍ୟକ ନାଗରିକ ଗୁରୁତର ଆହତ ହୋଇଛନ୍ତି।ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ" ରେ ଏହି ବିଧ୍ୱଂସକାରୀ ଆକ୍ରମଣ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରୁଷିଆ ପକ୍ଷରୁ ପ୍ରଚୁର ପରିମାଣର ଜେଟ୍-ଚାଳିତ ଡ୍ରୋନ୍ ଏବଂ ବାଲିଷ୍ଟିକ୍ ମିସାଇଲ୍ ପ୍ରୟୋଗ କରାଯାଇଛି, ଯାହା ଦ୍ୱାରା ବ୍ୟାପକ ଆବାସିକ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ସମେତ ମୋଟ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇବା ସହ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିଆଁ ଲିଭାଇବା ଓ ସହାୟତା ଯୋଗାଇବାରେ ନିୟୋଜିତ ଅଛନ୍ତି ବୋଲି ସେ କହିଛନ୍ତି।

## ଇରାକକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବ ଆମେରିକା

ୱାଶିଂଟନ: ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଇରାକକୁ ନେଇ ୱାଶିଂଟନ ଏକ ବଡ଼ ସାମରିକ ପଦକ୍ଷେପ ନେଇଛି। ଆମେରିକା ପ୍ରାୟ ୮୦୦ ନିୟୁତ ଡଲାର ମୂଲ୍ୟର ସାମରିକ ହେଲିକପ୍ଟର ଏବଂ ସମ୍ପୃକ୍ତ ଉପକରଣ ବିକ୍ରୟ ପାଇଁ ଇରାନ ସହ ଚୁକ୍ତିକୁ ଅନୁମୋଦନ କରିଛି। ଏହାକୁ ନେଇ ଇରାନର ଚିନ୍ତା ବଢ଼ିବାରେ ଲାଗିଛି। ଆମେରିକାର ବୈଦେଶିକ ବିଭାଗ ଏହି ଚୁକ୍ତିର ବିବରଣୀ ସେୟାର କରିଛି। ପ୍ରସ୍ତାବିତ ଚୁକ୍ତିରେ ବେଲ୍ ୪୧୨-ଇପିଏକ୍ସ ଏବଂ ବେଲ୍ ୪୦୭-ଏମ ହେଲିକପ୍ଟର, ଅସ୍ତ୍ରଶସ୍ତ୍ର, ସେନ୍ସର, କ୍ଷେପଣାସ୍ତ୍ର ଚେତାବନୀ ପ୍ରଣାଳୀ, ରକେଟ୍ ଲଞ୍ଚର୍, ମେସିନ୍ ଗନ୍, ଯୋଗାଯୋଗ ଉପକରଣ, ସ୍ପେୟାର୍ ପାର୍ଟସ୍ ଏବଂ ସାମରିକ ତାଲିମ ଅନ୍ତର୍ଭୁକ୍ତ ରହିଛି। ଚୁକ୍ତି ପାଇଁ ଆମେରିକୀୟ କମ୍ପାନି ବେଲ୍ ଟେକ୍ସଟ୍ରନ୍ ମୁଖ୍ୟ ଠିକାଦାର ହେବ।

## ରୁଷ ସେନାରେ ଥିବା ୫୧ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ:ରୁଷ ସେନାରେ ନିଯୁକ୍ତି ପାଇଥିବା ୨୨୭ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ୫୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୩୯ ଜଣଙ୍କୁ ଚାକିରିରୁ ସେବାମୁକ୍ତ କରାଯାଇଛି। ବୈଦେଶିକ ସଚିବ ବିକ୍ରମ ମିସ୍ରି ଏହି ସୂଚନା ପ୍ରଦାନ କରିଛନ୍ତି। ଯେଉଁ ଭାରତୀୟମାନେ ଏବେ ବି ରୁଷ ସେନାରେ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ପକ୍ଷରୁ ମସ୍କୋ ସହିତ ଆଲୋଚନା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କିର୍ଗିଜସ୍ତାନ ଗସ୍ତ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ବ୍ରିଫିଂ ସମୟରେ ରୁଷ ସେନାରେ ଭାରତୀୟଙ୍କ ସେବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ମିସ୍ରି ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି ଯେ, ରୁଷ ସେନାରେ ଭାରତୀୟ ନିଯୁକ୍ତି ପ୍ରସଙ୍ଗ ବିଭିନ୍ନ ସମୟରେ ଏବଂ ବିଭିନ୍ନ ସ୍ତରରେ ରୁଷ ସହିତ ଉଠାଯାଇଛି ଏବଂ ଆମେ ନିରନ୍ତର ଯୋଗାଯୋଗରେ ଅଛୁ। ସଦ୍ୟତମ ସୂଚନା ଅନୁଯାୟୀ, ଆମେ ରୁଷ ସେନାରେ ନିଯୁକ୍ତି ପାଇଥିବା ୨୨୭ ଜଣ ଭାରତୀୟ ନାଗରିକଙ୍କ ବିଷୟରେ ଜାଣିଛୁ ଏବଂ ମୃତକଙ୍କ ବିଷୟରେ ମଧ୍ୟ ଅବଗତ ଅଛୁ।

### ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

## ବିଦେଶ ଭ୍ରମଣ, ବିଦେଶୀ ବିବାହ ଓ ସୁନା କିଣାରୁ ଦୂରେଇ ରୁହନ୍ତୁ

ବିସକେକ୍: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦେଶବାସୀଙ୍କୁ ବିଦେଶ ଭ୍ରମଣ, ବିଦେଶରେ ବିବାହ ଉତ୍ସବ ଆୟୋଜନ ଏବଂ ଅନାବଶ୍ୟକ ସୁନା କିଣିବାରୁ ଦୂରେଇ



ରହିବାକୁ ଆହ୍ୱାନ ଦେଇଛନ୍ତି। ଉଜବେକିସ୍ତାନ ଓ କିର୍ଗିଜସ୍ତାନ ଗସ୍ତ କ୍ରମରେ ବିସକେକରେ ଅନୁଷ୍ଠିତ ଏସସିଓ ସମ୍ମିଳନୀରେ ଯୋଗଦେବା ଅବସରରେ ଏକ ସେଲଫି-ଶୈଳୀ ଭିଡିଓ ବାର୍ତ୍ତା ଜାରି କରି ପ୍ରଧାନମନ୍ତ୍ରୀ ଏହି ନିବେଦନ କରିଛନ୍ତି। ଦେଶ ୭.୮ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବାରୁ ନାଗରିକଙ୍କୁ ଶୁଭେଚ୍ଛା ଜଣାଇବା ସହ "ସ୍ୱଦେଶୀ" ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଅସ୍ଥିରତା, ଯୁଦ୍ଧ ଓ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ସତ୍ତ୍ୱେ ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ଆଗେଇ ଚାଲିଛି। ଦେଶ ଭିତରେ କିଛି ନିରାଶାବାଦୀ ଲୋକ " ମିଛର ପ୍ରତିଧ୍ୱନି" ସୃଷ୍ଟି କରୁଥିଲେ ବି ୧୪୦ କୋଟି ଭାରତୀୟଙ୍କ ପରିଶ୍ରମ ଓ ସଠିକ୍ ସରକାରୀ ନୀତି ଯୋଗୁଁ ଦେଶ ନୂଆ ଉଚ୍ଚତା ଛୁଉଁଛି। ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସୁଦ୍ଧା ଆଗାମୀ ପିଢ଼ିକୁ ଏକ ବିକଶିତ ଭାରତ ଭେଟି ଦେବା ପାଇଁ ସ୍ୱଦେଶୀ ସାମଗ୍ରୀର ବ୍ୟବହାର ଓ ସ୍ୱଦେଶୀ ଚିନ୍ତାଧାରାକୁ ଆପଣାଇବା ଜରୁରୀ ବୋଲି ସେ ଦୋହରାଇଛନ୍ତି।

## ତୀବ୍ର ହେଲା ମଣିପୁର ହିଂସା : ୩୦ ଘର ଜଳିଲା

### ଭୟଙ୍କର ଗୁଳିମାଡ଼, ପୋଡ଼ାଜଳା

ଇମ୍ଫାଲ : ମଣିପୁର ସ୍ଥିତି ପୁଣି ବିଗିଡ଼ି ଯାଇଛି। ମଙ୍ଗଳବାର ଭୋର ସମୟରେ କାଙ୍ଗପୋକପି ଜିଲ୍ଲାର ୩ଟି ଲିଆଙ୍ଗମାଇ ନାଗା ଗାଁରେ ଘଟିଛି ଭୟଙ୍କର ଆକ୍ରମଣ। ଏଠାରେ ସଶସ୍ତ୍ର ଦୁର୍ବୃତ୍ତମାନେ ଗୁଳି ମାଡ଼ କରିବା ସହ ୩୦ଟି ଘରେ ନିଆଁ ଲଗାଇ ଦେଇଛନ୍ତି। ଆକ୍ରମଣରେ ୩୦ଟି ଯାକ ଘର ପୋଡ଼ି ପାଉଁଶ ହୋଇ ଯାଇଥିବା ବେଳେ ଜଣେ ଗ୍ରାମବାସୀ ଗୁଳି ମାଡ଼ରେ ଆହତ ହୋଇଛନ୍ତି। ଏହି ଘଟଣାର ଦିନକ ପୂର୍ବରୁ ସମାନ ଜିଲ୍ଲାରେ ହୋଇଥିବା ଗୁଳି ମାଡ଼ରେ ୩ ଜଣ କୁକି ସଂପ୍ରଦାୟର ଲୋକ ପ୍ରାଣ ହରାଇଥିଲେ। ଏହାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ଆଜି ପୁଣି ହିଂସାକାଣ୍ଡ ଘଟିଛି। ପୁଲିସର କହିବା କଥା ଯେ ଭୋର ପ୍ରାୟ ୪ଟା ବେଳେ ତାପୋନ ଖୁଲେନ, ତାପୋନ ଖୁନୋଉ ଓ ମାକୁଇ ପିପୁରାମ ଗାଁରେ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ମାନେ ଆଖିବୁଜା



ଗୁଳିମାଡ଼ କରିବା ସହ ସୁରକ୍ଷାକର୍ମୀମାନେ ପହଞ୍ଚିବା ପୂର୍ବରୁ ଏକାଧିକ ଘର ଓ ଅନ୍ୟ ଜିନିଷରେ ନିଆଁ ଲଗାଇ ଫେରାର ହୋଇ ଯାଇଥିଲେ।ଘଟଣାକୁ ନେଇ ଉତ୍ତେଜନା ବଢୁଥିବାରୁ ସିଆରପିଏଫ ଓ କୋବ୍ରା ୟୁନିଟ ସହ ମଣିପୁର ପୁଲିସ୍ର ଯବାନମାନଙ୍କୁ ଘଟଣା ସ୍ଥଳରେ ମୁତୟନ କରାଯାଇଛି। ସେହିପରି ଆଖପାଖ ଅଞ୍ଚଳରେ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ବଡ଼ଧରଣର ସର୍ଚ୍ଚ ଅପରେସନ ମଧ୍ୟ କରାଯାଇଛି।ଆକ୍ରମଣ ଯୋଗୁ ଅନେକ ଲୋକଙ୍କ ଘର ପୂରା ପୋଡ଼ି ଯାଇଥିବା ବେଳେ ଗାଡ଼ି ଓ ଅନ୍ୟାନ୍ୟ ଜିନିଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ପୋଡ଼ା ଜଳାରେ ଅତିକମରେ ୩୦ଟି ଘର ଓ ସେଠାରେ ଥିବା ଜିନିଷପତ୍ର ସବୁ ନଷ୍ଟ ହୋଇଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ଏହାର ଦିନକ ପୂର୍ବରୁ ତେଇଖାଙ୍ଗ କୁକି ଗାଁରେ ବନ୍ଧୁକଧାରୀମାନେ ଆକ୍ରମଣ କରିଥିଲେ। ଏଥିରେ ୨ ଜଣ ମହିଳାଙ୍କ ସମେତ ୩ ଜଣ ପ୍ରାଣ ହରାଇଥିଲେ। ସେହିପରି ଆଉ ୪ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁଇ ଦିନ ମଧ୍ୟରେ ଏପରି ହିଂସାକାଣ୍ଡ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି। ସେମାନେ ପୁଣି ବଡ଼ଧରଣର ହିଂସାକାଣ୍ଡର ଆଶଙ୍କା କରିଛନ୍ତି।

### କୋଲକାତାରେ କେନ୍ଦ୍ର ସାହିତ୍ୟ ଅକାଦେମିର ଜାତୀୟ ଆଲୋଚନାଚକ୍ର

## ଜାତୀୟ ଆନ୍ଦୋଳନର ପରିଚୟ ବନ୍ଦେ ମାତରମ୍

କୋଲକାତା : ବନ୍ଦେ ମାତରମ ହେଉଛି ରାଷ୍ଟ୍ରୀୟତାର ମୂଳ ମନ୍ତ୍ର ଏବଂ କୋଟି କୋଟି ଭାରତୀୟଙ୍କ ହୃଦୟର ସ୍ପନ୍ଦନ। ନିଜ ମାଆ ପ୍ରତି ସମ୍ପୂର୍ଣ୍ଣ ସମର୍ପଣର ଏହା ଅପୂର୍ବ ନିଦର୍ଶନ। ଏହା ଏମିତି ଏକ ଭାବନା ଯାହା ସମଗ୍ର ଭାରତକୁ ଏକ ରାଷ୍ଟ୍ରରେ ପରିଣତ କରିଛି। ମାତୃଭକ୍ତିରୁ ଜାତ ପରିବାରବାଦ ମାଧ୍ୟମରେ ରାଷ୍ଟ୍ରନିର୍ମାଣର କଥା କହିଥାଏ ବନ୍ଦେ ମାତରମ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଏହି କାଳଜୟୀ ରଚନାର ମୌଳିକତା ବେଦରୁ ନିସୃତ । ଏହା କହିଥାଏ ଯେ ବ୍ୟକ୍ତି, ସମାଜ ଏବଂ ପ୍ରକୃତି ମଧ୍ୟରେ ରହିଛି ଅତୁଟ ସମ୍ପର୍କ। ଏଥିରେ ବିବିଧତା ରହିବ, କିନ୍ତୁ ତାହା ହିଁ ହେଉଛି ସୌନ୍ଦର୍ଯ୍ୟବୋଧର ବର୍ଦ୍ଧକ। ସାହିତ୍ୟ ଅକାଦେମି ପକ୍ଷରୁ କୋଲକାତାର ଭାରତୀୟ ସଂଗ୍ରହାଳୟର ଆଶୁତୋଷ ମୁଖାର୍ଜୀ ପ୍ରେକ୍ଷାଳୟରେ ଆୟୋଜିତ ବନ୍ଦେ ମାତରମ ସମ୍ପର୍କିତ ଦ୍ୱି-ଦିବସୀୟ ଆଲୋଚନାଚକ୍ରର ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି ଭାଷାରେ ବନ୍ଦେ ମାତରମର ବୈଶିଷ୍ଟ୍ୟ ଏବଂ ପ୍ରାସଙ୍ଗିକତା ଭିତ୍ତିରେ ବକ୍ତବ୍ୟ ପ୍ରଦାନ କରିଥିଲେ ପଶ୍ଚିମବଙ୍ଗ ରାଜ୍ୟପାଳ ଆର.ଏନ୍. ରବି। ଭାରତୀୟ ସଂଗ୍ରହାଳୟ, ଇଜେଡସିସି ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟର ବିଭିନ୍ନ ସଭାଗୃହରେ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ୧୬ଟି ଅଧିବେଶନରେ ଦେଶର ବିଭିନ୍ନ ରାଜ୍ୟର ଷାଠିଏ ଜଣ ଲେଖକ, ଗବେଷକ ଏବଂ ବିଦ୍ୱାନ ଯୋଗ ଦେଇ ବନ୍ଦେ ମାତରମର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଉଦ୍ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶାର ବିଶିଷ୍ଟ ଲେଖିକା ତଥା ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନନ୍ଦିନୀ ସାହୁ। ସାହିତ୍ୟ ଅକାଦେମିର ସଚିବ ଡକ୍ଟର ବରୁଣ ଗୁଲାଟି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଭାରତୀୟ ସଂଗ୍ରହାଳୟର ନିର୍ଦ୍ଦେଶକ ଡକ୍ଟର ସାୟନ




ଭଟ୍ଟାଚାର୍ଯ୍ୟ, ଇ.ଜେଡ୍.ସି.ସି.ର ନିର୍ଦ୍ଦେଶକ ଆଶିଷ ଗିରି। ଡକ୍ଟର ଗୁଲାଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ବନ୍ଦେମାତରମର ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଅଧିବେଶନରେ ସଭାପତିତ୍ୱ କରିଥିଲେ ସାହିତ୍ୟ ଅକାଦେମିର ଅଧ୍ୟକ୍ଷ ଡକ୍ଟର ମାଧବ କୌଶିକ। ସେ କହିଥିଲେ ଯେ ବଙ୍କିମଚନ୍ଦ୍ରଙ୍କ ଗୋଟିଏ ଗୀତର ଦୁଇଟି ଶବ୍ଦ କୋଟି କୋଟି ଭାରତୀୟଙ୍କୁ ଏକତାର ଡୋରିରେ ବାନ୍ଧି ରଖିଛି। ଏହି ଅଧିବେଶନରେ ଧନ୍ୟବାଦ ଦେଇଥିଲେ ଶାନ୍ତିନିକେତନ ସାହିତ୍ୟପଥ ପତ୍ରିକାର ସଂପାଦକ ପ୍ରଫେସର ସୁଦୀପ ବସୁ।

## ଚିରାଗ ପାଶୱାନଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ : କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନଙ୍କୁ ହତ୍ୟା ଧମକ। ଗୋଟିଏ ଚିଠି ଦ୍ୱାରା ଚିରାଗଙ୍କୁ ହାର୍ଡକୋର ଆତଙ୍କବାଦୀମାନେ ହତ୍ୟା କରିବେ ବୋଲି କୁହାଯାଇଛି। ଲୋକ ଜନଶକ୍ତି ପାର୍ଟିର ମୁଖ୍ୟ ଚିରାଗ ଏବେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଭାବେ ମୋଦିଙ୍କ କ୍ୟାବିନେଟରେ ରହିଛନ୍ତି ଓ ତାଙ୍କୁ ଜେଡ୍ ପ୍ଲସ ସୁରକ୍ଷା ଯୋଗାଇ ଦିଆଯାଉଛି। ତଥାପି ତାଙ୍କୁ ଅଜଣା ଠିକଣାରୁ ଆସିଛି ହତ୍ୟା ଧମକ ଥିବା ଚିଠି। ଏ ସମ୍ପର୍କରେ ଚିରାଗଙ୍କ ଟିମ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଅବଗତ କରାଯାଇଛି। ସିଆରପିଏଫ ଓ ବିହାର ସରକାରଙ୍କୁ ମଧ୍ୟ ସମ୍ଭାବ୍ୟ ବିପଦ ସମ୍ପର୍କରେ ଜଣାଇ ଦିଆଯାଇଛି। ଚିରାଗଙ୍କ ସଚିବ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଲେଖିଥିବା ଚିଠିରେ କହିଛନ୍ତି ଯେ "ମନ୍ତ୍ରଣାଳୟକୁ ଦୁଇଟି ମୋବାଇଲ ନମ୍ବର ଥିବା ଗୋଟିଏ ଦସ୍ତଖତହୀନ ଚିଠି ମିଳିଛି। ଏହାକୁ ଖୋଲିବା ମାତ୍ରେ ଖାଦ୍ୟ ପ୍ରକ୍ରିୟାକରଣ ଇଣ୍ଡଷ୍ଟ୍ରୀଜ ମନ୍ତ୍ରୀଙ୍କୁ ଜୀବନରୁ ମାରି ଦେବାକୁ ଧମକ ପୂର୍ଣ୍ଣ ବାର୍ତ୍ତା ଦେଖିବାକୁ ମିଳିଛି। ମନ୍ତ୍ରୀଙ୍କୁ ଖୁବଶୀଘ୍ର ହାର୍ଡକୋର ଆତଙ୍କବାଦୀମାନେ ହତ୍ୟା କରିବେ ବୋଲି ଏଥିରେ କୁହାଯାଇଛି।ଚିଠିରେ ଥିବା ବିଷୟବସ୍ତୁ, ବିଶେଷ କରି ସିଧାସଳଖ ବିପଦ ଓ ହାର୍ଡକୋର ଆତଙ୍କବାଦୀଙ୍କ କଥା ଥିବାରୁ ଏହା ଅତ୍ୟନ୍ତ ସମ୍ବେଦନଶୀଳ ତଥା ସମ୍ମାନୀୟ ମନ୍ତ୍ରୀଙ୍କ ସୁରକ୍ଷା ପ୍ରତି ଚିନ୍ତା ପ୍ରକଟ କରିଛି।"ଚିରାଗଙ୍କ ସଚିବ ଘଟଣାକୁ ତୁରନ୍ତ ତଦନ୍ତ ପାଇଁ ବିଚାର କରିବା ସହ ଆବଶ୍ୟକ ପଡ଼ିଲେ ମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିବାକୁ ମଧ୍ୟ ଚିଠିରେ ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ତେବେ ଏନେଇ ଚିରାଗ ପାଶୱାନ କିମ୍ବା ମନ୍ତ୍ରଣାଳୟ



ପକ୍ଷରୁ କୌଣସି ଅଧିକାରୀ ବିଧିବଦ୍ଧ ଭାବେ ପ୍ରତିକ୍ରିୟା ଦେଇ ନାହାନ୍ତି। ତଥାପି ଚିଠି ମିଳିଥିବାରୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀମାନେ ପୂର୍ବାପେକ୍ଷା ଅଧିକ ସଜାଗ ହୋଇଯାଇଥିବା ଜଣାପଡ଼ିଛି। ବିଭିନ୍ନ ସ୍ଥାନକୁ ଚିରାଗ କେନ୍ଦ୍ରମନ୍ତ୍ରୀ ଭାବେ ଗସ୍ତ କରୁଥିବାରୁ ସେଠାକାର ସୁରକ୍ଷା ବ୍ୟବସ୍ଥାକୁ ଆଗୁଆ ଅଧିକ ଗୁରୁତ୍ୱର ସହ ଯାଞ୍ଚ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ସିବିଆଇ ଦ୍ୱାରା ୭,୨୨୯ ଦୁର୍ନୀତି ମାମଲାର ବିଚାର ବିଳମ୍ବିତ

ନୂଆଦିଲ୍ଲୀ: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିଥିବା ୭,୨୨୯ଟି ଦୁର୍ନୀତି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ସେଥିରୁ ୪୦୯ଟି ମାମଲା ୨୦ ବର୍ଷରୁ ଅଧିକ ସମୟ ଧରି ଚାଲିଛି। କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ର ୨୦୨୫ ବାର୍ଷିକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ୩୧ ଡିସେମ୍ବର ୨୦୨୫ ସୁଦ୍ଧା ସ୍ଥିତିକୁ ନେଇ ଏହି ତଥ୍ୟ ପ୍ରସ୍ତୁତ ହୋଇଛି। ରିପୋର୍ଟ ଅନୁସାରେ, ମୋଟ ବିଚାରାଧୀନ ୭,୨୨୯ ମାମଲା ମଧ୍ୟରୁ ୧,୬୧୨ଟି ୩ ବର୍ଷରୁ କମ୍ ସମୟ ଧରି ରହିଛି। ୮୬୦ଟି ମାମଲା ୩ରୁ ୫ ବର୍ଷ ମଧ୍ୟରେ ଏବଂ ୧,୯୦୧ଟି ୫ରୁ ୧୦ ବର୍ଷ ମଧ୍ୟରେ ବିଚାରାଧୀନ ଅଛି। ଦୁର୍ନୀତି ନିବାରଣ ଆଇନ ଅଧୀନରେ ଥିବା ୨,୪୪୭ଟି ମାମଲା ୧୦ରୁ ୨୦ ବର୍ଷ ହେଲା ପଡ଼ିରହିଛି। ଏହାଛଡ଼ା ୨୦ ବର୍ଷରୁ ଅଧିକ ପୁରୁଣା ୪୦୯ଟି ମାମଲାର ବିଚାର ଶେଷ ହୋଇନାହିଁ। ସିବିଆଇ ତଦନ୍ତ ସମ୍ପର୍କିତ ମାମଲାରେ ହାଇକୋର୍ଟ ଓ ସୁପ୍ରିମ୍କୋର୍ଟରେ ମଧ୍ୟ ବହୁ ସଂଖ୍ୟକ ଅପିଲ୍, ପୁନର୍ବିଚାର ଆବେଦନ ଓ ରିଟ୍ ଆବେଦନ ବିଚାରାଧୀନ ରହିଛି। ଏପରି ମାମଲାର ସଂଖ୍ୟା ୧୪,୦୮୩। ସେଥିରୁ ୭୩୯ଟି ୨୦ ବର୍ଷରୁ ଅଧିକ, ୧,୩୪୭ଟି ୧୫ରୁ ୨୦ ବର୍ଷ ଏବଂ ୩,୧୬୧ଟି ୧୦ରୁ ୧୫ ବର୍ଷ ଧରି ଅଟକିଛି। ଆଉ ୩,୮୫୪ଟି ମାମଲା ୫ରୁ ୧୦ ବର୍ଷ ହେଲା ବିଚାରାଧୀନ ରହିଛି।ସିଭିସି ରିପୋର୍ଟରେ ସିବିଆଇ ତଦନ୍ତରେ ବିଳମ୍ବର କେତେକ କାରଣ ମଧ୍ୟ ଦର୍ଶାଯାଇଛି। ବିଦେଶରୁ ସୂଚନା ପାଇଁ ପଠାଯାଉଥିବା ଚିଠିର ଉତ୍ତର ମିଳିବାରେ ବିଳମ୍ବ, ବିପୁଳ ପରିମାଣର ଦଲିଲ ଯାଞ୍ଚ, ବ୍ୟାଙ୍କ ଠକେଇ ଓ ଆର୍ଥିକ ଅପରାଧ ମାମଲାର ଜଟିଳତା ଏବଂ ଦୂରସ୍ଥ ଅଞ୍ଚଳରେ ଥିବା ସାକ୍ଷୀଙ୍କୁ ଖୋଜି ଜେରା କରିବା ଭଳି କାରଣରୁ ତଦନ୍ତରେ ସମୟ ଲାଗୁଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ୨୦୨୫ରେ ସିବିଆଇ ୧,୦୦୫ଟି ମାମଲା ରୁଜୁ କରିଥିଲା। ସେହି ବର୍ଷ ୬୫୪ଟି ମାମଲାର ନିଷ୍ପତ୍ତି ହୋଇଥିବାବେଳେ ୪୭୩ଟି ଦୁର୍ନୀତି ମାମଲାର ତଦନ୍ତ ଚାଲିଥିଲା। ସିବିଆଇ ପାଇଁ ସାଧାରଣତଃ ମାମଲା ରୁଜୁ ହେବାର ଏକ ବର୍ଷ ମଧ୍ୟରେ ତଦନ୍ତ ଶେଷ କରି ଆବଶ୍ୟକ ହେଲେ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିବା ଆଶା କରାଯାଏ।

## ଉତ୍ତରାଖଣ୍ଡରେ ରାହୁଲଙ୍କ ବିରୋଧରେ ଏତଲା ନେଇ ରାଜନୀତି ସରଗରମ

ଡେରାଡୁନ: ରାହୁଲ ଗାନ୍ଧୀଙ୍କ ବିରୋଧରେ ଦାୟର ହୋଇଥିବା ଏଫଆଇଆରକୁ ନେଇ ଉତ୍ତରାଖଣ୍ଡରେ ରାଜନୀତି ସରଗରମ ହେବାରେ ଲାଗିଛି। ମଙ୍ଗଳବାର କଂଗ୍ରେସ କର୍ମୀମାନେ ଏଫଆଇଆର ପ୍ରତ୍ୟାହାର ଦାବି କରି ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନରେ ପୁଷ୍କର ସିଂହ ଧାମି ସରକାରଙ୍କ ବିରୋଧରେ ଏକ ପ୍ରତିବାଦ ଶୋଭାଯାତ୍ରା ବାହାର କରିଥିଲେ ଏବଂ ସଚିବାଳୟ ଘେରାଉ କରିବାକୁ



ଚେଷ୍ଟା କରିଥିଲେ। ଏହି ସମୟରେ ପୁଲିସ କଂଗ୍ରେସ କର୍ମୀମାନଙ୍କୁ ଅଟକାଇବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ।କଂଗ୍ରେସ କର୍ମୀମାନେ ଡେରାଡୁନରେ ବିଜେପି ଏବଂ ଧାମି ସରକାରଙ୍କ ବିରୋଧରେ ପ୍ରତିବାଦ କରି ସ୍ଲୋଗାନ ଦେଇଥିଲେ ଏବଂ ଏସସି/ଏସଟି ଆଇନ ଅନୁଯାୟୀ ରାହୁଲ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆର ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।କଂଗ୍ରେସ କର୍ମୀମାନେ କହିଛନ୍ତି ଯେ ରାହୁଲ ଗାନ୍ଧୀ ସମ୍ବିଧାନ ଏବଂ ଦେଶର ଆଇନ ଅନୁସାରେ କଥା କହିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ରାଜନୈତିକ ଉଦ୍ଦେଶ୍ୟ ପ୍ରେରିତ।ରାହୁଲ ଗାନ୍ଧୀଙ୍କ ବିରୋଧରେ ଏହି ଏଫଆଇଆର ହଲଦ୍ୱାନୀର ଶୁଦ୍ଧିକରଣ ବିବାଦ ସହିତ ଜଡ଼ିତ। ପୁଲିସର ସୂଚନା ଅନୁଯାୟୀ, ବାଲ୍ମିକି ସମ୍ପ୍ରଦାୟର ଜଣେ ସଦସ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ବ୍ୟକ୍ତି ଜଣକ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ କାର୍ଯ୍ୟକ୍ରମକୁ ଜାତି ସହିତ ଯୋଡ଼ିଛନ୍ତି।

## ଆଫଗାନିସ୍ତାନ ବିପକ୍ଷ ଟି -୨୦ ଶୃଙ୍ଖଳା

# ଘୋଷଣା ହେଲା ଭାରତୀୟ ଦଳ

## ଶ୍ରେୟାସ ଅଧିନାୟକ, ଫେରିଲେ ସଞ୍ଜୁ, ବୁମରା

ନୂଆଦିଲ୍ଲୀ, ୧।୯ (ଏଜେନ୍ସି) : ଆଫଗାନିସ୍ତାନ ବିପକ୍ଷ ଟି -୨୦ ଶୃଙ୍ଖଳା ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ୧୫ ଜଣିଆ ଦଳ ଘୋଷଣା କରିଛି । ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ପରେ ବାଦ୍ ପଡିଥିବା ସଞ୍ଜୁ ସାମସନ୍ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତାଙ୍କ ସହ ଦ୍ରୁତ ବୋଲର ଯଶପ୍ରୀତ ବୁମରା ମଧ୍ୟ ଆଫଗାନିସ୍ତାନ ବିପକ୍ଷ ଟି -୨୦ ଶୃଙ୍ଖଳାରେ ନଜର ଆସିବେ । ଆହତ ସମସ୍ୟା ଯୋଗୁଁ ବୁମରା ବେଶ୍ କିଛି ମାସ ହେବ କ୍ରିକେଟରୁ ଦୂରେଇ ରହିଥିଲେ । କିନ୍ତୁ ସେ ଦଳକୁ ଫେରିଛନ୍ତି । ତଥାପି ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ଅଂଶଗ୍ରହଣ ତାଙ୍କ ଫିଟନେସ୍ ଉପରେ ନିର୍ଭର କରିବ । ଆହତ ସମସ୍ୟା ଯୋଗୁଁ ଆଇପିଏଲ୍ ପରଠାରୁ ଭାରତୀୟ ଦଳରୁ ବାଦ୍ ପଡିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାଁ ୧୫ ଜଣିଆ ଦଳରେ ନାହିଁ । ସେ ସମ୍ପୂର୍ଣ୍ଣ ଫିଟ୍ ନଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି । ହର୍ଷିତ ରାଣା, ୱାଶିଂଟନ ସୁନ୍ଦର ଓ ନୀତିଶ କୁମାର ରେଡ୍ଡୀ ଦଳରେ ଥିଲେ ହେଁ ସେମାନେ ଖେଳିବେ କି ନାହିଁ ତାହା ସେମାନଙ୍କ ଫିଟନେସ୍ ଉପରେ ନିର୍ଭର କରିବ । ଏହି ୩ ଖେଳାଳି ଓ ବୁମରା ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇନାହାଁନ୍ତି । କିନ୍ତୁ ସେମାନେ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ରଖାଯାଇଛି ।

୧୫ ବର୍ଷୀୟ ବିସ୍ମୟ ବାଳକ ବିହାରର ବୈଭବ ସୂର୍ଯ୍ୟବଂଶୀ ଜାତୀୟ ବରିଷ୍ଠ ଦଳରେ ନିଜର ସ୍ଥାନ ବଜାୟ ରଖିଛନ୍ତି । ଇଂଲଣ୍ଡ ବିପକ୍ଷରେ ସେ ଡେବ୍ୟୁ କରିଥିଲେ । ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା । ଏଥିପାଇଁ ଶ୍ରେୟାସରଙ୍କ ଭାରତୀୟ ଦଳରେ ବୈଭବ ନିଜର ସ୍ଥାନ ବଜାୟ ରଖିଛନ୍ତି । ତିଲକ ବର୍ମା ପୂର୍ବଭଳି ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ଅଭିଶେକ ଶର୍ମା, ଇଶାନ କିଶାନ, ଶିବମ୍ ଦୁବେ, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ ଓ ରବି ବିଷ୍ଣୋଇ ମଧ୍ୟ ୧୫ ଜଣିଆ ଦଳରେ ସ୍ଥାନ ପାଇଛନ୍ତି । ପ୍ରିନ୍ସ ଯାଦବଙ୍କ ବ୍ୟତୀତ ଜିମ୍ବାୱେ ବିପକ୍ଷ ଶୃଙ୍ଖଳା ଖେଳିଥିବା ଆଉ ୭ ଜଣ ଖେଳାଳିଙ୍କୁ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ସ୍ଥାନ ମିଳିନାହିଁ । ରିଙ୍କୁ ସିଂ, ସୂର୍ଯ୍ୟାଂଶ ସେଗେଡ, ହର୍ଶ ଦୁବେ, ପ୍ରଭସିମରନ ସିଂ, ଯସ୍ ଠାକୁର, ମୟଂଖ ଯାଦବ ଓ ଅଶୋକ ଶର୍ମା ଜିମ୍ବାୱେ ବିପକ୍ଷ ଶୃଙ୍ଖଳା ଖେଳିଥିଲେ । ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ୩ ଟିକିଆ ଟି -୨୦ ଶୃଙ୍ଖଳା ସେପ୍ଟେମ୍ବର ୧୩ ରୁ ଆରମ୍ଭ ହେବ । ଭାରତରେ ଏହା ଖେଳାଯାଉଥିଲେ ହେଁ ଆୟୋଜନ ଅଧିକାର ଆଫଗାନିସ୍ତାନକୁ ମିଳିଛି । ସେପ୍ଟେମ୍ବର ୧୩ , ୧୫ ଓ ୧୭ ତାରିଖରେ ତିନୋଟି ଯାକ ଟି -୨୦ ମ୍ୟାଚ ଦିଲ୍ଲୀରେ ଖେଳାହେବ ।




## ସ୍ଥାନ ପାଇଲେନି ହାର୍ଦ୍ଦିକ ପାଣ୍ଡ୍ୟା

## ଦୁଲିପ ଟ୍ରଫି

# ଫାଇନାଲରେ ଇଷ୍ଟଜୋନ୍



ବେଙ୍ଗାଲୁରୁ, ୧।୯ (ଏଜେନ୍ସି) : ଦୁଲିପ୍ ଟ୍ରଫିର ପ୍ରଥମ ସେମିଫାଇନାଲରେ ବାଜି ମାରିଛି ଇଷ୍ଟଜୋନ୍ । ସେଣ୍ଟ୍ରାଲ ଜୋନ ବିପକ୍ଷ ମ୍ୟାଚରେ ଇଷ୍ଟ ଜୋନ ୪ ୱିକେଟରେ ବିଜୟଲାଭ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶକରିଛି । ଉଭୟ ଇନିଂସରେ ୭ ୱିକେଟ୍ ଅକ୍ତିଆର କରିଥିବା ମୁକେଶ କୁମାରଙ୍କୁପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଛି । ଏହି ମ୍ୟାଚରେ ସେଣ୍ଟ୍ରାଲ ଜୋନ୍ ପ୍ରଥମ ଇନିଂସରେ ୨୬୬ ରନ କରିଥିଲା । ଜବାବ୍‌ରେ ଇଷ୍ଟଜୋନ୍ ସମାନ ୨୬୬ ରନ କରି ଇନିଂସ ଅଗ୍ରଣୀ ହୋଇପାରିନଥିଲା । ପୁଣି ସେଣ୍ଟ୍ରାଲ ଜୋନ୍ ଦ୍ୱିତୀୟ ଇନିଂସରେ ୧୫୮ ରନ କରି ଅଲଆଉଟ୍ ହେବାକୁ ଇଷ୍ଟ ଜୋନ୍ ସମ୍ମୁଖରେ ୧୫୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଦଳ ୧୬୨/୬ ରନ କରି ୪ୱିକେଟରେ ବିଜୟୀ ହୋଇଛି ।

ଇଷ୍ଟ ଜୋନ୍ ୧୫୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୬୧ ରନରେ ପ୍ରଥମ ୱିକେଟ ହରାଇଥିଲା । ପ୍ରଥମ ଇନିଂସରେ ୯୨ରନର ଇନିଂସ ଖେଳିଥିବା ବୈଭବ ସୂର୍ଯ୍ୟବଂଶୀ ଦ୍ୱିତୀୟ ଇନିଂରେ ୪୩ ବଲରୁ ୩ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୪୦ ରନ କରିଥିଲେ । ତାଙ୍କ ବ୍ୟତୀତ ଅଭିମନ୍ୟୁ ଇଶ୍ୱରନ୍ ୫୫ ବଲରୁ ୨୪ ରନ , ବିରାଟ ସିଂ ୧୨ ରନ, କୁମାର କୁସଂଗ୍ର ୨୨ ରନ, ଅଧିନାୟକ ଇଶାନ କିଶାନ ଅପରାଜିତ ୩୯ ରନ, ଅନୁକୂଳ ରୟ ୦, ସୁଦିପ କୁମାର ଘରମଣୀ ୧୪ ରନ, ମହମ୍ମଦ ସାମି ଅପରାଜିତ ୮ ରନ କରିବାରୁ ଇଷ୍ଟଜୋନ୍ ୩୯.୩ ଓଭରରେ ୧୬୨/୬ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ସେଣ୍ଟ୍ରାଲ ଜୋନ ପକ୍ଷରୁ ହର୍ଷ ଦୁବେଙ୍କୁ ସର୍ବାଧିକ ୪ ୱିକେଟ ସଫଳତା ମିଳିଥିଲା । ଏହି ମ୍ୟାଚରେ ବୈଭବ ଉଭୟଇନିଂସରେ ୧୦ ଛକା ଓ ୯ ଚୌକା ମାରି ପ୍ରଭାବ ବିସ୍ତାର କରିଥିଲେ ।

# ରୋହିତ ବାଛିବେ ଅଧିନାୟକ

ନୂଆଦିଲ୍ଲୀ, ୧।୯ (ଏଜେନ୍ସି) : ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ -ଇଣ୍ଡିଆନ୍ସ ପାଇଁ ଆଉ ଗୋଟିଏ ସିଜନ ଖେଳିପାରନ୍ତି । କିନ୍ତୁ ସେ ଆଉ ଦଳର ନେତୃତ୍ୱ ନେବେ ନାହିଁ । ତାଙ୍କ ସ୍ଥାନରେ ଅନ୍ୟ ଯୁବ ଖେଳିଙ୍କୁ ଦଳର ଗୁରୁ ଦାୟିତ୍ୱ ମିଳିପାରେ । ମୁମ୍ବାଇ -ଇଣ୍ଡିଆନ୍ସ ପାଇଁ ଅଧିନାୟକ ବାଛିବାର ବଡ ଦାୟିତ୍ୱ ରୋହତ ଶର୍ମାଙ୍କ ଉପରେ ନ୍ୟସ୍ତ ହୋଇଛି । ପାଣ୍ଡ୍ୟା ୨୦୨୭ ଆଇପିଏଲରେ ମଧ ମୁମ୍ବାଇ -ଇଣ୍ଡିଆନ୍ସରେ ରହିବାର ଅଧିକ ସମ୍ଭାବନା ଅଛି । କାରଣ ତାଙ୍କୁ ଅନ୍ୟ ଦଳକୁ ଟ୍ରେଡ କରିବା ପାଇଁ ଉପଯୁକ୍ତ ଡିଲହୋଇନଥିବାରୁ ପାଣ୍ଡ୍ୟା ମୁମ୍ବାଇ -ଇଣ୍ଡିଆନ୍ସରେ ରହିବେ । କିନ୍ତୁ ଦଳର ନେତୃତ୍ୱ ନେବେ ନାହିଁ । ମୁମ୍ବାଇକୁ ୫ ଟି ଆଇପିଏଲ ଟାଇଟଲ ଜିତାଇଥିବା ରୋହିତ ଶର୍ମା ପୁଣି ଥରେ ଅଧିନାୟକ ପଦ ଗ୍ରହଣ କରିବାକୁ ଆଗ୍ରହୀ ନାହାଁନ୍ତି । କିନ୍ତୁ ନୂଆ ଅଧିନାୟକବାଛିବା ପ୍ରକ୍ରିୟାରେ ସେ ମୁଖ୍ୟ ଭୂମିକାଗ୍ରହଣ କରିବେ । ଯଶପ୍ରୀତ ବୁମରା ଏବଂ ତିଲକ ବର୍ମା ଅଧିନାୟକ ଦୌଡରେ ଅଛନ୍ତି । ଉଭୟଙ୍କ ମଧ୍ୟରେ ତିଲକ ବର୍ମା ସବୁଠୁ ଆଗରେ ଅଛନ୍ତି । କେକେଆର କାମେରନ୍ ଗ୍ରୀନଙ୍କୁ ଟ୍ରେଡ୍ ଡିଲରେ ପ୍ରସ୍ତାବ ଦେଇଥିଲା । କିନ୍ତୁ ଗ୍ରୀନଙ୍କ କାର୍ଯ୍ୟଭାରକୁ ନେଇ ସନ୍ଦେହ ଥିବାରୁ ମୁମ୍ବାଇ ଏଥିରେ ଏକମତ ହୋଇନଥିଲା । ସେପଟେ ମୁଖ୍ୟ କୋଚ ନିଯୁକ୍ତି ପରେ ଚେନ୍ନାଇ ସହ ଆଲୋଚନା ହୋଇପାରେ । ଟ୍ରେଡ ସମ୍ଭାବନା କମ୍ ରହିଛି । ସେହିଭଳି ପାଣ୍ଡ୍ୟାଙ୍କ ବ୍ୟତୀତ ସୂର୍ଯ୍ୟକୁମାର ଯାଦବଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ହେଉଛି । ଗତ ସିଜନରେ ସୂର୍ଯ୍ୟକୁମାର ଭଲ ପ୍ରଦର୍ଶନ କରିପାରିନଥିଲେ । ତେବେ ଦଳ ନିଜର ୱାନ ଫ୍ୟାମିଲ ନୀତିରେ ବିଶ୍ୱାସ କରୁଥିବାରୁ ଗୋଟିଏ ଖରାପ ସିଜନ ପାଇଁସୂର୍ଯ୍ୟଙ୍କୁ ବାହାର କରିବ ନାହିଁ । ଏହା ସହ ମହେଲା ଜୟବର୍ଦ୍ଧନେ ମୁଖ୍ୟ କୋଚ ଭାବେନିଜର ଦାୟିତ୍ୱ ତୁଲାଇବେ । ଅନ୍ୟପଟେ ଆଇପିଏଲ ୨୦୨୭ ମେଗା ନିଲାମ ଥିବାରୁ ମୁମ୍ବାଇ ଆଗୁଆ ଦଳରେ ବଡ ଧରଣର ପରିବର୍ତ୍ତନ କରିବାକୁ ଚାହୁଁନାହିଁ ।

# ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ୮ ପଡିଆରେ ଏକକାଳିନ ଉଦ୍‌ଘାଟିତ



ବଲାଙ୍ଗିର, ୦୧।୯ (ସବ୍ୟୁ) : ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ୮ ଗୋଟି ପଡିଆରେ ଫୁଟବଲ ଖେଳ ଏକକାଳିନ ଉଦ୍ଘାଟିତ ହୋଇଯାଇଛି । ଚୁଡାପାଲି ହାଇସ୍କୁଲ ପଡିଆରେ ରେଙ୍ଗଟାସିଲ ୪-୧ ଗୋଲ ରେ ଭୁଣ୍ଡିମୁହାଣ କୁ ହରାଇଲା । ଅତିଥି ଭାବେ ପୂର୍ବତନ ଖେଳାଳି ଲୋକନାଥ କୁମୁରା, ନିଳମଣି ଦଣ୍ଡସେନା, ଦିଲିପ ବେହେରା, ମନୋଜ ମଲ, ବୁଦ୍ଧଦେବ ନାଏକ ଓ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଖଜୁରପଡା ୧-୦ ଗୋଲରେ ବ୍ଲେସିଙ୍ଗଷ୍ଟାରକୁ ହରାଇଲା । ଅତିଥି ଭାବେ ଟିଟିଲାଗଡ ଏଥେଲେଟିକ୍ ଏସୋସିଏସନ ସଭାପତି ରାଧାକାନ୍ତ ପାଢି ଯୋଗ ଦେଇଥିଲେ । ଖୁଜେନପାଲି ପଡିଆରେ କୁରୁଲ ୩-୦ ଗୋଲରେ ରିସନ କାଲସାଏପାଲି କୁ ହରାଇଲା । ଅତିଥି ଭାବେ ଖୁଜେନପାଲି ସରପଂଚ ଗଂଜିତା ପାଣିଗ୍ରାହୀ ଓ ସୁରେଶ ଚନ୍ଦ୍ର ସିଂ ଯୋଗ ଦେଇଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସାଇଟ ସଦାଇପାଲି ୨-୧ ଗୋଲରେ ଛତାବାହାଲ କୁ ହରାଇଲା । ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍ଘାଟନ କରିଥିବା ବେଳେ ଅତିଥି ଭାବେ ସାଇଟ ସଂପାଦକ ଡା. ନାରାୟଣ ପ୍ରସାଦ ମିଶ୍ର, ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର ଓ ଅଧକ୍ଷ ସନ୍ତୋଷ କୁମାର ବ୍ରହ୍ମା ଯୋଗ ଦେଇଥିଲେ । ଟାଉନ ହାଇସ୍କୁଲ ପଡିଆରେ ଗେର୍ଡି ୩-୨ ଗୋଲରେ ଫଟାମୁଣ୍ଡାକୁ ହରାଇଲା । କ୍ରୀଡା ସଂସଦର ଉପସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର ଉଦ୍ଘାଟନ କରିଥିବା ବେଳେ ଅତିଥି ଭାବେ ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ପ୍ରଭାତ କୁମାର ମିଶ୍ର ଓ କୋଷାଧକ୍ଷ ହେମନ୍ତ ବେହେରା ଯୋଗ ଦେଇଥିଲେ । ଜରାସିଂହା ମିନି ଷ୍ଟାଡିୟମରେ ଚନ୍ଦ୍ରପୁର ୨-୦ ଗୋଲରେ ବଡଙ୍ଗୋମୁଣ୍ଡାକୁ ହରାଇଲା । ବିଏନ୍‌ଏଏ ସଭାପତି ତ୍ରୈଲୋଚନ ବଗର୍ତ୍ତି, ସଂପାଦକ ରାଜ କିଶୋର ସେଠ ଓ ପୂର୍ବତନ ଖେଳାଳି ଅଶୋକ ଥନାପତି ଅତିଥି ଭାବେ ଯୋଗ ଦେଇଥିଲେ । ଲୋଇସିଂହା ମିନି ଷ୍ଟାଡିୟମରେ ତେତେଲଖୁଣ୍ଟି ୨-୦ ଗୋଲରେ ଫାସଡକୁ ହରାଇଲା । ଅତିଥି ଭାବେ ଯୁବ ନେତା ଦିଲିପ କୁମାର ବେହେରା ଓ ସ୍ମିତା ମିଶ୍ର ଯୋଗ ଦେଇଥିଲେ । ହଲଦି ପଡିଆରେ ଟିକ୍ରାପଡା ୧-୦ ଗୋଲ ରେ ସିହିନି କୁ ହରାଇଲା । ଅତିଥି ଭାବେ ମୁରିବାହାଲ ବ୍ଲକ ଚେୟାରମେନ ହରିବନ୍ଧୁ ମେହେର, ଲେବଡା ପିଏଚ୍ସି ଡା. ସତିଶ ଚନ୍ଦ୍ର ମେହେର ଓ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ । ଖେଳକୁ ବୈକୁଣ୍ଠ ଜେନା, ଅଭିଷେକ ପ୍ରଧାନ, ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଦେବରାଜ ନାହାକ, ବିନୋଦ ପ୍ରଧାନୀ, ମୋହନ ପ୍ରଧାନୀ, ପ୍ରିତମ ନାଏକ, ରାଜେଶ ସ୍ୱାଇଁ, ଧ୍ରୁବଲେଶ୍ୱର ଦଲବେହେରା, ସଂଜିବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ, ସୁଧାଂଶୁ ସେଠ, ସୁନିଲ ଚନ୍ଦ୍ର ବିଶ୍ୱାଲ, ସଂଜନ କୁଦେଇ, ଦୋଳଗୋବିନ୍ଦ ମୁଣ୍ଡା, ଶୁଶାନ୍ତ ନାଗ, ରେବତି ରମନ ବାଙ୍କ, ଅବଦୁଲ ମୁଜିବ, ସତ୍ୟ ଦଣ୍ଡସେନା, ଭୁବନେ ଭୋଇ, ଡୋଳାମଣି ବଗର୍ତ୍ତି, କୁନ୍ତେ ମେହେର, ଉଜ୍ଜଳ ଝାଙ୍କର, ପାଣ୍ଡବ ବିଶି, ରିଙ୍କୁ ବିଶି, ଗୌରହରି ପୁଟେଲ, ପ୍ରତାପ ଭୁକ୍ତା, ଦେବାଶିଷ ବାଗ, ବିକି ବିଶି, ଉମେଶ ଭୋଇ, ଧନେଶ୍ୱର ସେଠ, ନରସିଂସ୍ୱାମୀ ନାଇଡୁ, ବିଜୟ ରଣା, ଅଞ୍ଜନ ବେସ୍ରା, ରୋଶନ ମେହେର, ଭୋଲାନାଥ ନାଏକ ଓ ପ୍ରତୀପ ବଗର୍ତ୍ତି ଖେଳ ପରିଚାଳନା କରିଥିଲେ ।

## ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଛାତ୍ର ଦିବ୍ୟାଂଶୁ ରାଜ୍ୟସ୍ତରକୁ ମନୋନୀତ

ନୟାଗଡ଼ ,(ସବ୍ୟୁ): ନୟାଗଡ଼ ଜିଲ୍ଲାସ୍ତରୀୟ ଲେଭେଲ-୩ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରି ଖଣ୍ଡପଡ଼ା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ପରମଗୁରୁ ରାଜ୍ୟସ୍ତରୀକୁ ମନୋନୀତ ହୋଇଥିବା ଜଣାଯାଇଛି । ଛାତ୍ରଙ୍କ ଏହି ବିଶେଷ ସଫଳତାକୁ ନେଇ ଅନୁଷ୍ଠାନ କର୍ତ୍ତୃପକ୍ଷ ଗର୍ବ ଅନୁଭବ କରିବା ସହ ତାର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଏଥିସହ ନୟାଗଡ ଜିଲ୍ଲାପାଳ ମଧୁମିତା ରଥ ଓ ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ସୁଜାତା ସାହୁଙ୍କ ଉପସ୍ଥିତିରେ ସଂପୃକ୍ତ ଛାତ୍ରକୁ ପ୍ରମାଣପତ୍ର ସହ ଏକ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି ।

## ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

କେନ୍ଦୁଝର, ,(ସବ୍ୟୁ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଜିଲ୍ଲା ଦଳ ଚୟନ ଆସନ୍ତା ୩ ତାରିଖ ଗୁରୁବାର ଦିନ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣ ପତ୍ର (ଜନ୍ମ ସାର୍ଟିଫିକେଟ / ହାଇ ସ୍କୁଲ ସାର୍ଟିଫିକେଟ / ଆଧାର କାର୍ଡ) ସହ ନିଜର ଖେଳ ଉପକରଣ ଧରି ଫୁଟବଲ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ନିକଟରେ ଜିଲ୍ଲା କ୍ରୀଡା ସଂସ୍ଥା କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୯ ଟାରେ ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ସବିଶେଷ ବିବରଣୀ ପାଇଁ ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୋବାଇଲ ନମ୍ବର ୯ ୯୩୭୧୨୮୨୦୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ଇଙ୍ଗା କପ୍ ଫୁଟବଲ

## ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ବିଜୟୀ

ଭୁବନେଶ୍ୱର, ୧।୯ (ସବ୍ୟୁ) : ସ୍ଥାନୀୟ ଲୋକସଭା ଭବନ ଖେଳ ପଡିଆରେ ଆୟୋଜିତ ଇଙ୍ଗାକପ୍ ଆନ୍ତଃ ବିଭାଗୀୟ ୫ ଏ ସାଇଡ୍ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ୩-୨ ଗୋଲରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ପରାଜିତ କରିଛି । ଭଲ ପ୍ରଦର୍ଶନ କରିଥିବା ଦୁଷ୍ମନ୍ତ ମାରାଣ୍ଡିଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ ସ୍ୱରାଷ୍ଟ୍ର ବିଭାଗ ୪-୦ ଗୋଲରେ ଜଳସମ୍ପଦ ବିଭାଗ ଓ ପରାଜିତ କରିଛି । ଶୈଳେନ୍ଦ୍ର ନାୟକଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ତୃତୀୟ ମ୍ୟାଚରେ ସଂସଦୀୟ ବ୍ୟାପାର ବିଭାଗ ୩-୦ଗୋଲରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗକୁ ପରାଜିତ କରିଛି । ଅତିଥି ଭାବେ କୁମାର ନାୟକ, ସଞ୍ଜୀବ ମିଶ୍ର ଓ ଜଗଦିଶ ଖଟୁଆ ଯୋଗ ଦେଇ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ରାଜେନ୍ଦ୍ର ବାରିକ, ଅମିତ ନାୟକ, ସରୋଜ ମହାରଣା ଖେଳ ପରିଚାଳନା କରିଥିଲେ ।

# ଭୁବନେଶ୍ୱରରେ ପ୍ରଥମଥର ଜିଲ୍ଲାସ୍ତରୀୟ ପାରା ସିଟିଂ ଭଲିବଲ୍

ଭୁବନେଶ୍ୱର, ୧।୯ (ସବ୍ୟୁ) : ଓଡ଼ିଶାର ସମସ୍ତ ଜିଲ୍ଲାରୁ ଜିଲ୍ଲାୱାରୀ ପାରା ଭଲିବଲ ଦଳକୁ ଏକତ୍ରିତ କରି ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରରେ ଆଜି ଜିଲ୍ଲାସ୍ତରୀୟ ପାରା ସିଟିଂ ଭଲିବଲ୍ ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି ଆୟୋଜନରେ ବିଭିନ୍ନ ଜିଲ୍ଲାରୁ ୧୭ଟି ଦଳ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଉତ୍କଳ କରାଟେ ସ୍କୁଲର ସେକ୍ରେଟାରୀ କମ୍ ହେଡ୍ କୋଚ୍ ହରିପ୍ରସାଦ ପଟ୍ଟନାୟକ ଗେଷ୍ଟ ଅଫ୍ ଅନର ଭାବେ ଉପସ୍ଥିତ ରହି ଦିବ୍ୟାଙ୍ଗ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ଜିଲ୍ଲାର ସଭାପତି, ସେକ୍ରେଟାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ଓ ଗୌରବମୟ କରିଥିଲେ । ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଓଡ଼ିଶାରେ ପୂର୍ବରୁ ଏଭଳି ବ୍ୟାପକ ଭାବରେ ଜିଲ୍ଲାସ୍ତରରେ ପାରା ସିଟିଂ ଭଲିବଲ୍ ଆୟୋଜନ ହୋଇନଥିବା ବେଳେ ଏହି ପ୍ରୟାସ ପାରା କ୍ରୀଡ଼ା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ କରିଛି । ଏପର୍ଯ୍ୟନ୍ତ ଅନେକ କ୍ରୀଡ଼ାବିତଙ୍କୁ ଜିଲ୍ଲାସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ପର୍ଯ୍ୟାପ୍ତ ସୁଯୋଗ ମିଳୁନଥିଲା । ଫଳରେ ସ୍କୁଲ୍ରୁ କଲେଜ୍କୁ ଯିବା ପୂର୍ବରୁ ଯେପରି ମଧ୍ୟବର୍ତ୍ତୀ ପର୍ଯ୍ୟାୟ ରହେ, ସେହିପରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଅଭିଜ୍ଞତା ବିନା ସିଧାସଳଖ ରାଜ୍ୟସ୍ତରରେ ଖେଳିବାକୁ ପଡୁଥିଲା । ସରକାରଙ୍କ ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରି ଆଗକୁ ଆଣିବାର



ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପାରା ଭଲିବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଏହି ଆୟୋଜନ ଏକ ଛୋଟ କିନ୍ତୁ ଦୃଢ଼ ପ୍ରୟାସ । ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରତିଭାବାନ ପାରା କ୍ରୀଡ଼ାବିତଙ୍କୁ ଚିହ୍ନଟ କରି ରାଜ୍ୟ ଓ ଜାତୀୟସ୍ତରକୁ ନେବା ଏହାର ମୁଖ୍ୟ ଲକ୍ଷ୍ୟ । ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ାବିତମାନଙ୍କ ସହ ଆଲୋଚନା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତା ସାମ୍ନାକୁ ଆସିଛି—ପାରା କ୍ରୀଡ଼ାବିତଙ୍କ ପାଖରେ ପ୍ରତିଭାର ଅଭାବ ନାହିଁ, ଅଭାବ ରହିଛି ଆର୍ଥିକ ସହାୟତା ଓ ନିରନ୍ତର ସୁଯୋଗର । ପ୍ରଶିକ୍ଷଣ, ଯାତାୟାତ, ଖାଦ୍ୟ, କ୍ରୀଡ଼ା ସାମଗ୍ରୀ ଓ ବିଭିନ୍ନ ପ୍ରତିଯୋଗିତାରେ ଯୋଗଦାନ ପାଇଁ ହେଉଥିବା ଖର୍ଚ୍ଚ ଅନେକ ପାରା କ୍ରୀଡ଼ାବିତଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ । ଅର୍ଥନୈତିକ ସୀମାବଦ୍ଧତା ଯେପରି ପ୍ରତିଭାର ରାସ୍ତାରେ ପ୍ରାଚୀର ହୋଇ ନ ଠିଆ ହୁଏ, ସେଥିପାଇଁ ସମାଜ, ସରକାର ଓ କ୍ରୀଡ଼ା ସଂଗଠନମାନଙ୍କ ମିଳିତ ସହଯୋଗ ଆବଶ୍ୟକ । କେବଳ ପ୍ରତିଭା ଚିହ୍ନଟ କରିବା ଯଥେଷ୍ଟ ନୁହେଁ; ସେହି ପ୍ରତିଭାକୁ ପ୍ରଶିକ୍ଷଣ ଦେବା, ପ୍ରତିଯୋଗିତାରେ ପହଞ୍ଚାଇବା ଏବଂ ଆବଶ୍ୟକ ଆର୍ଥିକ ସହାୟତା ଦେବା ମଧ୍ୟ ସମାନ ଭାବେ ଜରୁରୀ । ଆଜିର ଆୟୋଜନରୁ ମିଳିଥିବା ଅଭିଜ୍ଞତା ପାରା ଭଲିବଲ୍ର ଭବିଷ୍ୟତ ପାଇଁ ଏକ ଆଶାର କିରଣ ସୃଷ୍ଟି କରିଛି । ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା, କୋଚ୍, ଖେଳାଳି ଓ ସହଯୋଗୀମାନଙ୍କ ଏକତ୍ରିତ ପ୍ରୟାସ ଆଗାମୀ ଦିନରେ ଓଡ଼ିଶାର ପାରା ଭଲିବଲ୍କୁ ଆହୁରି ଶକ୍ତିଶାଳୀ କରିବ ।

ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

# ସେପ୍ଟେମ୍ବର ୩ ରୁ ରାଜ୍ୟ ଯୁବ ବାସ୍କେଟ୍ ବଲ ପ୍ରତିଯୋଗିତା

ଭୁବନେଶ୍ୱର, ୧।୯ (ସବ୍ୟୁ) : ଓଡିଶା ବାସ୍କେଟ ବଲ ଆସୋସିଏସନ୍ ଏବଂ ଟାଇମ୍ସ ସ୍କଲାର୍ସ ଗୁରୁକୂଳ ମିଳିତ ସହଯୋଗରେ ସେପ୍ଟେମ୍ବର ୩ ରୁ ୬ ତାରିଖ ପର୍ଯ୍ୟନ୍ତ ଗୋଠ ପାଟଣାସ୍ଥିତ ଟାଇମ୍ସ ସ୍କଲାର୍ସ ଗୁରୁକୂଳ ସ୍କୁଲ ପରିସରରେ ୩୯ତମ ଓଡିଶା ରାଜ୍ୟ ଯୁବ ବାସ୍କେଟ ବଲ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୫୦ ଟି ଦଳ ଅଂଶଗ୍ରହଣ କରିବେ । ଏଥିରେ ୩୨ ଟି ବାଳକ ଓ ୧୮ ଟି ବାଳିକା ଦଳ ରହିଛନ୍ତି । ୧୭ ବର୍ଷରୁ କମ୍ ବର୍ଗର ମୋଟ ୭୫୦ ଜଣ ଯୁବ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ୪ ଦିନିଆ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ୫୦ ଜଣ ମ୍ୟାଚ ଅଫିସିଆଲ ନିୟୋଜିତ ହେବେ । ପ୍ରତିଯୋଗିତାରେ ବାଳକ ଓ ବାଳିକା ଉଭୟ ବର୍ଗର ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର,



ରନର୍ସଅପ୍ ଦଳକୁ ଟ୍ରଫି ସହ ୫ ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ସହ ୨ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ । ଏଥି ସହ ଉଭୟ ବର୍ଗଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ଯୁବ ବାସ୍କେଟ ବଲ ଖେଳାଳିଙ୍କୁ ଏକ ଉତ୍ତମ ମଞ୍ଚ ପ୍ରଦାନ କରିବା ସହିତ ରାଜ୍ୟରେ ବାସ୍କେଟ ବଲ କ୍ରିଡାର ବିକାଶ ଓ ପ୍ରଚାର ପ୍ରସାର କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟ ବାଳକ ଓବାଳିକା ଦଳ ଚୟନ ହେବ । ବାଳକ ବର୍ଗରୁ ୧୨ ଜଣ ଓ ବାଳିକା ବର୍ଗରୁ ୧୨ ଖେଳାଳିଙ୍କୁ ଚୟନ କରାଯିବ । ଆଗାମୀ ଅକ୍ଟୋବର ଶେଷ ସପ୍ତାହରେ ମହାରାଷ୍ଟ୍ରର ପୁନେଠାରେ ହେବାକୁ ୪୧ ତମ ହେବାକୁ ଥିବା ଯୁବ ବାସ୍କେଟ ବଲ ପ୍ରତିଯୋଗିତାରେ ଓଡିଶାର ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବେ । ତେଣୁ ରାଜ୍ୟ ଯୁବ ବାସ୍କେଟ ବଲ ପ୍ରତିଯୋଗିତା ଖେଳାଳିଙ୍କ ପାଇଁ ଜାତୀୟ ପ୍ରତିଯୋଗିତାରେ ସୁଯୋଗ ପାଇବାରେ ମାଧ୍ୟମ ସାଜିବ । ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ବାସ୍କେଟ୍ ବଲ ଆସୋସିଏସନ୍ ସଭାପତି ଜ୍ଞାନରଞ୍ଜନ ପରିଡା, ସମ୍ପାଦକ ଅଶୋକ କୁମାର ସାହୁ, ଟାଇମ୍ସ ଗୁରୁକୂଳର ପ୍ରତିଷ୍ଠାତା ସାରଦାପ୍ରସାଦ ମିଶ, ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ରାଜ୍ୟରେ ଅନ୍ୟାନ୍ୟ ସ୍କୁଲଗୁଡିକ ଭଳି ଟାଇମ୍ସ ଗୁରୁକୂଳରେ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ ସହ କ୍ରୀଡାକୁ ଗୁରୁତ୍ୱ ଦିଆଯାଉଛି । କବାଡି, ବାସ୍କେଟ ବଲ, ଖୋଖୋ, ଦୌଡକୁଦ, ସନ୍ତରଣ ଆଦି କ୍ରୀଡାକୁ ଗୁରୁତ୍ୱ ଦିଆଯାଉଛି । ସ୍କୁଲ ସ୍ତରରେ ଟାଇମ୍ସ ଗୁରୁକୂଳର ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ ସଫଳତା ଅର୍ଜନ କରିଛନ୍ତି । କ୍ରୀଡାକୁ ଜୀବନର ଏକ ଅଂଶ କରିବା ପାଇଁ ସ୍କୁଲ ପକ୍ଷରୁ ଉନ୍ନତମାନର ଭିତ୍ତିଭୂମି ତଥା ୫ /୬ ଜଣ ପ୍ରଶିକ୍ଷକଙ୍କୁ ଭିନ୍ନ ଭିନ୍ନ କ୍ରୀଡା ପାଇଁ ନିଯୁକ୍ତ କରାଯାଇଛି । ପ୍ରଥମ ଥର ଟାଇମ୍ସ ସ୍କଲାର୍ସ ଗୁରୁକୂଳ ସ୍କୁଲରେ ରାଜ୍ୟ ଯୁବ ବାସ୍କେଟ ବଲ ପ୍ରତିଯୋଗିତା ଆୟୋଜନ ହେଉଥିବାରୁ ସ୍କୁଲର ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ଖୁସିବ୍ୟକ୍ତ କରିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି